ସମ୍ରାଟ ଚନ୍ଦ୍ରଗୁପ୍ତ
ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ

ସମ୍ରାଟ ଚନ୍ଦ୍ରଗୁପ୍ତ

ନାଟ୍ୟକାର—

ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ

ଏମ୍. ଏ. ଏଲ୍. ଏଲ୍. ବି

ଆଡ୍‌ଭୋକେଟ୍, ପୁରୀ

ଶ୍ରୀ କ୍ଷୀରୋଦ ଚନ୍ଦ୍ର ମିଶ୍ର, ଏମ୍. ଏ, (ପୁରୀ)

ନିର୍ଦ୍ଦେଶକ— ଶ୍ରୀ କୃଷ୍ଣଚନ୍ଦ୍ର ସିଂ

(ସ୍ୱର୍ଣ୍ଣପଦକ ପ୍ରାପ୍ତ)

ସାଥୀ ପ୍ରକାଶନ
ଏ ଓଡ଼ିଆ ବଜାର, କଟକ

ପ୍ରଥମ ସଂସ୍କରଣ-୧୯୮୨

ଶ୍ରୀ ଶ୍ରୀ ଧବଳେଶ୍ୱର ପ୍ରେସ, କଟକ-୧

ମୂଲ୍ୟ:- ସାଢ଼େ ଟଙ୍କା

SAMRAT CHANDRAGUPTA

Sri Purna Chandra Kanungo

ଅନ୍ତରଙ୍ଗ ବନ୍ଧୁ—

ସ୍ୱର୍ଣ୍ଣପଦକ ପ୍ରାପ୍ତ, ସ୍ୱନାମଧନ୍ୟ

ନିର୍ଦ୍ଦେଶକ

৺ **ଶ୍ରୀ କୃଷ୍ଣଚନ୍ଦ୍ର ସିଂଙ୍କର**

ସ୍ମୃତି ଉଦ୍ଦେଶ୍ୟରେ···

ଯାହାଙ୍କର ବଳିଷ୍ଠ ନିର୍ଦ୍ଦେଶନାରେ ପ୍ରଥମଥର ପାଇଁ

ମଞ୍ଚସ୍ଥ ହୋଇଥିଲା ଏଇ ନାଟକ···

"ସମ୍ରାଟ ଚନ୍ଦ୍ରଗୁପ୍ତ"

ସାଫଲ୍ୟର ଜୟମାଲ୍ୟ ଧରି—

ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନଗୋ

—ନାଟ୍ୟକାର—

୧୪-୧୧-୮୧

'କୃଷ୍ଣଚୂଡ଼ା'
ପୁରୀ
୧୪-୧୧-୮୧

ନିଜ କଥା

ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ବହୁ ଚିଠି ପାଉଛି—ସମ୍ରାଟ ଚନ୍ଦ୍ରଗୁପ୍ତ କେବେ ପ୍ରକାଶ ପାଇବ—? ଅନେକଙ୍କୁ ଉତ୍ତର ଦେଇଛି—ଆଉ କେତେକଙ୍କୁ ବି ଦେଇ ପାରିନି—ସମସ୍ତଙ୍କଠାରୁ କ୍ଷମା ଚାହୁଁଛି—କାରଣ ଏ ନାଟକ ମଞ୍ଚସ୍ଥ ହେବାର ପ୍ରାୟ ସାତବର୍ଷ ପରେ ଆଜ ପ୍ରକାଶ ପାଇବାକୁ ଯାଉଛି—ଏ ଦୀର୍ଘ ବିଳମ୍ବ ବିଷୟରେ ମୁଁ ସଚେତନ...ଏ ନାଟକ ପ୍ରଥମଥର ପାଇଁ ପୁରୀ ଜିଲ୍ଲା ପୋଲିସ୍ ଡ୍ରାମାଟିକ୍ ରିକ୍ରିଏସନ୍ କ୍ଲବ ଦ୍ୱାରା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହେଲା ବୋଧହୁଏ, ୧୯୭୪ ମସିହାରେ—ନିର୍ଦ୍ଦେଶନା ଦେଇଥିଲେ ଶ୍ରୀ କୃଷ୍ଣଚନ୍ଦ୍ର ସିଂ...ତା ପରେ ବୋଧହୁଏ ୨।୩ ବର୍ଷ ପରେ ପୁଣି ଥରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଏ ନାଟକ ରିକ୍ରିଏସନ୍ କ୍ଲବ ଦ୍ୱାରା—ସେଇ ନିର୍ଦ୍ଦେଶକ— ଶ୍ରୀ କୃଷ୍ଣଚନ୍ଦ୍ର ସିଂ...ସାଫଲ୍ୟର ବରମାଲ୍ୟ ନେଇ ପାଣ୍ଡୁଲିପି ଅବସ୍ଥାରେ ଏ ନାଟକ ଦୁଇଥର ମଞ୍ଚସ୍ଥ ହେଲା—ତଥାପି ପ୍ରେସ କପି କରି ଛାପିବାକୁ ଦେଇପାରି ନଥିଲି—କାରଣ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହେଲାପରେ ମୋର ହାତ-ଲେଖା ମୂଳ ପାଣ୍ଡୁଲିପିଟି କେଉଁଆଡ଼େ ହଜିଗଲା...ବହୁ ଖୋଜାଖୋଜି ପରେ ପ୍ରଥମେ ଯେଉଁ ଅନାବନା କାଗଜରେ ନାଟକର ଜନ୍ମ ଜାତକ ସୃଷ୍ଟି କରିଥିଲି ତାକୁ ପାଇଲି—କିନ୍ତୁ ତାକୁ ପୁଣିଥରେ ଲେଖି ପାଣ୍ଡୁଲିପି ପ୍ରସ୍ତୁତ କରିବାର ଧୈର୍ଯ୍ୟ ଓ ସମୟ ମୋର ନଥିଲା...ହଠାତ୍ ଦୁଇମାସ

ତଳେ ଭୁବନେଶ୍ୱରର "Treasury Directorate Cultural Association" ର କର୍ମକର୍ତ୍ତାମାନେ ମତେ ଏଇ ନାଟକଟିକୁ ମଞ୍ଚସ୍ଥ କରିବାକୁ ମାଗିଲେ—ତାଙ୍କୁ ସବୁକଥା କହି ଫେରାଇ ଦେବାକୁ ଚାହିଁଥିଲି—କିନ୍ତୁ ସେମାନଙ୍କର ଏକାଜିଦ୍—ଏଇ ନାଟକ କରିବେ—ବାଧ୍ୟ ହେଲି ସେଇ ଅନାବନା କାଗଜରୁ ପୁଣିଥରେ ପାଣ୍ଡୁଲିପି ପ୍ରସ୍ତୁତ କରିବାରେ—ସେମାନଙ୍କର ଆନ୍ତରିକ ନିଷ୍ଠା ମତେ ପ୍ରେରଣା ଦେଲା—ପାଣ୍ଡୁଲିପିର ଲେଖା ଶେଷ ହେଲା—ଏଇ ମାସ ୯ ଓ ୧୦ ତାରିଖରେ ରବୀନ୍ଦ୍ର ମଣ୍ଡପରେ ପୁଣିଥରେ ଜୀବନ୍ୟାସ ପାଇଲା ସମ୍ରାଟ ଚନ୍ଦ୍ରଗୁପ୍ତ—ସଫଳତାର ନିନ୍ଦାବଣାରେ ଅନେକ ଜୁଆର ଉଠିଲା—ଦେଖିବାର ଇଚ୍ଛାଥିଲେ ବି ଯାଇପାରିଲିନି—ଏଥର ନାଟକର ନିର୍ଦ୍ଦେଶନା ଦେଇଥିଲେ—

ଶ୍ରୀ ନୃସିଂହ ଚରଣ ମହାନ୍ତି

ବିଭିନ୍ନ ସମୟରେ ଅଭିନୟରେ ଯେଉଁମାନେ ଅଂଶ ଗ୍ରହଣ କରିଥିଲେ ସେମାନଙ୍କର ନାମ ମୋର ମନେ ନାହିଁ—ଯେଉଁ କେତେଜଣଙ୍କର ନାମ ମନେ ଅଛି ସେମାନେ ହେଲେ ଶ୍ରୀଯୁକ୍ତ ହୃଦୟକୃଷ୍ଣ ଷଡ଼ଙ୍ଗୀ, ଯେ ଚାଣକ୍ୟ ଭୂମିକାରେ ପୁରୀରେ ଏବଂ ରବୀନ୍ଦ୍ର ମଣ୍ଡପରେ ଅଭିନୟ କରିଥିଲେ—(ପୋଲିସ ଡ୍ରାମାଟିକ୍ କ୍ଲବ) ତାଙ୍କ ଛଡ଼ା ପ୍ରଥମ ଅଭିନୟ ରଜନୀରେ, ଚନ୍ଦ୍ରଗୁପ୍ତ ଭୂମିକାରେ ଶ୍ରୀଯୁକ୍ତ ଅନାଦି ସାହୁ, I. P. S. ସେଲୁ୍ୟକସ୍ ଭୂମିକାରେ ଶ୍ରୀଯୁକ୍ତ ପି:ସି: ମହାପାତ୍ର—ସିକନ୍ଦର ଭୂମିକାରେ ଶ୍ରୀ ଅମରେନ୍ଦ୍ର ଚୌଧୁରୀ—ନନ୍ଦ ଭୂମିକାରେ ଶ୍ରୀ ଏମ୍. ଏମ୍. ପଟ୍ଟନାୟକ—ଆଣ୍ଟାଗୋନସ୍ ଭୂମିକାରେ ଶ୍ରୀଯୁକ୍ତ ଦିଲୀପ୍ ରଥ—କାତ୍ୟାୟନ ଭୂମିକାରେ ଶ୍ରୀ ହରିହର ବହିଦାର ଓ ମୁରା ଭୂମିକାରେ ଶ୍ରୀମତୀ ଲକ୍ଷ୍ମୀ ଦେବୀ(କ) ଅଭିନୟ କରିଥିଲେ—ଅନ୍ୟ ଚରିତ୍ରମାନଙ୍କରେ କିଏ ଅଭିନୟ କରିଥିଲେ ମନେ ପଡ଼ୁନି—ସେଥିପାଇଁ ସେମାନଙ୍କ ନିକଟରୁ କ୍ଷମା ଚାହୁଁଛି ।

ଏଇ ନାଟକ ଆଜି ପ୍ରେସକୁ ଦେଉଛି ପ୍ରକାଶ ପାଇଁ—ବହି ବାହାରିବ—ହୁଏତ ସୁନାମ ମିଳିବ—କିନ୍ତୁ ଯାହା ପାଇଁ ଏ ନାଟକ ସୁନାମ ପାଇବ ସେ ଆଉ ନାହିଁ—ପାଞ୍ଚଦିନ ତଳେ କାଗଜରେ ପଢ଼ିଲି, କୃଷ୍ଣ ଆଉ ନାହିଁ । ନିର୍ଦ୍ଦେଶକ ବନ୍ଧୁ କୃଷ୍ଣ ସିଂକୁ ଭୁଲି ପାରିବିନି—ତାର ବ୍ୟବହାର, ତାର ହସ ହସ କଥା, ତାର ସେ ଭାଇ ଡାକ ଅଭୁଲା ରହିଯିବ—ଓଡ଼ିଆ ଆଜି ଜଣେ ବଳିଷ୍ଠ ନିର୍ଦ୍ଦେଶକକୁ ହରାଇଲା—ଯାହାର ସ୍ଥାନ ପୂରଣ ହେବାକୁ ହୁଏତ ଦୀର୍ଘଦିନ ଲାଗିବ—ସେ ଥିଲା ଜଣେ ନିର୍ଦ୍ଦେଶକ ଯେ ଦେଇଥିଲା ନାଟ୍ୟକାରକୁ ସର୍ବଶ୍ରେଷ୍ଠ ସମ୍ମାନ—ତା'ହାତର କାଉଁରିକାଠି ଲାଗି ଅନେକ ନାଟକ ଜୀବନ୍ୟାସ ପାଇଛି—ଓଡ଼ିଆ ନାଟ୍ୟ ସାହିତ୍ୟକୁ ତାର ଦାନ ଅସୀମ—ତାର ଆତ୍ମାର ସଦ୍‌ଗତି ହେଉ—ଶାନ୍ତି ଲାଭକରୁ—ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା—୫ । ୧୧ । ୮୧—ପୂର୍ଣ୍ଣ କାନୁନ୍‌ଗୋ—

ପ୍ରଥମ ଅଭିନୟ – ଅନ୍ନପୂର୍ଣ୍ଣା ରଂଗ ମଂଚ, ପୁରୀ,

ପରିବେଷଣ—ପୁରୀ ଜିଲ୍ଲା ପୋଲିସ ଡ୍ରାମାଟିକ ରିକ୍ରିଏସନ କ୍ଲବ

ସମୟ— ୧୯୭୪ ମସିହା

୨ୟ ଅଭିନୟ—ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର

ପରିବେଷଣ— ଭୁବନେଶ୍ୱର ଜିଲ୍ଲା ପୋଲିସ ଡ୍ରାମାଟିକ ରିକ୍ରିଏସନ କ୍ଲବ

ସମୟ— ୧୯୭୬ ମସିହା

୩ୟ ଅଭିନୟ—ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର

ପରିବେଷଣ— Treasury Directorate Cultural Association, BBSR

ସମୟ— ୯-୧୧-୮୧ ଓ ୧୦-୧୧-୮୧

ପୁରୁଷ—	ଚରିତ୍ର—	ସ୍ତ୍ରୀ—
ସିକନ୍ଦର		ମୁରା
ସେଲ୍ୟୁକସ		ହେଲେନ୍
ଆଣ୍ଟିଗୋନସ୍		ଛାୟା
ଚନ୍ଦ୍ରଗୁପ୍ତ		ଓ
ନନ୍ଦ		ଅନେସ୍ତ୍ରୀ-(ଗ୍ରୀଃ ରି
ବାଚ୍ଛଳ		
କାତ୍ୟାୟନ		
ଚାଣକ୍ୟ		
ସୈନ୍ୟଗଣ		
ଋଷିଗଣ		
ଚନ୍ଦ୍ରକେତୁ		
ଲୁଣ୍ଠକ		

—o—

ନାଟ୍ୟକାର ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋଙ୍କର ଅମର ସୃଷ୍ଟି

ମୁଁ ସୈତାନ କହୁଛି (୩ୟ ସଂସ୍କରଣ)

ଅଭିଶପ୍ତ ଘୁଙ୍ଗୁର (୩ୟ ସଂସ୍କରଣ)

ଉର୍ବଶୀ (୨ୟ ସଂସ୍କରଣ)

ଦୁଇଟି ରକ୍ତ ଗୋଲାପ ,,

ଅନ୍ଧ ଯମୁନା ,,

ମୟୂର ସିଂହାସନ ,,

ଦୋଳ ମୁକୁଟ ,,

କୃଷ୍ଣଚୂଡ଼ାର ହସ ,,

କଳାପାହାଡ଼ ,,

ଜୀବନ ସଂଗ୍ରାମ ,,

ମରୁ ଝରଣା (One Act Play)

ନଷ୍ଟ ନୀଡ଼ର ପକ୍ଷୀ (One Act Play)

ପଲାଶ କନ୍ୟା

ରାମଦାସ ତୁମେ ହାରିଗଲ

ରାତର ରଜନୀ ଗଂଧା

ସମ୍ରାଟ ଚନ୍ଦ୍ରଗୁପ୍ତ

ପ୍ରକାଶ ଅପେକ୍ଷାରେ :—

ମହାକାଳର ତୂର୍ଯ୍ୟନାଦ

ରକ୍ତ ଗଂଗାର ମାଝୀ

ରକ୍ତ ଜବାର ଗନ୍ଧ

ଏକାଙ୍କିକା— "କନ୍ୟା ପସନ୍ଦ ହେଲା"

ନୃତ୍ୟନାଟିକା— "ଶ୍ରୀମୂର୍ତ୍ତି"

ଯୋଗାଯୋଗ—ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ, ଏମ୍. ଏ. ଏଲ୍. ଏଲ୍. ବି.

ଆଡ୍‌ଭୋକେଟ୍

'କୃଷ୍ଣଚୂଡ଼ା' ପୁରୀ-୨

ଫୋନ୍—୨୪୭, ପୁରୀ

—o—

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

[ସମୟ ସନ୍ଧ୍ୟା । ସିନ୍ଧୁନଦୀର ତଟଦେଶ । ନଦୀ-ବକ୍ଷରେ ଗ୍ରୀକ୍ ଜାହାଜଶ୍ରେଣୀ । ଶିବିର ସମ୍ମୁଖରେ ସିକନ୍ଦର ଓ ସେଲ୍ୟୁକସ ଅସ୍ତଗାମୀ ସୂର୍ଯ୍ୟର ଶୋଭା ଦର୍ଶନ କରୁଥିଲେ । ସେଲ୍ୟୁକସ୍‌ଙ୍କର କନ୍ୟା ହେଲେନ୍ ତାଙ୍କ ପିତାଙ୍କର ହସ୍ତ ଧାରଣ କରି ସେହି ଲୋହିତ ସୂର୍ଯ୍ୟର ଆରକ୍ତିମା ଉପଭୋଗ କରୁଥିଲେ । ହେଲେନ୍‌ଙ୍କର କାନ୍ତ କମନୀୟ ମୁଖମଣ୍ଡଳରେ ଅସ୍ତସୂର୍ଯ୍ୟର ଶେଷ ରଶ୍ମି ସୃଷ୍ଟି କରିଥିଲା ଲାବଣ୍ୟର ଝରଣା । ସମସ୍ତେ ହୁଏତ ଆତ୍ମବିଭୋର ଥିଲେ ।]

ସିକନ୍ଦର—ଦେଖିପାରୁଛ, ସେଲ୍ୟୁକସ୍ !

ସେଲ୍ୟୁକସ—କିଛି କହିଲେ, ସମ୍ରାଟ ?

ସିକନ୍ଦର—(ସାମାନ୍ୟ ହସି) ଓ···ତୁମେ ମଧ୍ୟ ଆତ୍ମବିଭୋର ହୋଇଛ, ନା!

ସେଲ୍ୟୁକସ—ହଁ, ସମ୍ରାଟ···

ସିକନ୍ଦର—ସତରେ, ସେଲ୍ୟୁକସ, କି ବଚିତ୍ର ଏ ଦେଶ ! ଦିନରେ ପ୍ରଚଣ୍ଡ ସୂର୍ଯ୍ୟ ଏ ଦେଶରେ ନୀଳ ଆକାଶକୁ ଉତ୍ତପ୍ତ କରିଦିଏ, ଆଉ ରାତିର ଶୁଭ୍ର ଚନ୍ଦ୍ରମା ତାକୁ ତାର ସ୍ନିଗ୍ଧ ଜ୍ୟୋତ୍ସ୍ନାରେ ପ୍ଲାବିତ କରେ । ତାମସୀ ରଜନୀର ନିଥର ବକ୍ଷରେ ଯେତେବେଳେ ଅଗଣିତ ଜ୍ୟୋତିପୁଞ୍ଜ ଝିଲ୍‌ମିଲ୍ କରିଉଠେ, ମୁଁ ସେତେବେଳେ ଏକ ସ୍ଥିର ଦୃଷ୍ଟିରେ ଚାହିଁରହେ । ସେ ସୌନ୍ଦର୍ଯ୍ୟର ତୁଳନା ନାହିଁ, ସେଲ୍ୟୁକସ ! ଆଉ ଯେତେବେଳେ ଘନକୃଷ୍ଣ ମେଘମାଳା ଗୁରୁଗମ୍ଭୀର ଗର୍ଜ୍ଜନ କରି ଏକ ପ୍ରକାଣ୍ଡ ଦୈତ୍ୟସେନା ସମ ଆକାଶ ଆଚ୍ଛନ୍ନ କରି ମାଡ଼ିଆସେ, ମୁଁ ସେତେବେଳେ ନିର୍ବାକ୍ ହୋଇ ଚାହିଁ ରହେ ତା'ର ସେ ଶ୍ୟାମକାନ୍ତ ରୂପକୁ ।

ସେଲ୍ୟୁକସ୍—ଠିକ୍ କହୁଛନ୍ତି, ସମ୍ରାଟ ! ଏ ଦେଶରେ ଅଭ୍ରଭେଦୀ ତୁଷାର ମୌଳି ନୀଳ ହିମାଦ୍ରି ସ୍ଥିର...ନିଷ୍କମ୍ପ, ଏହାର ବିଶାଳ ନଦନଦୀ ଫେନିଳ ଉଚ୍ଛ୍ୱାସରେ ଉଦ୍ଦାମ ବେଗରେ ଛୁଟିଚାଲେ । ବାଧା ନାହିଁ...ବନ୍ଧନ ନାହିଁ । ସୀମାହୀନ ଦିଗନ୍ତବିସ୍ତାରୀ ମରୁଭୂମି ସ୍ୱେଚ୍ଛାଚାରୀ ପରି ତପ୍ତ ବାଲୁକାରାଶି ନେଇ ଖେଳି-ବୁଲେ ।

ସିକନ୍ଦର—ଚମତ୍କାର...ଚମତ୍କାର, ସେଲ୍ୟୁକସ ! ଖାଲି ସେତିକି ନୁହେଁ । ମୁଗ୍ଧ ନୟନରେ ମୁଁ ଅନେକବାର ଦେଖିଛି, ମହାଶୃଙ୍ଗୀ କୁରଙ୍ଗମ ଏକ ଆକୁଳ ଆବେଗ ନେଇ ନିର୍ଜ୍ଜନ ବନ ମଧ୍ୟରେ ମହାଶୂନ୍ୟକୁ ଚାହିଁ ରହିଛି, ତାର ସେ ଚଳଚଞ୍ଚଳ ନେତ୍ରଯୁଗଳରେ କୋଟିଏ ଯୁଗର ସ୍ୱପ୍ନ । ମନରେ ତା'ର ଆଶାର ଯମୁନା... ଆଉ କଣ ଦେଖେଁ, ଜାଣ ସେଲ୍ୟୁକସ ?

ସେଲ୍ୟୁକସ—ସମ୍ରାଟ ?

ହେଲେନ—କଣ, ସମ୍ରାଟ ?

ସିକନ୍ଦର—ଦେଖେଁ ଏକ ସୌମ୍ୟ, ଗୌର, ଦୀର୍ଘକାୟ ଜାତି···ଏ ଦେଶରେ ଶାସକ; ତା'ର ମୁଖମଣ୍ଡଳରେ ଶିଶୁର ସାରଲ୍ୟ, ଦେହରେ ବଜ୍ରର ଶକ୍ତି, ଚକ୍ଷୁରେ ତା'ର ସୂର୍ଯ୍ୟର ଦୀପ୍ତି ଆଉ ବକ୍ଷରେ ଝଞ୍ଜାର ସାହସ । ଏ ଶୌର୍ଯ୍ୟକୁ ପରାଜିତ କରିବାରେ ଆନନ୍ଦ ଅଛି, ସେଲ୍ୟୁକସ୍ ! ତକ୍ଷଶିଳାର ସମ୍ରାଟ ପୁରୁଙ୍କୁ ବନ୍ଦୀ କରି ମୁଁ ଯେଉଁଦିନ ମୋର ଶିବିରକୁ ଆଣିଲି, ସେଦିନ ସେ କଣ କହିଲେ, ଜାଣ, ହେଲେନ୍ ?

ଲେନ—କଣ କହିଲେ, ସମ୍ରାଟ ?

ସିକନ୍ଦର—ମୁଁ ପଚାରିଲି, ମୋ'ଠାରୁ ତୁମେ କିପରି ଆଚରଣ ପ୍ରତ୍ୟାଶା କର ? ନିର୍ଭୀକ ଆଉ ନିଷ୍କମ୍ପ ସ୍ୱରରେ ଏକ ବଜ୍ରଗମ୍ଭୀର କଣ୍ଠରେ ସେ ଉତ୍ତର ଦେଲେ, "ରାଜା ପ୍ରତି ରାଜାର ବ୍ୟବହାର ।"

ହେଲେନ୍—ଆଶ୍ଚର୍ଯ୍ୟ ! ଜଣେ ସାମାନ୍ୟ ବନ୍ଦୀର ଏତେଦୂର ଆସ୍ପର୍ଦ୍ଧା !

ସିକନ୍ଦର—ମୁଁ ବି କମ୍ ଆଶ୍ଚର୍ଯ୍ୟ ହୋଇନି, ହେଲେନ୍ ! ତାଙ୍କର ସେ ଶୌର୍ଯ୍ୟ, ତାଙ୍କର ସେ ସ୍ପର୍ଦ୍ଧିତ ଆଭିଜାତ୍ୟ ମତେ ସେଦିନ ମୁଗ୍ଧ କଲା । ତାଙ୍କର ସେ ବଳିଷ୍ଠ ପୌରୁଷ ନିକଟରେ ମୋର ଉନ୍ନତ ମଥା ସେଦିନ ସ୍ୱତଃ ନଇଁଆସିଲା, ଆଉ ମଙ୍ଗେ ସଙ୍ଗେ ତାଙ୍କର ରାଜ୍ୟ ତାଙ୍କୁ ପ୍ରତ୍ୟର୍ପଣ କଲି ।

ସେଲ୍ୟୁକସ—ସମ୍ରାଟ ମହାନୁଭବ ।

ସିକନ୍ଦର—(ହସି) ହଁ, ମହାନୁଭବ । ଆଚ୍ଛା, ସେଲ୍ୟୁକସ୍, ଏ ଘଟଣା ପରେ ତାଙ୍କ ସହିତ ଅନ୍ୟ ଆଚରଣ କଣ ସମ୍ଭବ ? ଗ୍ରୀକ୍ ଜାତି

ସବୁବେଳେ ବୀରତ୍ୱକୁ ସମ୍ମାନ ଦେଇଶିଖିଛୁ । ତା ଦେହର ଶିରାପ୍ରଶିରାରେ ଆର୍ଯ୍ୟରକ୍ତ ପ୍ରବାହିତ । ସେ କେବେ ହୀନ ହୋଇ-ପାରେନା । ମାତ ହୋଇପାରେନା ।

ହେଲେନ—ଠିକ୍ କହୁଛନ୍ତି, ସମ୍ରାଟ ! ସମ୍ରାଟ ତ ଏଠାକୁ ରାଜ୍ୟ ସ୍ଥାପନ କରିବାକୁ ଆସି ନ ଥିଲେ ! ଆସିଥିଲେ···

ସିକନ୍ଦର—ଆସିଥିଲି ସୌଖୀନ ଭାବରେ ଦିଗ୍‌ବିଜୟ କରି ଜଗତରେ ଗ୍ରୀକଜାତିର ଗୋଟାଏ ଅମର କୀର୍ତ୍ତି ରଖିଯିବାକୁ ।

ସେଲ୍ୟୁକସ—ତାହାହେଲେ ଏ ଦିଗ୍‌ବିଜୟ ଅସମ୍ପୂର୍ଣ୍ଣ ରଖିଯାଉଛନ୍ତି କାହିଁକି, ସମ୍ରାଟ···?

ସିକନ୍ଦର—ସେ ଦିଗ୍‌ବିଜୟ ସମ୍ପୂର୍ଣ୍ଣ କରିବାକୁ ହେଲେ ଦରକାର ନୂତନ ରକ୍ତ···ନୂତନ ଗ୍ରୀକ୍ ବାହିନୀ···ସୁଦୂର ମାସିଡନଠାରୁ । ରାଜ୍ୟ, ଜନପଦ ଭୂଶାୟୀ ଦଳିଦେଇ ଆସିଛି । ମହାକାଳର ଝଡ଼ ପରି ଦୁର୍ଭେଦ୍ୟ ଶତ୍ରୁଶିବିରରେ ମୁଁ ସୃଷ୍ଟି କରିଛି ଆତଙ୍କର ବହ୍ନିଶିଖା···ମୋ ବିଜୟର ତୂର୍ଯ୍ୟନାଦରେ ଗଗନପବନ ଆଜି ପ୍ରକମ୍ପିତ । ଅର୍ଦ୍ଧେକ ଏସିଆ ଆଜି ମାସିଡନର ବିଜୟବାହିନୀର ଭାର ପଦଭାରରେ ପ୍ରକମ୍ପିତ । ନିଷ୍ଠୁର ପରି ଦୁର୍ବାର, ହତ୍ୟା ପରି କରାଳ, ଦୁର୍ଭିକ୍ଷ ପରି ନିଷ୍ଠୁର ଏଇ ସିକନ୍ଦର ଅର୍ଦ୍ଧ ଏସିଆର ବକ୍ଷଦେଶରେ ତା'ର ରୁଧିରାକ୍ତ ବିଜୟମଶାଲ ଜଳାଇ ଆସିଛି । କିନ୍ତୁ ପ୍ରଥମେ ବାଧା ପାଇଲି ଏହି ଶତଦ୍ରୁ ତୀରରେ ।

(ଚନ୍ଦ୍ରଗୁପ୍ତଙ୍କୁ ଧରି ଆଣ୍ଟିଗୋନସ୍‌ଙ୍କର ପ୍ରବେଶ)

ସିକନ୍ଦର—କିଏ ?

ଆମ୍ଭି—ଗୁପ୍ତଚର, ସମ୍ରାଟ !

ସିକନ୍ଦର—ଗୁପ୍ତଚର ?

ଆମ୍ଭି—ହଁ, ସମ୍ରାଟ ! ଶିବିର ପାର୍ଶ୍ୱରେ ବସି ତାଳପତ୍ରରେ ଲେଖମା ଶୃଙ୍ଖଳା କରୁଥିଲା । ଏଇ ନିର୍ଜନ ପରିବେଶରେ ତା'ର ଗତିବିଧି ମୋତେ ସନ୍ଦେହଜନକ ମନେହେଲା । ସେ ଯାହା ଲେଖିଥିଲା ମୁଁ ତାହା ଦେଖିବାକୁ ଚାହିଁଲି । ବିନା ଆପତ୍ତିରେ ବନ୍ଦୀ ମତେ ତାହା ଦେଖାଇଲା । ମାତ୍ର ସମ୍ରାଟ, ଅଧୀନ ତାହା ପାଠ କରି ନ ପାରି ବନ୍ଦୀକୁ ସମ୍ରାଟଙ୍କ ସମ୍ମୁଖକୁ ଧରିଆଣିଛି ।

ସିକନ୍ଦର—ହୁଁ...କଣ ଲେଖୁଥିଲ ଯୁବକ ? ନିର୍ଭୟରେ ସତ୍ୟ କଥା ପ୍ରକାଶ କରିପାର ।

ଚନ୍ଦ୍ରଗୁପ୍ତ—ଭାରତବାସୀ ମିଥ୍ୟା କହିବାକୁ ଆଜଯାଏ ଶିକ୍ଷା କରିନାହିଁ, ସମ୍ରାଟ ।

ସିକନ୍ଦର—(ଚନ୍ଦ୍ରଗୁପ୍ତଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ) କଣ ଲେଖୁଥିଲ ତେବେ ?

ଚନ୍ଦ୍ରଗୁପ୍ତ—ମୁଁ ଶିକ୍ଷା କରୁଥିଲି ସମ୍ରାଟଙ୍କର ସୈନ୍ୟଶୃଙ୍ଖଳାର କୌଶଳ... ଶିକ୍ଷା କରୁଥିଲି ଗ୍ରୀକ୍ ସାମରିକ ବାହିନୀର ବ୍ୟୂହରଚନାର ପ୍ରଣାଳୀ...ଆଉ ଶିକ୍ଷା କରୁଥିଲି ଗ୍ରୀକ୍ ବାହିନୀର କର୍ମକୁଶଳତା... ସାମରିକ ନିପୁଣ୍ୟ ।

ସିକନ୍ଦର—ଶିକ୍ଷା କରୁଥିଲ ଗ୍ରୀକ୍ ସାମରିକ ବାହିନୀର ସମସ୍ତ ଗୁପ୍ତ ତଥ୍ୟ !! କାହାଠାରୁ ?

ଚନ୍ଦ୍ରଗୁପ୍ତ—ସେନାପତିଙ୍କ ନିକଟରୁ । (ସେଲ୍ୟୁକସ୍‌ଙ୍କୁ ଦେଖାଇଦେଲେ)

ସିକନ୍ଦର—ସେଲ୍ୟୁକସ୍ ! ବନ୍ଦୀ ଯାହା କହିଲା···

ସେଲ୍ୟୁକସ—ସତ୍ୟ, ସମ୍ରାଟ !

ସିକନ୍ଦର—(ଚିତ୍କାର କରି) ସେଲ୍ୟୁକସ···! (ତା'ପରେ ଚନ୍ଦ୍ରଗୁପ୍ତଙ୍କୁ ଚାହିଁ) ତା'ପରେ···?

ଚନ୍ଦ୍ରଗୁପ୍ତ—ତା'ପରେ ଗ୍ରୀକ୍‌ବାହିନୀ ଏ ସ୍ଥାନ ପରିତ୍ୟାଗ କରି ଚାଲିଯିବେ, ଶୁଣି ଯାହା ଶିକ୍ଷା କରିଥିଲି ତାହା ଲେଖିରଖୁଥିଲି ।

ସିକନ୍ଦର—କାହିଁକି ?

ଚନ୍ଦ୍ରଗୁପ୍ତ—(ହସି) ସମ୍ରାଟଙ୍କ ସହିତ ଯୁଦ୍ଧ କରିବାକୁ ନୁହେଁ ।

ସିକନ୍ଦର—ତେବେ ?

ଚନ୍ଦ୍ରଗୁପ୍ତ—ତେବେ ଶୁଣନ୍ତୁ ସମ୍ରାଟ, ମୁଁ ହେଉଛି ବଳବଶାଳୀ ମଗଧର ରାଜପୁତ୍ର ଚନ୍ଦ୍ରଗୁପ୍ତ । କିନ୍ତୁ ମୁଁ ଆଜି ନିର୍ବାସିତ !

ହେଲେନ—(ଚନ୍ଦ୍ରଗୁପ୍ତଙ୍କୁ ଚାହିଁ) ନିର୍ବାସିତ ?

ଚନ୍ଦ୍ରଗୁପ୍ତ—ହଁ, ମୁଁ ନିର୍ବାସିତ । ମୋର ବୈମାତ୍ରେୟ ଭ୍ରାତା ନନ୍ଦ ମଗଧ ସିଂହାସନ ଅଧିକାର କରି ମୋତେ ରାଜ୍ୟରୁ ବିତାଡ଼ିତ କରିଛି । ମୋର ନ୍ୟାଯ୍ୟ ଅଧିକାରରୁ ମୁଁ ଆଜି ବଞ୍ଚିତ । ମୁଁ କିନ୍ତୁ ଶପଥ ନେଇଛି, ସମ୍ରାଟ, ମୋର ନିର୍ବାସନର ମୁଁ ନେବି ଚରମ ପ୍ରତିଶୋଧ ।

ସିକନ୍ଦର—ପ୍ରତିଶୋଧ ?

ଚନ୍ଦ୍ରଗୁପ୍ତ—ହଁ, ସମ୍ରାଟ ! ପ୍ରତିଶୋଧ···ନିର୍ମମ ପ୍ରତିଶୋଧ । ଗ୍ରୀକ୍ ସମ୍ରାଟଙ୍କର ଅଦ୍‌ଭୁତ ବିଜୟବାର୍ତ୍ତା ମୋ ମନରେ ଭରିଦେଲା ଅଦମ୍ୟ ପ୍ରେରଣା···ବାହୁରେ ମୋର ଆଣିଦେଲା ଶତସିଂହର ଶକ୍ତି । ଶୁଣିଲି ଅର୍ଦ୍ଧ ଏସିଆକୁ ପଦଦଳିତ କରି ସମ୍ରାଟ ଭାରତକୁ ଆସି ଆର୍ଯ୍ୟକୁଳରବି ପୁରୁଙ୍କୁ ପରାଜିତ କରିଛନ୍ତି ।

ଆମ୍ଭି—ତୁମେ ଠିକ୍ ଶୁଣିଛ, ବନ୍ଦୀ !

ଚନ୍ଦ୍ରଗୁପ୍ତ—ମୋର ଇଚ୍ଛା ହେଲା ଥରେ ଦେଖିଆସିବାକୁ ସେହି ମହିମାମୟ ବିରାଟ ବ୍ୟକ୍ତିଙ୍କୁ, ଯାହାର ଅପରାଜେୟ ପରାକ୍ରମର ସାମାନ୍ୟ ଭ୍ରୂକୁଟିରେ ଅର୍ଦ୍ଧ ଏସିଆ ଆଜି ପଦାନତ···ଯେଉଁ ମହାନଶକ୍ତିର କଣ୍ଟକିତ୍ ସ୍ପର୍ଶରେ ଆଜି ଆର୍ଯ୍ୟକୁଳରବି ବିଚଳିତ, ସେହି ମହାନ୍ ଶକ୍ତିର ଜୀବନ୍ତ ପ୍ରତୀକ ସମ୍ରାଟ ଆଲେକ୍‌ଜାଣ୍ଡାରଙ୍କୁ । ତାଙ୍କୁ ଥରେ ଦର୍ଶନ କରିବାର ଅଦମ୍ୟ ଇଚ୍ଛାକୁ ମୁଁ ଦମନ କରିପାରିଲିନି, ସମ୍ରାଟ ! ଆଉ କେବଳ ସେଇଥିପାଇଁ ମୁଁ ଛୁଟିଆସିଥିଲି ଏକ ରୁଦ୍ଧଶ୍ୱାସ ନେଇ···ଶିକ୍ଷା କରୁଥିଲି ସମ୍ରାଟଙ୍କର ରଣକୌଶଳ··· ମୋର ହୃତରାଜ୍ୟର ପୁନରୁଦ୍ଧାର ପାଇଁ ।

(ସିକନ୍ଦର ସେଲ୍ୟୁକସଙ୍କ ଆଡ଼କୁ ଚାହିଁଲେ)

ସେଲ୍ୟୁକସ—ଏହା ମୋର ଅଜ୍ଞାତ, ସମ୍ରାଟ ! ଯୁବକର ବ୍ୟକ୍ତିତ୍ୱ ଆଉ ନମ୍ରତା ମୋତେ ମୁଗ୍ଧ କରିଥିଲା, ଆଉ ସେଇଥିପାଇଁ ଗ୍ରୀକ୍ ସାମରିକ ପ୍ରଥା ସମ୍ବନ୍ଧରେ ଯୁବକ ସହିତ ଅନେକଥର ଆଲୋଚନା କରିଥିଲି । କିନ୍ତୁ ଜାଣି ନ ଥିଲି ଏ ବିଶ୍ୱାସଘାତକ ବୋଲି ।

ଆମ୍ଭି—କିଏ ବିଶ୍ୱାସଘାତକ ? ବନ୍ଦୀ ନା ତୁମେ ?

ସେଲ୍ୟୁକସ—ଆଣ୍ଟିଗୋନସ ! ତୁମର ମନେ ରଖିବା ଉଚିତ ଯେ ମୁଁ ହେଉଛି ବିଶାଳ ଗ୍ରୀକ୍ ବାହିନୀର ପ୍ରଧାନ ସେନାପତି, ଆଉ ତୁମେ ମୋତେ ସମ୍ମାନ ଦେବାକୁ ବାଧ୍ୟ ।

ଆଣ୍ଟି—ଜାଣେ ସେନାପତି ! ତଥାପି ମୁଁ ମୁକ୍ତ କଣ୍ଠରେ ଥରେ ନୁହେଁ ହଜାର ଥର କହିବି ତୁମେ ହିଁ ହେଉଛ ବିଶ୍ୱାସଘାତକ ।

ସେଲ୍ୟୁକସ—(କ୍ରୋଧରେ) ଆଣ୍ଟିଗୋନସ୍ ! (ତରବାରି ବାହାର କରି) ସାମାନ୍ୟ ଜଣେ ସେନାଧ୍ୟକ୍ଷର ଏତେଦୂର ସ୍ପର୍ଦ୍ଧା !

[ଆଣ୍ଟିଗୋନସ୍ ମଧ୍ୟ ତାଙ୍କର ତରବାରି ବାହାର କଲେ ଏବଂ ସେଲ୍ୟୁକସଙ୍କର ଶିରକୁ ଲକ୍ଷ୍ୟ କରି ଉତ୍ତୋଳନ କଲେ । ଠିକ୍ ଏହି ସମୟରେ ଚନ୍ଦ୍ରଗୁପ୍ତ ନିଜର ତରବାରି ଦ୍ୱାରା ତାହା ନିବାରଣ କଲେ । କିନ୍ତୁ ଆଣ୍ଟିଗୋନସ୍ ଚନ୍ଦ୍ରଗୁପ୍ତଙ୍କୁ ଆକ୍ରମଣ କରିବା ସମୟରେ···]

ସିକନ୍ଦର—ଆଣ୍ଟିଗୋନସ୍ ! (ଏବଂ ଠିକ୍ ସେଇ ସମୟରେ ଚନ୍ଦ୍ରଗୁପ୍ତଙ୍କର ତରବାରି ଆଘାତରେ ଆଣ୍ଟିଗୋନସଙ୍କର ତରବାରି ତଳେ ପଡ଼ିଗଲା ଏବଂ ହେଲେନଙ୍କ ଅଧରରେ ଫୁଟିଉଠିଲା ସ୍ମିତ ହାସ୍ୟରେଖା ।) ତୁମର ଏତେ ସ୍ପର୍ଦ୍ଧା ! ତୁମର ଏଇ ଔଦ୍ଧତ୍ୟ ପାଇଁ ମୁଁ ତୁମକୁ ଆଜି ଏଇ ମୁହୂର୍ତ୍ତରେ ମୋ ସାମ୍ରାଜ୍ୟରୁ ନିର୍ବାସିତ କଲି । ଯାଅ···(ଆଣ୍ଟିଗୋନସ ବିନା ପ୍ରତିବାଦରେ ସମ୍ମାନ ଜଣାଇ ଚାଲିଗଲେ) ଆଉ, ସେଲ୍ୟୁକସ ! ତୁମର ଅପରାଧ ମାର୍ଜନୀୟ । ତଥାପି ମନେରଖ ସେଲ୍ୟୁକସ, ଗ୍ରୀକ ସମ୍ରାଟଙ୍କ ସମ୍ମୁଖରେ ଦେଶକୁ ରକ୍ତବର୍ଣ୍ଣ କରିବା ଗ୍ରୀକ୍ ସେନାପତିଙ୍କ ପକ୍ଷେ ଶୋଭନୀୟ ନୁହେଁ ।

ସେଲ୍ୟୁକସ—ମୁଁ ଦୁଃଖିତ, ସମ୍ରାଟ ! ଗୋଟାଏ ସାମୟିକ ଉତ୍ତେଜନାରେ··

ସିକନ୍ଦର—(ଗମ୍ଭୀର ଭାବରେ) ଏ ଯୁବକକୁ ବନ୍ଦୀକର ସେଲ୍ୟୁକସ୍ !

ଚନ୍ଦ୍ର—ବନ୍ଦୀ ! କିନ୍ତୁ କାହିଁକି, ସମ୍ରାଟ ? ମୋର ଅପରାଧ ?

ସିକନ୍ଦର—ଗ୍ରୀକ୍ ଶିବିରରେ ଶତ୍ରୁର ଗୁପ୍ତଚର ଭାବରେ ପ୍ରବେଶ କରିଛ । ଏଇ କଣ ଯଥେଷ୍ଟ ଅପରାଧ ନୁହେଁ···?

ଚନ୍ଦ୍ର—ମୁଁ ସମ୍ରାଟଙ୍କ ପାଖରେ ବୀରତ୍ୱ ଆଶା କରିଥିଲି; କିନ୍ତୁ ଦେଖୁଛି, ସମ୍ରାଟ ଭୀରୁ !

ସିକନ୍ଦର—ବନ୍ଦୀ !!

ଚନ୍ଦ୍ର—ଏକ ଗୃହହୀନ ନିରାଶ୍ରୟ ହିନ୍ଦୁ ରାଜପୁତ୍ର ସ୍ୱେଚ୍ଛା ଭାବରେ ସମ୍ରାଟଙ୍କ ନିକଟରେ ଉପସ୍ଥିତ । ତାକୁ ଦେଖି ପ୍ରବଳପ୍ରତାପୀ ମହାମହିମ ସମ୍ରାଟ ଆଲେକଜାଣ୍ଡାର ଆଜି ତ୍ରସ୍ତ । ସିକନ୍ଦର ସାହା କାପୁରୁଷ ବୋଲି ମୋର ଧାରଣା ଥିଲେ ମୁଁ ଏଠାକୁ କେବେହେଲେ ଆସି ନ ଥାନ୍ତି ।

ସିକନ୍ଦର—ସେଲ୍ୟୁକସ୍, ଉଦ୍ଧତ ଯୁବକକୁ ବନ୍ଦୀ କର !

ଚନ୍ଦ୍ରଗୁପ୍ତ—ଏତେ ସହଜରେ ନୁହେଁ, ସମ୍ରାଟ । ଚନ୍ଦ୍ରଗୁପ୍ତ ଦେହରେ ବିନ୍ଦୁଏ ରକ୍ତ ଥିବା ପର୍ଯ୍ୟନ୍ତ ତାକୁ ବନ୍ଦୀ କରିବାର ଦୁଃସ୍ୱପ୍ନ କେବେହେଲେ ଦେଖିବେନି, ସମ୍ରାଟ ! (ତରବାରି ଉନ୍ମୁକ୍ତ କଲେ)

ସିକନ୍ଦର—(ଆନନ୍ଦରେ) ଚମତ୍କାର···ଚମତ୍କାର, ଯୁବକ ! ମୁଁ କେବଳ ତୁମକୁ ପରୀକ୍ଷା କରୁଥିଲି···ପରୀକ୍ଷା କରୁଥିଲି ତୁମ ମନର ସେ ଅଟଳ ଆତ୍ମବିଶ୍ୱାସକୁ । ତୁମେ ବର୍ତ୍ତମାନ ମୁକ୍ତ ।

ହେଲେନ୍—(ସାମାନ୍ୟ ହସି) ସମ୍ରାଟ··(ରୁଦ୍ଧ ଗଳାରେ)

ସିକନ୍ଦର—ଯାଅ ଯୁବକ, ତୁମେ ପ୍ରସ୍ତୁତ ହୁଅ । ତୁମର ସେ ଯୁଦ୍ଧଯାତ୍ରାର ମାହେନ୍ଦ୍ର ଲଗ୍ନରେ ବିଶାଳ ଗ୍ରୀକ୍ ବାହିନୀ ତୁମକୁ ପ୍ରତି ପଦକ୍ଷେପରେ ସାହାଯ୍ୟ କରିବାକୁ ପ୍ରସ୍ତୁତ । ଯାଅ ସେଲ୍ୟୁକସ, ଏହା ହେଉଛି ଗ୍ରୀକ୍ ସମ୍ରାଟଙ୍କର ଆଦେଶ ।

ଚନ୍ଦ୍ର—ନା, ସମ୍ରାଟ, ମୁଁ କାହାର ସାହାଯ୍ୟ ଚାହେଁନା । ଚନ୍ଦ୍ରଗୁପ୍ତ ଭୀରୁ ନୁହେଁ । ଆଗାମୀ କାଳର ଇତିହାସରେ ମୁଁ କେବଳ ଆପଣଙ୍କର ସସ୍ନେହ ଆଶୀର୍ବାଦ ଚାହେଁ ।

ସିକନ୍ଦର—(ହସି) ଯାଅ ଯୁବକ, ନିର୍ଭୟରେ ତୁମ ରାଜ୍ୟକୁ ଫେରଯାଅ । ମୁଁ ତୁମକୁ ଆଶୀର୍ବାଦ କରୁଛି, ଦିନେ ନା ଦିନେ ତୁମେ ତୁମର ହୃତ ରାଜ୍ୟର ପୁନରୁଦ୍ଧାର କରିବ । ତୁମେ ଯଶସ୍ୱୀ ହୁଅ, ତୁମେ ବିଜୟୀ ହୁଅ…।

[ଚନ୍ଦ୍ରଗୁପ୍ତ ଧୀରେ ଧୀରେ ଚାଲିଗଲେ । ଠିଆ ହୋଇଥିଲେ ସିକନ୍ଦର, ସେଲ୍ୟୁକସ ଓ ହେଲେନ୍…]

(ମଞ୍ଚର ଆଲୋକ ନିର୍ବାପିତ ହେଲା)

—୦—

ଦ୍ୱିତୀୟ ଦୃଶ୍ୟ

[ସ୍ଥାନ—ଶ୍ମଶାନ ପ୍ରାନ୍ତର, ସମୟ ସନ୍ଧ୍ୟା । ଅଦୂରରେ ଜଳୁଥିଲା ଚିତା ବହ୍ନି । ଶ୍ମଶାନରୁ ଭାସିଆସୁଥିଲା ଶ୍ୱାନ ଓ ଶୃଗାଳଙ୍କର ବିକଟ ଚିତ୍କାର । ଏକ ବୀଭତ୍ସ ପରିବେଶ । ନିରନ୍ଧ୍ର ଅନ୍ଧକାର ଭିତରେ ଚିତାବହ୍ନିର ସ୍ତିମିତ ଆଲୋକରେ ଦେଖାଗଲା, ଧୀର ପଦକ୍ଷେପରେ ଅଦୂରରେ ଥିବା କୁଟୀର ମଧ୍ୟରୁ ଆସୁଛନ୍ତି ଚାଣକ୍ୟ ଏବଂ ଠିକ୍ ସେଇ ସମୟରେ ଅନ୍ଧକାର ଭିତରୁ ଭାସିଆସିଲା ଏକ ବଜ୍ରଗମ୍ଭୀର ସ୍ୱର···]

ଅନ୍ତରାଳରୁ—ପୁନରୁଦ୍ଧାର କରିପାରିବ ? ପୁନରୁଦ୍ଧାର କରିପାରିବ ?? ବ୍ରାହ୍ମଣ୍ୟ ଧର୍ମର ପୁନରୁଦ୍ଧାର କରିପାରିବ ???

ଚାଣକ୍ୟ—(ଗମ୍ଭୀର ଗଳାରେ) ବ୍ରାହ୍ମଣ୍ୟ ଧର୍ମର ପୁନରୁଦ୍ଧାର !! କିନ୍ତୁ··· କିନ୍ତୁ ତା'. କିଣ କେବେ ସମ୍ଭବ ?

ଅନ୍ତରାଳରୁ—କାହିଁକି ? କାହିଁକି ସମ୍ଭବ ନୁହେଁ, ବ୍ରାହ୍ମଣ ?

ଚାଣକ୍ୟ—କିଏ ? କିଏ ମୋତେ ସମ୍ବୋଧନ କଲା ବ୍ରାହ୍ମଣ ବୋଲି ?

ଅନ୍ତରାଳରୁ—(ହସି) ଚିହ୍ନିପାରୁ ନାହଁ, ଚାଣକ୍ୟ ! ମୁଁ ତୁମର ଆତ୍ମା···

ଚାଣକ୍ୟ—ମୋର ଆତ୍ମା··· ?

ଅନ୍ତରାଳରୁ—ହଁ, ତୁମର ଆତ୍ମା । କୁହ ଚାଣକ୍ୟ, ବ୍ରାହ୍ମଣ୍ୟ ଧର୍ମର କଣ ପୁନରୁଦ୍ଧାର ସମ୍ଭବ ନୁହେଁ ?

ଚାଣକ୍ୟ—ସମ୍ଭବ ! ହଁ ହଁ, ସମ୍ଭବ ! ନିଶ୍ଚୟ ସମ୍ଭବ । ବ୍ରାହ୍ମଣ୍ୟ ଧର୍ମର ପୁନରୁଦ୍ଧାର ହେବ···ଦିନେ ନା ଦିନେ ତାର ପୁନରୁତ୍ଥାନ ହେବ । କିନ୍ତୁ···(ହଠାତ୍ ଦୃଷ୍ଟି ପଡ଼ୁଛି ଜଳନ୍ତା ଜୁଇ ଉପରେ) ଜଳନ୍ତା ଜୁଇ···ଦୁର୍ଗନ୍ଧ···ବୀଭତ୍ସତା···ଲେଲିହାନ ଅଗ୍ନିଶିଖାର ନିର୍ମମ ସୌନ୍ଦର୍ଯ୍ୟ···(ହସିଉଠିଲେ ଚାଣକ୍ୟ) ତୁମଠାରେ କିନ୍ତୁ ଅନେକ ଆକର୍ଷଣ···ଆଉ ସେଇଥିପାଇଁ ମୁଁ ପ୍ରତ୍ୟହ ସନ୍ଧ୍ୟାରେ ଏକ ଆକୁଳ ଆବେଗରେ ତୁମ ନିକଟକୁ ଧାଇଁ ଆସେ···ତୁମର ଏଇ ରକ୍ତାଭ ସୌନ୍ଦର୍ଯ୍ୟ ମୋତେ ପାଗଳ କରୁଛି । ତୁମେ ମୋତେ ଦେଇଛ ମହାନ୍ ଶିକ୍ଷା । ତୁମେ ମତେ ଶିଖାଇଛ ଏ ସଂସାରକୁ ଘୃଣା କରିବାକୁ···କ୍ଷମତାକୁ ତୁଚ୍ଛ କରିବାକୁ···ଆଉ ସବୁ ଅନ୍ୟାୟ ଅତ୍ୟାଚାରକୁ ମୁଣ୍ଡ ପାତି ସହିନେବାକୁ । ମୁଁ···ମୁଁ କିନ୍ତୁ ଆଉ ପାରୁନି । ମୋତେ ତୁମେ ସଂସାରଠାରୁ ଅନେକ ଦୂରକୁ ନେଇଯାଅ । ନର୍କ···? ସେ ମଧ୍ୟ ଖୁବ୍ ଭଲ ।

ଅନ୍ତରାଳରୁ—ସଂସାର ଛାଡ଼ି ଚାଲିଯିବ ? ତା' ହେଲେ ବ୍ରାହ୍ମଣ୍ୟ ଧର୍ମର ପୁନରୁଦ୍ଧାର କରିବ କିଏ ? ତୁମେ ନା ବ୍ରାହ୍ମଣ ?

ଚାଣକ୍ୟ—ହଁ ବ୍ରାହ୍ମଣ, ସାମାନ୍ୟ ଉପବୀତଧାରୀ ବ୍ରାହ୍ମଣ । କିନ୍ତୁ କାହିଁ ସେ ଉପବୀତର ଶକ୍ତି ? କୁଆଡ଼େ ଗଲା ସେ ବ୍ରହ୍ମତେଜ ? କାହିଁ ସେ ଧର୍ମର ପ୍ରାଧାନ୍ୟ ? ଆଜି ସବୁ ଶେଷ ପାଇଯାଇଛି ।

ଅନ୍ତରାଳରୁ—ନା, ବ୍ରାହ୍ମଣ !

ଚାଣକ୍ୟ—(ଉତ୍ତେଜିତ ହୋଇ) ବ୍ରାହ୍ମଣ··ବ୍ରାହ୍ମଣ··ବ୍ରାହ୍ମଣ··! ମୋର ଆଦରର କନ୍ୟା ଆଜି ଦସ୍ୟୁଦ୍ୱାରା ଅପହୃତା, ଲୁଣ୍ଠିତା, ନିର୍ଯ୍ୟାତିତା । ମୋର ବ୍ରହ୍ମୋତ୍ତର ଆଜି ରାଜାଦେଶରେ ବାଜ୍ୟାପ୍ତ । ମୁଁ ଆଜି ବିତାଡ଼ିତ; ମୁଁ ଆଜି ସର୍ବହରା, ବାସ୍ତୁହରା । ମୋର ବନ୍ଧୁ ନାହିଁ, ବାନ୍ଧବ ନାହିଁ, କେହି ନାହିଁ । ଏତେ ବଡ଼ ଦୁନିଆରେ ମୁଁ ଆଜି ଏକାନ୍ତଭାବେ ଅସହାୟ । ତଥାପି ମୁଁ ବ୍ରାହ୍ମଣ, ଗୋଟାଏ ଶକ୍ତିହୀନ ନିର୍ଜୀବ ବ୍ରାହ୍ମଣ । (କିଛି କିଛି ଚାଲିଗଲା ବେଳେ ତାଙ୍କ ପାଦରେ କୁଶ ବିଦ୍ଧ ହେଲା) । ଆଃ···(କିଛି ଗୋଡ଼ରୁ କୁଶ କାଢ଼ିଲେ) ଆଜି ଏଇ ମାତ କୁଶାଙ୍କୁର ମଧ୍ୟ ବ୍ରାହ୍ମଣର ନଗ୍ନପଦ ବିଦ୍ଧ କରେ । ଅପେକ୍ଷା କର, ମୁଁ ଆଜି ଏଇ କୁଶଗୁଚ୍ଛ ନିର୍ମୂଳ କରିବି । (ବସିପଡ଼ି କୁଶଗଛ ଉତ୍ପାଟନ କରିଚାଲିଲେ) । ଆଉ ବ୍ରାହ୍ମଣର ନଗ୍ନପଦ ବିଦ୍ଧ କରିବୁ ? ଯାଅ, ଚାଲିଯାଅ । (କିଛି ଫୁଙ୍କି ଫୁଙ୍କି ଉଡ଼ାଇ ଦେଲେ) କେହି ମୋର ଛାୟା ସୁଦ୍ଧା ସ୍ପର୍ଶ କରନା । ମୋର ନିଶ୍ୱାସରେ ଅଛି ରାଜର ଗରଳ, ମୁଁ ଦୁର୍ଭିକ୍ଷ··। ମୁଁ ମଡ଼କ, ମୁଁ ମହାମାରୀ ।

[ବସିପଡ଼ିଲେ ଖୁବ୍ ଜୋରରେ । ଠିକ୍ ଏହି ସମୟରେ ଆସିଛନ୍ତି କାତ୍ୟାୟନ··ନନ୍ଦଙ୍କର ମହାମନ୍ତ୍ରୀ]

କାତ୍ୟାୟନ—ଚାଣକ୍ୟ !

ଚାଣକ୍ୟ—କିଏ ?

କାତ୍ୟାୟନ—ମୁଁ କାତ୍ୟାୟନ, ମହାରାଜ ନନ୍ଦଙ୍କର ସଚିବ···

ଚାଣକ୍ୟ—ମହାରାଜାଙ୍କର ସଚିବ ! ଏ ଅସମୟରେ ? ଘୁଞ୍ଚିଯାଅ କାତ୍ୟାୟନ, ମୋର ଛାୟା ସୁଧା ସ୍ପର୍ଶ କରନା ।

କାତ୍ୟାୟନ—କାହିଁକି ?

ଚାଣକ୍ୟ—କାରଣ, ମୁଁ ବ୍ରାହ୍ମଣ ।

କାତ୍ୟାୟନ—(ହସି) ମୁଁ ତୁମ ପାଖକୁ ଆସିଛି, ବ୍ରାହ୍ମଣ !

ଚାଣକ୍ୟ—କାହିଁକି ? ମୋର ହୋଇ ତ ଏ ଦୁନିଆରେ ଆଉ କିଛି ନାହିଁ; ଖାଲି ବଞ୍ଚିରହିଛି ମୁଁ । ଆଉ ମୋର ଦୁର୍ଦ୍ଦିନର ସାଥୀ ରୂପେ ମୁଣ୍ଡ ଟେକି ଛିଡ଼ା ହୋଇଛି ଏଇ ଭଗ୍ନ କୁଟୀର ଖଣ୍ଡିକ । ଯାଅ··· ତାକୁ ବି ଜାଳିଦିଅ । ଜାଳିପୋଡ଼ି ଛାରଖାର କରିଦିଅ । ଯାଉ, ସବୁ ଜଳିଯାଉ । ଉଃ, ଆଜି ଯଦି ବ୍ରାହ୍ମଣର ସେ ଶକ୍ତି ଥାଆନ୍ତା···

କାତ୍ୟାୟନ—ନାହିଁ କାହିଁକି ବ୍ରାହ୍ମଣ ? ସବୁ ଅଛି । ଯେଉଁ ବ୍ରାହ୍ମଣର ପବିତ୍ର ଉପବୀତ ଦେଖି ଦେବରାଜ ଇନ୍ଦ୍ର ମଧ୍ୟ ଐରାବତରୁ ଓହ୍ଲାଇ ଆସନ୍ତି, ଯାହାର ପଦଚିହ୍ନ ସ୍ୱୟଂ ନାରାୟଣ ମଧ୍ୟ ବକ୍ଷ-ଦେଶରେ ଧାରଣ କରିଛନ୍ତି, ସେ ବ୍ରାହ୍ମଣ ଆଜି ତେଜଶୂନ୍ୟ, ଶକ୍ତିହୀନ, ନିଷ୍କ୍ରିୟ···? ଏ ପତନ ହୁଏତ ସାମୟିକ । ତାର ପୁନରୁଦ୍ଧାର ନିଶ୍ଚୟ ହେବ ।

ଚାଣକ୍ୟ—ଅସମ୍ଭବ, ତାର ସେ କ୍ଷମତା ଚାଲିଯାଇଛି ।

କାତ୍ୟାୟନ—ନା ଚାଣକ୍ୟ, ଏବେ ମଧ୍ୟ ମନ୍ତ୍ରୀ ହୁଏ ବ୍ରାହ୍ମଣ, ପୌରୋହିତ୍ୟ କରେ ବ୍ରାହ୍ମଣ, ବିଦୂଷକ ହୁଏ ବ୍ରାହ୍ମଣ, ବିଧାନ ଦିଏ ବ୍ରାହ୍ମଣ । ଏଇ ଗୌରବର୍ଣ୍ଣ ଜାତି ଆଜି ବି ସ୍ୱର୍ଣ୍ଣସୂତ୍ର ପରି ସମଗ୍ର ସମାଜକୁ ଗୁନ୍ଥି ରଖିଛି । ମୋର ଗୋଟିଏ ଅନୁରୋଧ ରକ୍ଷା କରିବ, ଚାଣକ୍ୟ ?

ଚାଣକ୍ୟ—ଅନୁରୋଧ ?

କାତ୍ୟାୟନ—ହଁ, ଅନୁରୋଧ । ତୁମକୁ ମହାରାଜାଙ୍କର ମାତାମହଙ୍କ ଶ୍ରାଦ୍ଧରେ ପୌରୋହିତ୍ୟ କରିବାକୁ ପଡ଼ିବ । ମୋର ଏଇ ଅନୁରୋଧ ତୁମେ ରଖିବନି, ଚାଣକ୍ୟ ?

ଚାଣକ୍ୟ—ନା, ନା । ମୁଁ ପାରିବନି, କାତ୍ୟାୟନ, ତୁମେ ଫେରିଯାଅ । ମୁଁ ଗରିବ, ମୁଁ ଦରିଦ୍ର, ମୁଁ ନିଃସ୍ୱ, ତଥାପି ମୁଁ ବ୍ରାହ୍ମଣ । ମୁଁ କେବେହେଲେ କ୍ଷତ୍ରିୟର ଦାସତ୍ୱ ସ୍ୱୀକାର କରିପାରେନା ।

କାତ୍ୟାୟନ—ମୁଁ ମଧ୍ୟ ବ୍ରାହ୍ମଣ, ଚାଣକ୍ୟ ! ତୁମରି ଭଳି ମୁଁ ମଧ୍ୟ ଚାହେଁ ବ୍ରାହ୍ମଣ୍ୟ ଧର୍ମର ପୁନରୁଦ୍ଧାର···ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍ଥାନ ।

ଚାଣକ୍ୟ—ମହାମନ୍ତ୍ରୀ କାତ୍ୟାୟନ !

କାତ୍ୟାୟନ—ବିଶ୍ୱାସ କର, ଚାଣକ୍ୟ । ତୁମପରି ମୁଁ ମଧ୍ୟ ଜର୍ଜରିତ, ନିର୍ଯ୍ୟାତିତ, ନିଷ୍ପେଷିତ । ଜାଣିଛ ଚାଣକ୍ୟ ସପ୍ତପୁତ୍ରର ଜନକ ହୋଇ ମଧ୍ୟ ମୁଁ ଆଜ ପୁତ୍ରହରା । ମୋରି ଆଖି ଆଗରେ ରୁଦ୍ଧ କାରାଗାରର ନିରନ୍ଧ୍ର କକ୍ଷରେ ମୋର ସାତସାତଟା ସନ୍ତାନଙ୍କୁ ଖାଇବାକୁ ନ ଦେଇ ଅନାହାରରେ ହତ୍ୟା କରିଛି ସେଇ ନିଷ୍ଠୁର ରାଜା ନନ୍ଦ ।

ଚାଣକ୍ୟ—ଆଶ୍ଚର୍ଯ୍ୟ ! ତଥାପି ତୁମେ ତା'ର ମନ୍ତ୍ରୀତ୍ୱ ଗ୍ରହଣ କରି-ପାରିଲ ?

କାତ୍ୟାୟନ—ହଁ ଚାଣକ୍ୟ, ମୁଁ ଜାଣି ଜାଣି ସେ କଣ୍ଟାର ମୁକୁଟକୁ ଆବୋରିନେଇଛି । ମୁଁ ପ୍ରତିଶୋଧ ନେବି, ଚାଣକ୍ୟ ! ମୋର ସପ୍ତପୁତ୍ରର ହତ୍ୟାକାରୀକୁ ମୁଁ କେବେହେଲେ କ୍ଷମା ଦେଇ-ପାରିବିନାହିଁ ।

ଚାଣକ୍ୟ—ବ୍ରାହ୍ମଣ ଉପରେ ଏତେ ଅତ୍ୟାଚାର !!

କାତ୍ୟାୟନ—ତମେ ମୋତେ ସାହାଯ୍ୟ କରିପାରିବ, ଚାଣକ୍ୟ ?

ଚାଣକ୍ୟ—(ଶିଖା ବନ୍ଧି ହସ୍ତ ସ୍ଥିର ଦୃଷ୍ଟିପାତ କରି) ମୁଁ ଆଜି ଶପଥ ନେଉଛି ମହାଶୟ, ଏହି ପବିତ୍ର ଶିଖାବନ୍ଧିକୁ ସାକ୍ଷୀ ରଖି ପ୍ରତିଜ୍ଞା କରୁଛି, ଚାଣକ୍ୟ ଦେହରେ ଟୋପାଏ ରକ୍ତ ଥିବା ପର୍ଯ୍ୟନ୍ତ ସେ ବ୍ରାହ୍ମଣ୍ୟ ଧର୍ମର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିବ । ଏ ନିଷ୍ଠୁର ଅତ୍ୟାଚାରର ପ୍ରତିଶୋଧ ନେବ । ଆଉ ଯଦି ତା ପୂର୍ବରୁ ମୋର ମୃତ୍ୟୁ ହୁଏ, ତେବେ ଏ ଜାତିର ଉତ୍ତରପୁରୁଷଙ୍କୁ କହିବ, ଚାଣକ୍ୟ ବୋଲି ଜଣେ ବ୍ରାହ୍ମଣ ଥିଲା ଯେ ତାର ଧର୍ମ ପାଇଁ ନିଜର ଜୀବନକୁ ତିଳ ତିଳ କରି ବିସର୍ଜନ କରିଥିଲା । ତୁମେ ଯାଅ ମହାମନ୍ତ୍ରୀ, ମୁଁ ମହାରାଜାଙ୍କର ପୌରୋହିତ୍ୟ ସ୍ୱୀକାର କଲି ।

(କାତ୍ୟାୟନ ଈଷତ୍ ହସି ଚାଲିଗଲେ···।)

—ମଞ୍ଚ ଅନ୍ଧକାର—

ତୃତୀୟ ଦୃଶ୍ୟ

(ମହାରାଜା ନନ୍ଦଙ୍କର ଉଦ୍ୟାନର ପ୍ରମୋଦ କକ୍ଷ··· ସମୟ ସନ୍ଧ୍ୟା, ନକ୍ଷତ୍ରଖଚିତ ଆକାଶରେ ଜ୍ୟୋତ୍ସ୍ନାର ଜୁଆର···ମହାରାଜା ନନ୍ଦ ପ୍ରଫୁଲ୍ଲ ମନରେ ଉପବେଶନ କରିଥିଲେ। ସମ୍ମୁଖରେ ନୃତ୍ୟରତା ନର୍ତ୍ତକୀ। ସଂଗୀତର ମୂର୍ଚ୍ଛନା ଗାୟକଙ୍କ କଣ୍ଠରେ। ନର୍ତ୍ତକୀର ପଦଯୁଗଳରେ ନୃତ୍ୟର ଝଙ୍କାର···)

(ଗୀତ)

ଏଇ ରାତି ମଧୁମତୀ ଶୋଇପଡ଼ କହ୍ନତାରା
ପ୍ରିୟାର କବରୀ କୋଳେ ଫୁଟିଲାଣି
ଖୁରୁ ଯୂଥିକାର ମାଳା ॥
ସେ ଯେ ଲାଜକୁଳୀ ଚମ୍ପକ କଳି
ସରମେ ଝାଉଳି ଯାଏ
(ଏ) ବାଉଳା ରାତିର ସାଉଁଳା ଜୋଛନା
ଯେବେ ତା ଚିବୁକ ଛୁଏଁ ।
ମନ ଆଖିତଳେ (ତାର) ଲାଜର ଜୁଆର
ଅମାନିଆ ଢେଉ ଭରା ।
ତୁମେ ଶୋଇପଡ଼ି କହ୍ନ ତାରା··· (୧)

(ନାଚ ପରେ···)

ନନ୍ଦ—ଚମତ୍କାର, ଚମତ୍କାର ନର୍ତ୍ତକୀ । ତୁମର ତନୁ ଲାବଣ୍ୟରେ ପାରିଜାତରେ ସୁଷମା, ଚଳଚଞ୍ଚଳ ପଦଯୁଗଳରେ ସଂଗୀତର ବାଜେଣୀ । ତୁମେ ନାଚ ନର୍ତ୍ତକୀ, ଆହୁରି ନାଚ । ଏଇ ଚନ୍ଦ୍ର ତାରକାଭ ରଜନୀର ମଧୁର ଲଗ୍ନରେ ତୁମର ନୃତ୍ୟ ଝଙ୍କାର ସୃଷ୍ଟି କରୁ ଅମରାବତୀର ସ୍ୱପ୍ନ··ନାଅ··। (କହି ନର୍ତ୍ତକୀକୁ ନିଜ ଗଳାରୁ ଏକ ମୋତିହାର କାଢି ଉପହାର ଦେଲେ । ଠିକ୍ ଏହି ସମୟରେ ପ୍ରବେଶ କରନ୍ତି ଚାଣକ୍ୟ···ତାଙ୍କୁ ଦେଖି···) କିଏ ?

ଚାଣକ୍ୟ—ମୁଁ ଚାଣକ୍ୟ, ଜଣେ ବ୍ରାହ୍ମଣ ।

ନନ୍ଦ—ଚାଣକ୍ୟ ! ଏଠି କାହିଁକି ?

ଚାଣକ୍ୟ—ମୁଁ ତୁମର ପୌରହିତ୍ୟ ସ୍ୱୀକାର କରିଛି । ମହାରାଜାଙ୍କର ମାତାମହଙ୍କର ଶ୍ରାଦ୍ଧରେ ପୌରହିତ୍ୟ କରିବା ପାଇଁ ମୁଁ ନିମନ୍ତ୍ରିତ ।

ନନ୍ଦ—ନିମନ୍ତ୍ରିତ ! କିଏ ତୁମକୁ ନିମନ୍ତ୍ରଣ କରିଛି ?

ଚାଣକ୍ୟ—ତୁମର ମହାମନ୍ତ୍ରୀ କାତ୍ୟାୟନ···

ନନ୍ଦ—(ହସି) କାତ୍ୟାୟନ ତୁମକୁ ନିମନ୍ତ୍ରଣ କରିଛନ୍ତି । ତାହାହେଲେ ଏଠି କାହିଁକି ? ତୁମର ମନେ ରଖିବା ଉଚିତ ଯେ ଏହା ହେଉଛି ମୋର ପ୍ରମୋଦ କକ୍ଷ ।

ଚାଣକ୍ୟ—ତୁମର ଶାଳକ ମତେ ଅପମାନିତ କରିଛି ।

ନନ୍ଦ—(ଜୋରରେ ହସି ଉଠିଲେ) ଅପମାନ···ତୁମେ ଭୁଲି ଯାଅନା ବ୍ରାହ୍ମଣ, ଯାହା ବିରୁଦ୍ଧରେ ତୁମେ ଅଭିଯୋଗ କରିବାକୁ ଆସିଛ, ସେ ହେଉଛନ୍ତି ଏ ରାଜ୍ୟର ପରମ ସମ୍ମାନିତ ଅତିଥି । ମୋର ଅତି ସ୍ନେହର ଶାଳକ ବାଚାଳ, ତମେ ଯାଅ ବ୍ରାହ୍ମଣ ।

ଚାଣକ୍ୟ—(ଗମ୍ଭୀର ଭାବରେ) ଚାଲିଯିବି ?

ନନ୍ଦ—ମହାରାଜା ନନ୍ଦ ଦୁଇଥର ଆଦେଶ ଦିଏନା ବ୍ରାହ୍ମଣ । ଯଦି କିଛି ଅଭିଯୋଗ କରିବାର ଥାଏ ତେବେ ରାଜଦରବାରରେ ଜଣାଇବ ।

ଚାଣକ୍ୟ—ମୁଁ ଜାଣେ ମହାରାଜ, ରାଜଦରବାରରେ ନ୍ୟାୟର ସ୍ଥାନ ନାହିଁ । ସମଗ୍ର ରାଜ୍ୟରେ ଆଜି ଅନ୍ୟାୟ ଆଉ ଅତ୍ୟାଚାରର ପଦଧ୍ୱନି । ବ୍ରାହ୍ମଣ ଆଜି କ୍ଲେଶହୀନ । ସେ ଆଜି ଲାଞ୍ଛିତ । ଅପମାନିତ । ନିର୍ଯ୍ୟାତିତ । ତୁମେ ଅନ୍ୟାୟ ଭାବରେ ତାର ସମ୍ପତ୍ତି ଲୁଣ୍ଠନ କରିଛ । ତୁମର ସେ ରକ୍ତ ଚକ୍ଷୁର ନିର୍ମମ ଅତ୍ୟାଚାରରେ ବ୍ରାହ୍ମଣ ଆଜି ମୁମୂର୍ଷୁ । ତାର ଧର୍ମ ଆଜି ଲୋପ ପାଇବାକୁ ବସିଛି···।

ନନ୍ଦ—ଚାଣକ୍ୟ—

ଚାଣକ୍ୟ—କିନ୍ତୁ ମନେରଖ ରାଜା, ବ୍ରାହ୍ମଣର ଯଦି ସେ ଶକ୍ତି ଥାଆନ୍ତା, ତୁମେ ଏଇଠି ଏଇ ସ୍ଥାନରେ ସିଂହାସନ ସହ ମାଟିରେ ମିଶିଯାଇଥାନ୍ତ ।

ନନ୍ଦ—(ଖୁବ୍ ଜୋରରେ ହସି ଉଠିଲେ) ଚମତ୍କାର··ଚମତ୍କାର ବ୍ରାହ୍ମଣ ।

ଚାଣକ୍ୟ—ତୁମେ ହସୁଛ ରାଜା ! ବ୍ରାହ୍ମଣର ଏ ଦୁର୍ଦ୍ଦିନରେ ତମେ ହସିପାରିଲ ? ତେବେ ଏଇ ଦୀନ ବ୍ରାହ୍ମଣର ଭବିଷ୍ୟତ ବାଣୀ ଶୁଣିରଖ ରାଜା, ଦିନେ ନା ଦିନେ ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍‌ଥାନ ହେବ, ଆଉ ତୁମର ଏଇ ସ୍ପର୍ଦ୍ଧିତ ଅଟ୍ଟହାସ୍ୟ କାଳର କରାଳଗର୍ଭରେ ଲୀନ ହୋଇ ନିଶ୍ଚିହ୍ନ ହୋଇଯିବ । ତୁମେ ଧ୍ୱଂସ ପାଇଯିବ ରାଜା । ତୁମର ଏ ଅହଂମିକାର ଜ୍ୱାଳାମୟୀ ଅଗ୍ନି ସ୍ଫୁଲିଙ୍ଗରେ ତୁମେ ଜଳିପୋଡ଼ି ଛାରଖାର ହୋଇଯିବ ।

ନନ୍ଦ—(ହସି) ସେ ଦୁର୍ଦ୍ଦିନକୁ ମହାରାଜା ନନ୍ଦ ଅପେକ୍ଷା କରିବ ବ୍ରାହ୍ମଣ ।

(ଏହି ସମୟରେ ନନ୍ଦଙ୍କର ଶାଳକ ବାଚାଳର ପ୍ରବେଶ)

ବାଚାଳ—ଅପେକ୍ଷା କରିବ ? କାହିଁକି ? ମୁଁ ମହାରାଜାଙ୍କର ସ୍ନେହର ଶାଳକ । ମହାରାଜାଙ୍କର ପିତା ମୋ ପିତାଙ୍କର ସମ୍ବନ୍ଧୀ । ମହାରାଜା ମୋର ଭଗ୍ନୀପତି । (ଚାଣକ୍ୟକୁ ଦେଖି) ଏଁ—ଏ କୁତ୍ସିତ ବ୍ରାହ୍ମଣ ଏଠାରେ ? ମୁଁ ତ ତୁମକୁ ଗଳାଧକ୍‌କା ଦେଇ ବିଦାୟ ସମ୍ଭାଷଣ ଜଣାଇ ଆସିଥିଲି । ଏତେ ଶୀଘ୍ର ସେ ସମ୍ଭାଷଣ ଭୁଲିଗଲ ?

ନନ୍ଦ—ସେ ତୁମ ବିରୁଦ୍ଧରେ ଅଭିଯୋଗ କରିବାକୁ ଆସିଛନ୍ତି···ବାଚାଳ ।

ବାଚାଳ—(ହସି) ପାଗଳ—ବଦ୍ଧ ପାଗଳ···ମହାରାଜାଙ୍କ ଶାଳକ ବିରୁଦ୍ଧରେ ଅଭିଯୋଗ କରିବ ଏଇ କୁତ୍ସିତ ଆଉ କଦାକାର ବ୍ରାହ୍ମଣ ? ମୂର୍ଖ ବ୍ରାହ୍ମଣ ! ଏଇ ପୁଣି କରିବ ମହାରାଜାଙ୍କର ମାତାମହଙ୍କର ଶ୍ରାଦ୍ଧରେ ପୌରହିତ୍ୟ ! ସାମାନ୍ୟ ଭିକ୍ଷୁକ ହୋଇ···

ଚାଣକ୍ୟ—ଭିକ୍ଷୁକ । ମୁଁ ଭିକ୍ଷୁକ···? କଳିର ବ୍ରାହ୍ମଣ ଶୁଣି ପାରୁଛ ? କ୍ଷତ୍ରିୟ ଆଜ ବ୍ରାହ୍ମଣକୁ କହେ ଭିକ୍ଷୁକ । ତଥାପି ଝଡ଼ ଉଠେନା ।

ଅଗ୍ନି ବୃଷ୍ଟି ହୁଏନା । ଭୂମିକମ୍ପରେ ପୃଥିବୀର ବକ୍ଷ ଥର ଉଠେନା ସବୁ ସ୍ଥିର, ସବୁ ନିଶ୍ଚଳ । କି ଆଶ୍ଚର୍ଯ୍ୟ ! ହେ ମା ବସୁନ୍ଧରେ ! ଦ୍ୱିଧା ହୁଅ । ବ୍ରାହ୍ମଣ ଆଜି ଦଳିତ, ଅବହେଳିତ, ନିଷ୍ପେସିତ । ଉଠ ବ୍ରାହ୍ମଣ, ଯଦି ସାହାସ ଅଛି ତେବେ ନିଜ ଶକ୍ତିର ପରିଚୟ ଦିଅ । ମହର୍ଷି କପିଳଙ୍କ ବ୍ରହ୍ମତେଜର ଅଗ୍ନିସ୍ଫୁଲିଙ୍ଗରେ ଅତ୍ୟାଗୃହୀର ଏ ଅହଙ୍କାରକୁ ଭସ୍ମିଭୂତ କରିଦିଅ ।

ନନ୍ଦ—ଚାଣକ୍ୟ ! ତୁମେ ଭୁଲି ଯାଅନି ବ୍ରାହ୍ମଣ । ତୁମ ସମ୍ମୁଖରେ ମଗଧର ମହାରାଜ ଦଣ୍ଡାୟମାନ । ଏ ପ୍ରଳାପରେ ପରିଣାମ ଚିନ୍ତା କରି ପାରୁଛ ?

ଚାଣକ୍ୟ—ପରିଣାମ ? ବ୍ରାହ୍ମଣର କୋପଦୃଷ୍ଟିରେ ତୁମର ଏ ଗର୍ବ, ଏ ଅହଙ୍କାର, ଏ ଆଭିଜାତ୍ୟ ସବୁ ଦିନେ ଧ୍ୱଂସ ପାଇଯିବ । ତୁମେ ନିଶ୍ଚିହ୍ନ ହୋଇଯିବ ନନ୍ଦ ।

ନନ୍ଦ—(ରାଗରେ) ବାଚାଳ···

ବାଚାଳ—ମହାରାଜ ।

ନନ୍ଦ—ଗଳାଧକ୍କା ଦେଇ ଏଇ ଭିକ୍ଷୁକ ବ୍ରାହ୍ମଣକୁ ପ୍ରାସାଦ ବାହାରେ ଛାଡ଼ି ଦେଇ ଆସ···।

ବାଚାଳ—(ଚାଣକ୍ୟଙ୍କ କେଶ ଧରି ଟାଣି ଟାଣି) ଚାଲ ଭିକ୍ଷୁକ ! (ଚାଣକ୍ୟ ପଡ଼ି ଯାଇଛନ୍ତି···ଉଠିଲା ପରେ)

ଚାଣକ୍ୟ—ଯିବା ପୂର୍ବରୁ ମୋର ଶେଷ କଥା ଶୁଣିନିଅ ମହାରାଜା ନନ୍ଦ,—ଦିନ ଆସିବ, ଯେଉଁଦିନ ତୁମେ ଏଇ ଭିକ୍ଷୁକର ପାଦତଳେ

ଜାନୁପାତି ପ୍ରାଣଭିକ୍ଷା କରିବ । ମୁଁ କିନ୍ତୁ ତୁମକୁ ସେ ଭିକ୍ଷା ଦେବି ନାହିଁ ମହାରାଜ ! ସେଇଦିନ ଦେଖିବ ଏ ବ୍ରାହ୍ମଣର ତପସ୍ୟାର ଶକ୍ତି । ସେଇଦିନ ଦେଖିବ ଏ ବ୍ରାହ୍ମଣର ପ୍ରତିଭାର ପ୍ରଭାବ ! ଅଭିଶାପର ତେଜ, ବ୍ରାହ୍ମଣର କ୍ରୁଦ୍ଧ ବିକ୍ରମ ।

ନନ୍ଦ—(ଚଡ଼ାଗଳାରେ) ଚାଣକ୍ୟ !

ଚାଣକ୍ୟ—ମୋର ଏଇ ଉନ୍ମୁକ୍ତ ଶିଖା ସ୍ପର୍ଶ କରି ମୁଁ ଆଜି ପ୍ରତିଜ୍ଞା କରୁଛି ମହାରାଜ, ମୁଁ ଯଦି ନନ୍ଦ ବଂଶର ଧ୍ୱଂସ ସାଧନ ନକରେ ତେବେ ମୁଁ ଚଣକର ସନ୍ତାନ ଚାଣକ୍ୟ ନୁହେଁ । ଯେତେଦିନ ପର୍ଯ୍ୟନ୍ତ ତୁମର ରକ୍ତରେ ରଞ୍ଜିତ କରି ମୋର ଏଇ ହସ୍ତରେ ଶିଖା ବଂଧନ ନ କରିଛି ସେତେଦିନ ପର୍ଯ୍ୟନ୍ତ ଏ ଶିଖା ଉନ୍ମୁକ୍ତ ରହିବ । (କହି ଚାଲିଗଲେ ଏବଂ ହସି ଉଠିଲେ ନନ୍ଦ । ସେହି ସମୟରେ ରକ୍ଷୀ ମୁରାଙ୍କୁ ଧରି ପ୍ରବେଶ କରିଛି । ହସ ବନ୍ଦ କରି ରକ୍ଷୀକୁ ଯିବାକୁ ଇଙ୍ଗିତ ଦେଲେ ।)

ମୁରା—ମତେ ଏ ଅସମୟରେ ଡକାଇବାର ଅଭିପ୍ରାୟ ଜାଣିପାରେକି ମହାରାଜ ?

ନନ୍ଦ—ଗୁପ୍ତଚର ଠାରୁ ସନ୍ଧାନ ମିଳିଛି···

ମୁରା—ମୋ ଚନ୍ଦ୍ରଗୁପ୍ତ ?

ନନ୍ଦ—ହଁ, ତୁମ ଚନ୍ଦ୍ରଗୁପ୍ତ ! ସେ ଏବେ ମଧ୍ୟ ଜୀବିତ··

ମୁରା—ଜୀବିତ ! ମୋର ପୁଅ ଚନ୍ଦ୍ରଗୁପ୍ତ ବଞ୍ଚିଛି ? କେଉଁଠି ଅଛି ମୋ ପୁଅ ?

ନନ୍ଦ—ସେଇ କଥା ଜାଣିବା ପାଇଁ ଏ ଅସମୟରେ ତୁମକୁ ଡକାଇବାକୁ ବାଧ୍ୟ ହେଲି । ସେ କେଉଁଠି ଅଛି ତୁମେ ତା ଭଲ ଭାବରେ ଜାଣ—କାରଣ ତୁମେ ତାର ମା' ।

ମୁରା—ମୁଁ...ମୁଁ ଜାଣେନା ନନ୍ଦ, ମତେ ବିଶ୍ୱାସ କର ।

ନନ୍ଦ—ଛଳନାକୁ ମୁଁ ଘୃଣା କରେ । କୁହ ସେ କେଉଁଠି ଆତ୍ମଗୋପନ କରିଛି ? ମିଥ୍ୟା କହିବାର ଅପଚେଷ୍ଟା ମଗଧର ମହାରାଜା କେବେହେଲେ ତୁମକୁ କ୍ଷମା କରି ପାରେନା । ଜାଣ ତାର ଶକ୍ତି କେତେ ?

ମୁରା—ଶକ୍ତି ! ଜାଣେରେ ନନ୍ଦ—ତୋର ଶକ୍ତିକୁ ମୁଁ ଜାଣିବିନି ତ ଆଉ ଜାଣିବ କିଏ ? ତତେ ପରା ଏଇ କୋଳରେ ଧରି ମଣିଷ କରିଛି; ଏଇ ଛାତିରୁ ପରା କ୍ଷୀର ଦେଇ ତୋ ଦେହରେ ମୁଁ ରଖି ଦେଇଛି ଅସୀମ ଶକ୍ତିର ଉତ୍ସ—ଆଉ ତୁ ଚାହୁଁଛୁ ସେ ଶକ୍ତିକୁ ପରୀକ୍ଷା କରିବୁ ମୋର ଉପରେ ?

ନନ୍ଦ—କଣ, ସେଥିପାଇଁ ଗର୍ବ କରୁଛ ? ମୁଁ ମୋର ପ୍ରଶ୍ନର ଉତ୍ତର ଚାହେଁ—କୁହ ଚନ୍ଦ୍ରଗୁପ୍ତ କେଉଁଠି ?

ମୁରା—ଜାଣେ ନା !

ନନ୍ଦ—(କଠୋର ଭାବରେ) ତୁମକୁ କହିବାକୁ ପଡ଼ିବ !

ମୁରା—ଆଉ ଯଦି ନ କୁହେ ?

ନନ୍ଦ—ତାହାହେଲେ ମୁଁ ତୁମକୁ ହତ୍ୟା କରିବି ।

ମୁରା—ହତ୍ୟା କରିବୁ ? ମରିବାକୁ ମୋର ଭୟ ନାହିଁରେ ନନ୍ଦ; କିନ୍ତୁ ମରିବା ପୂର୍ବରୁ ମତେ ଥରେ ମାତ୍ର ଚନ୍ଦ୍ରଗୁପ୍ତକୁ ଦେଖାଇ ଦେ··· ଖାଲି ଥରେ ମାତ୍ର ।

ନନ୍ଦ—(ହସି) ଚନ୍ଦ୍ରଗୁପ୍ତକୁ ଦେଖିବ ? ଚନ୍ଦ୍ରଗୁପ୍ତର ସନ୍ଧାନ ନ ଦେଲେ ପର୍ଯ୍ୟନ୍ତ ମୁଁ ତୁମକୁ କାରାକକ୍ଷରେ ବନ୍ଦିନୀ କରି ରଖିବି । ଆଉ ସେଇ ତମିସ୍ରାଛନ୍ନ ନିର୍ଜନ କାରାକକ୍ଷରେ ଅନାହାରର ତିକ୍ତ ଜ୍ୱାଳାରେ ତୁମେ ତିଳ ତିଳ ହୋଇ ଦଗ୍ଧ ହେବ ।

ମୁରା—ନା, ନା । ତୁ ଏତେ ନିଷ୍ଠୁର । ଏତେ ନିର୍ମମ ! ମୁଁ ଯେ ତୋର ମାଆ !

ନନ୍ଦ—ମାଆ, (ହସି ଉଠିଛି) ଗୋଟାଏ ଶୂଦ୍ରାଣୀ ମୋର ମାଆ ? ପିତାଙ୍କର ଦାସୀ ହୋଇ ତୁମର ଏତେ ସ୍ପର୍ଦ୍ଧା ? ମଗଧର ମହାରାଜାଙ୍କର ମାତା ହେବାକୁ ଚାହଁ ?

ମୁରା—(ଆଘାତ ପାଇଛନ୍ତି) ନା, ନା ମହାରାଜ, ମୁଁ ମହାରାଜାଙ୍କର ମାଆ ହେବାକୁ ଯୋଗ୍ୟ ନୁହେଁ । ସେ ଦାବୀ ମୁଁ କେବେ କରିନି କି ଆଜି ବି କରୁନି । ମୋର ଚନ୍ଦ୍ରଗୁପ୍ତ ବଞ୍ଚିରହୁ । ମୁଁ ଚନ୍ଦ୍ରଗୁପ୍ତର ମାଆ, ସେ ଭିକ୍ଷୁକ ହେଲେ ବି ମୋର ସନ୍ତାନ, ସେଇ ମୋର ଗର୍ବ, ସେଇ ମୋର ଗୌରବ ।

(ଏହି ସମୟରେ ଆସିଛି ବାଗୁଳ···)

ବାଗୁଳ—ମହାରାଜ ! ଏଇ ମାତ୍ର ଗୁପ୍ତଚରଠାରୁ ଖବର ମିଳିଲା ଯେ, ଏଇ ଶୂଦ୍ରାଣୀ ପୁତ୍ର ଚନ୍ଦ୍ରଗୁପ୍ତ ମହାରାଜାଙ୍କ ବିରୁଦ୍ଧରେ ସୈନ୍ୟ ସଂଗ୍ରହ କରୁଛି ।

ନନ୍ଦ—(ତାଚ୍ଛଲ୍ୟରେ ହସି) ଶୁଣୁଛ ମୁରା, ମୋ ବିରୁଦ୍ଧରେ ତୁମର ପୁତ୍ର ସୈନ୍ୟ ସଂଗ୍ରହ କରୁଛି । ଗୋଟାଏ ଦାସୀର ପୁତ୍ର ମଗଧ ସିଂହାସନର ସ୍ୱପ୍ନ ଦେଖୁଛି ।

ମୁରା—ହେ ଭଗବାନ ! ମୋର ଚନ୍ଦ୍ରଗୁପ୍ତକୁ ଶକ୍ତି ଦିଅ ପ୍ରଭୁ ! ତା' ବାହୁଯୁଗଳରେ ଭରି ଦିଅ ଶତ ସିଂହର ବିକ୍ରମ, ତା'ର ଏ ମାତୃ ଅପମାନର ସେ ନେଉ ନିର୍ମମ ପ୍ରତିଶୋଧ !

ନନ୍ଦ—ଶୁଦ୍ରାଣୀ !···ବାଚାଳ, ଏ ଉଦ୍ଧତା ନାରୀକୁ କାରାଗାରରେ ନିକ୍ଷେପ କର । ମାତୃ ଅପମାନର ପ୍ରତିଶୋଧ···

(ଖୁବ୍ ଜୋର୍‌ରେ ହସି ଉଠିଲେ, ବିଦ୍ରୁପରେ)

ବାଚାଳ—ଆସ ଶୁଦ୍ରାଣୀ ! (ମୁରାଙ୍କର କେଶ ଧରି ଟାଣି ନେବା ବେଳେ) (ହସୁଥିଲେ ନନ୍ଦ)

ମୁରା—ନନ୍ଦ···ମୋର ଏ ଅପମାନ ତୁ ଉପଭୋଗ କରି ପାରୁଛୁ ନନ୍ଦ ? ତୁ ହସି ପାରୁଛୁ ? ଏଇ ସ୍ତନରୁ କ୍ଷୀର ଦେଇ ତତେ ମଣିଷ କରିଥିଲି ବୋଲି ଆଜି ମତେ ଏଇ ପ୍ରତିଦାନ ଦେଲୁ ?

ନନ୍ଦ—ମୁରା !

ମୁରା—ଯୋଉଁ ମା' ଆଖିରୁ ତୁ ଆଜି ରକ୍ତ ଝରାଇଲୁ ସେଇ ମା' ତତେ ଆଜି ଅଭିଶାପ ଦଉଛି ନନ୍ଦ—ତୁ ଦିନେ ନା ଦିନେ ଧ୍ୱଂସ ହେଇଯିବୁ ।

ନନ୍ଦ—ନେଇଯାଅ···

[ବାଚାଳ ମୁରାଙ୍କର କେଶ ଧରି ଘୋଷାରି ଘୋଷାରି ନେଲାବେଳେ ପ୍ରବେଶ କରିଛନ୍ତି ଚନ୍ଦ୍ରଗୁପ୍ତ । ହାତରେ ତାଙ୍କର ଶାଣିତ ତରବାରି···)

ଚନ୍ଦ୍ରଗୁପ୍ତ—ବାଗ୍ନଳ, (କହି ବାଗ୍ନଳଙ୍କୁ ପଦାଘାତ କଲେ)

ନନ୍ଦ—(ଆଶ୍ଚର୍ଯ୍ୟ ହୋଇ) ଚନ୍ଦ୍ରଗୁପ୍ତ !

ଚନ୍ଦ୍ରଗୁପ୍ତ—ହଁ ଚନ୍ଦ୍ରଗୁପ୍ତ—ତୁମକୁ ଡକେହେଲେ ଲଜ୍ଜା ଲାଗିଲାନି ନନ୍ଦ ! ଏଇ ଅସହାୟା ନାରୀ ଉପରେ ନିଷ୍ଠୁର ଅତ୍ୟାଚାର କରିବାକୁ ? ଯାହାର ବକ୍ଷରୁ ସ୍ତନ୍ୟପାନ କରି ତୁମେ ଆଜି ଶକ୍ତିଶାଳୀ ବୋଲି ଗର୍ବ କରୁଛ, ସେଇ ମା' ପ୍ରତି ଏଇ ବ୍ୟବହାର ? ଧୂର୍ତ୍ତ, କାପୁରୁଷ, ପ୍ରବଞ୍ଚକ···।

ନନ୍ଦ—ଚନ୍ଦ୍ରଗୁପ୍ତ···

ଚନ୍ଦ୍ରଗୁପ୍ତ—(ମୁରାଙ୍କୁ କୋଳେଇ ନେଇ) ଆସ ମା···

ବାଗ୍ନଳ—ଦାସୀପୁତ୍ରର ଏତେ ସାହାସ !

ଚନ୍ଦ୍ରଗୁପ୍ତ—ବାଗ୍ନଳ, ନିଜର ଜୀବନ ପ୍ରତି ଯଦି ମମତା ଥାଏ, ତେବେ ପ୍ରତିରୋଧ କରିବାର ଅପଚେଷ୍ଟା କରନା ।

ମୁରା—(କାନ୍ଦି) ଚନ୍ଦ୍ରଗୁପ୍ତ···! ତୋ ଦେହରେ ଯଦି ଏଇ ଦାସୀର ରକ୍ତ ପ୍ରବାହିତ ହେଉଥାଏ ତେବେ ଏ ମାତୃ ଅପମାନର ପ୍ରତିଶୋଧ ନବୁ···!

ଚନ୍ଦ୍ରଗୁପ୍ତ—ହଁ ମା, ତୁମର ଏଇ ପବିତ୍ର ଚରଣ ଛୁଇଁ ମୁଁ ଆଜି ପ୍ରତିଜ୍ଞା କରୁଛି, ତୁମର ଏ ଅପମାନର ମୁଁ ନେବି ଚରମ ପ୍ରତିଶୋଧ··· ଆସ ମା···!

(ମା'ଙ୍କୁ ନେଇ ଚାଲିଗଲେ···! ଭାସି ଆସିଲା ଘୋଡ଼ା-ଟାପୁର ଶବ୍ଦ···)

—ମଞ୍ଚ ଅନ୍ଧକାର—

ଚତୁର୍ଥ ଦୃଶ୍ୟ

[ମଳୟ ରାଜ୍ୟର ରାଜା ଚନ୍ଦ୍ରକେତୁଙ୍କର ପ୍ରାସାଦ କକ୍ଷ- ରାଜା ଚନ୍ଦ୍ରକେତୁ ଓ ଚନ୍ଦ୍ରଗୁପ୍ତ କଥାବାର୍ତ୍ତା କରୁଥିଲେ)

ଚନ୍ଦ୍ରକେତୁ--ମୁଁ ଏଇ ଉନ୍ମୁକ୍ତ ତରବାରୀ ଛୁଇଁ ଶପଥ କରୁଛି, ଯଦି ଦରକାର ପଡ଼େ ତେବେ ମୋର ଏଇ ବିଶାଳ ପାର୍ବତ୍ୟ ସେନା ଆପଣଙ୍କ ପାଇଁ ହସି ହସି ପ୍ରାଣବଳୀ ଦେବେ··· ମତେ ବିଶ୍ୱାସ କରନ୍ତୁ ମହାରାଜ, ମଳୟରାଜ ଚନ୍ଦ୍ରକେତୁ ସର୍ବଦା କ୍ଷତ୍ରୀୟ ଧର୍ମ ପାଳନ କରି ଆସିଛି···। ଆଜିଠାରୁ ମୁଁ ଆପଣଙ୍କର ଅନୁଗତ ବନ୍ଧୁ···।

ଚନ୍ଦ୍ରଗୁପ୍ତ—(ହସି) ମୁଁ ତୁମ ଆତିଥ୍ୟରେ ମୁଗ୍ଧ ମଳୟରାଜ ଚନ୍ଦ୍ରକେତୁ··· ମୁଁ ତୁମଠାରୁ ଏଇ ବ୍ୟବହାର ଆଶା କରିଥିଲି। ତୁମର ସେଇ ଅର୍ଦ୍ଧଶିକ୍ଷିତ ସୈନ୍ୟବାହିନୀକୁ ମୁଁ ଗ୍ରୀକ୍ ସାମରିକ ପ୍ରଥାରେ ସୁଶିକ୍ଷିତ କରାଇବି। ଏଇ ଦୁର୍ଦ୍ଧର୍ଷ ପାର୍ବତ୍ୟ ସାହାସକୁ ଦୁର୍ଦ୍ଦାନ୍ତ ରଣକୌଶଳରେ ଏପରି ଭାବରେ କ୍ଷେପଣାସ୍ତ୍ରୀ କରି ଗଢିଦେବି ଯେ ଖାଲି ମଗଧ କାହିଁକି ସାରା ଭାରତ ବର୍ଷରେ ତାର ସମକକ୍ଷ ସେନାବାହିନୀ ସୃଷ୍ଟି କରିବାକୁ ଗୋଟାଏ ଯୁଗ ବିତିଯିବ···। ଆଉ ତା'ପରେ···ସେ ଅତ୍ୟାଚାରୀ ନନ୍ଦର ଉଦ୍ଧତ ଦର୍ପକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ସମଗ୍ର ମଗଧ ସାମ୍ରାଜ୍ୟକୁ ମୁଁ ପଦାନତ କରିବି। ସ୍ଥାପନ କରିବି ମୌର୍ଯ୍ୟ ସାମ୍ରାଜ୍ୟ।

ଚନ୍ଦ୍ରକେତୁ—ପ୍ରତିଦ୍ୱନ୍ଦୀର ଶକ୍ତି କିନ୍ତୁ ଅପରିମିତ । ଶୁଣିଛି ତାର ମନ୍ତ୍ରୀ ମଧ୍ୟ ବିଚକ୍ଷଣ ବୁଦ୍ଧି ସମ୍ପୂର୍ଣ୍ଣ···କୁଟମୀତିଜ୍ଞ ଆଉ ଧୂର୍ତ୍ତ ।

ଚନ୍ଦ୍ରଗୁପ୍ତ—(ହସି) ଭୟ ନାହିଁ ଚନ୍ଦ୍ରକେତୁ ··· ନନ୍ଦର ପୁରାତନ ମନ୍ତ୍ରୀ କାତ୍ୟାୟନ ମୋ ନିଜର ଲୋକ···ଆଉ ନନ୍ଦର ମନ୍ତ୍ରଣା କକ୍ଷର ସମସ୍ତ ଗୁପ୍ତ ସମ୍ବାଦ ମୋ ନିକଟରେ ନିର୍ବିଘ୍ନରେ ଆସି ପହଞ୍ଚିଯିବ । କାରଣ ମୁଁ ଚାଣକ୍ୟଙ୍କୁ ମଧ୍ୟ ନିମନ୍ତ୍ରଣ କରିଛି ।

ଚନ୍ଦ୍ରକେତୁ—ଚାଣକ୍ୟ ! ସେ କିଏ ?

ଚନ୍ଦ୍ରଗୁପ୍ତ—ଶୁଣିଛି ସେ ଏକ ବୁଦ୍ଧିମାନ ବ୍ରହ୍ମଶକ୍ତି ସମ୍ପୂର୍ଣ୍ଣ ତେଜଯୁକ୍ତ ବ୍ରାହ୍ମଣ ଆଉ ନନ୍ଦର ପ୍ରଧାନ ଶତ୍ରୁ—ପ୍ରତିଶୋଧ ନେବାକୁ ସେ ପ୍ରତିଜ୍ଞାବଦ୍ଧ । ଯେଉଁଦିନ ପର୍ଯ୍ୟନ୍ତ ନନ୍ଦବଂଶର ଧ୍ୱଂସ ସାଧନ ନ ହୋଇଛି ସେଉଁଦିନ ପର୍ଯ୍ୟନ୍ତ ତାଙ୍କର ସେ ଭୟଙ୍କର କ୍ରୋଧାଗ୍ନି କେବେହେଲେ ନିର୍ବାପିତ ହେବନି ।

ଚନ୍ଦ୍ରକେତୁ—ଏଇତ ତାହାହେଲେ ସୁବର୍ଣ୍ଣ ସୁଯୋଗ ମହାରାଜ···କିନ୍ତୁ··· ମୋର କିନ୍ତୁ ମନେହୁଏ ଲୋକଟି ଭୟଙ୍କର···।

ଚନ୍ଦ୍ରଗୁପ୍ତ—ଆଜି ମୋ ଜୀବନର ଚରମ ଦୁର୍ଦ୍ଦିନରେ ମୋର ଏକ ଭୟଙ୍କର ଲୋକର ହିଁ ପ୍ରୟୋଜନ ଚନ୍ଦ୍ରକେତୁ ! କିନ୍ତୁ ତୁମ ଉପରେ ମୁଁ ସମ୍ପୂର୍ଣ୍ଣ ନିର୍ଭର କରି ପାରିବି ତ ?

ଚନ୍ଦ୍ରକେତୁ—ମହାରାଜ ! ମୁଁ ଯେତେବେଳେ ଆପଣଙ୍କୁ ମଗଧର ମହାରାଜା ବୋଲି ସ୍ୱୀକାର କରି ସମ୍ବୋଧନ କରିଛି, ... ସମ୍ମାନ ଦେଇଛି, ସେତେବେଳେ ଏ ରାଜଭକ୍ତ ଚନ୍ଦ୍ରକେତୁ ଆପଣଙ୍କ ପାଇଁ ବିନା ଦ୍ୱିଧାରେ ପ୍ରାଣ ବିସର୍ଜନ କରିବାକୁ ପ୍ରସ୍ତୁତ ଅଛି । ଆପଣ ଖାଲି ଆଦେଶ କରନ୍ତୁ ।

ଚନ୍ଦ୍ରଗୁପ୍ତ—(ଚନ୍ଦ୍ରଗୁପ୍ତ ଚନ୍ଦ୍ରକେତୁଙ୍କୁ ଆଲିଙ୍ଗନ କଲେ…) ମୁଁ ଆଜିଠାରୁ ନିଶ୍ଚିନ୍ତ ହେଲି ଭାଇ…(ଚନ୍ଦ୍ରଗୁପ୍ତ ଓ ଚନ୍ଦ୍ରକେତୁଙ୍କର କଥାବାର୍ତ୍ତା ସମୟରେ ଚନ୍ଦ୍ରକେତୁଙ୍କର ଭଉଣୀ ସୁପ୍ରିୟା ସେମାନଙ୍କର ଅଲକ୍ଷରେ ଚନ୍ଦ୍ରଗୁପ୍ତଙ୍କର ଦୀପ୍ତ ପୌରୁଷକୁ ମୁଗ୍‌ଧ ନୟନରେ ଚାହିଁ ଚାଲି ଯାଇଛି ।)

(ଏହି ସମୟରେ ଅନ୍ତରାଳରୁ ମୁରାଙ୍କର ଡାକ ଶୁଭୁଛି)

ମୁରା—ଚନ୍ଦ୍ରଗୁପ୍ତ…ଚନ୍ଦ୍ରଗୁପ୍ତ…

ଚନ୍ଦ୍ରକେତୁ—ମୁଁ ଆସୁଛି ମହାରାଜ, ମା' ବୋଧହୁଏ ଆସୁଛନ୍ତି… (କହି ଚନ୍ଦ୍ରକେତୁ ବିଦାୟ ନେଲେ ସମ୍ମାନ ଜଣାଇ…। ଆସିଛନ୍ତି ମୁରା…)

ଚନ୍ଦ୍ରଗୁପ୍ତ—(ମୁରାଙ୍କୁ ପ୍ରଣାମ କରି) ମୁଁ ତୁମକଥା ମାନି ନେଇଛି ମା, ମୁଁ ପ୍ରତିଶୋଧ ନେବି । ମୋ ହୃଦୟରେ ଆଜି ଜଳି ଉଠିଛି ପ୍ରତିଶୋଧର ଲେଲିହାନ ଅଗ୍ନିଶିଖା । ଆଉ ତୁମର ସେ ଅପମାନରେ ସେଥିରେ ଭରି ଦେଇଛି ଆହୂତି…।

ମୁରା—(ରୁଦ୍ଧକଣ୍ଠରେ) ଯେତେବେଳେ ନନ୍ଦ ମତେ ଶୂଦ୍ରାଣୀ ବୋଲି ସମ୍ବୋଧନ କଲା, ସେତେବେଳେ ମୋର ମନେ ହେଲା ମୁଁ ଯେମିତି ଅଶାନ୍ତ ବହ୍ନିର ଉତପ୍ତ ବହ୍ନିବଳୟ ଭିତରେ ଜଳି ଯାଉଛି…। ପୃଥିବୀ ମୋର ପାଦତଳେ ଘୂରିବାକୁ ଲାଗିଲା, ଆଉ ଠିକ୍ ସେତିକବେଳେ ନନ୍ଦର ନିର୍ଦ୍ଦେଶରେ ବାତୁଳ ମୋର କେଶ ଆକର୍ଷଣ କଲା ।

ଚନ୍ଦ୍ରଗୁପ୍ତ—ମା, ନିର୍ଯାତିତା ସତୀ ଜାନକୀଙ୍କର ଅଶ୍ରୁଜଳରେ ସ୍ୱର୍ଣ୍ଣଲଙ୍କା ଧ୍ୱଂସ ହୋଇଗଲା । ଲାଞ୍ଛିତା ଦ୍ରୌପଦୀଙ୍କର କ୍ରୋଧାଗ୍ନିରେ

କୁରୁବଂଶ ନିଶ୍ଚିହ୍ନ ହୋଇଗଲା । ନନ୍ଦବଂଶ ତ ଛାର, ତୁମର ଆଖିର ଲୁହରେ ଏ ସାରା ସଂସାରଟା ବି ଦଗ୍ଧ ହୋଇଯିବ । ମୁଁ ପ୍ରତିଶୋଧ ନେବି ମା···ତୁମ ଅପମାନର ଉପଯୁକ୍ତ ଜବାବ ଦେବି ।

ମୁରା—ମୋର ତୋ ଉପରେ ସେ ଭରସା ଅଛି ବତ୍ସ, ଆଉ ସେଇଥିପାଇଁ ତ ଏ ଶୁଦ୍ରାଣୀ ଜୀବନ ଧରି ବଂଚି ରହିଛି···ମୁଁ ତତେ ଆଶୀର୍ବାଦ କରୁଛି ବତ୍ସ, ତୁ ଯଶସ୍ୱୀ ହୁଅ···।

ଚନ୍ଦ୍ର—(କାତ୍ୟାୟନଙ୍କୁ ଆସୁଥିବା ଦେଖିପାରି) ତୁମେ ଭିତରେ ବିଶ୍ରାମ ନିଅ ମା···କାତ୍ୟାୟନ ଆସୁଛନ୍ତି ।

(ମୁରା ଭିତରକୁ ଚାଲିଗଲେ । ପରେ ପରେ କାତ୍ୟାୟନ ପ୍ରବେଶ କଲେ) ଆସନ୍ତୁ ମହାମନ୍ତ୍ରୀ···(ପ୍ରଣାମ କଲେ) ଚାଣକ୍ୟଙ୍କ ସହିତ ସାକ୍ଷାତ ହେଲା ?

କାତ୍ୟାୟନ—ହଁ ମହାରାଜ···ସେ ମଧ୍ୟାହ୍ନ ସଂଧ୍ୟା ସମାପନ କରି ଏଇ ବର୍ତ୍ତମାନ ଆସି ପହଞ୍ଚିଯିବେ···କିନ୍ତୁ···

ଚନ୍ଦ୍ର—ରହିଗଲେ କାହିଁକି ମହାମନ୍ତ୍ରୀ···କୁହନ୍ତୁ···

କାତ୍ୟାୟନ—ମହାରାଜ···ମୁଁ ଆପଣଙ୍କର ପ୍ରେରିତ ସମ୍ବାଦ ତାଙ୍କୁ ଦେବା ମାତ୍ରେ ତାଙ୍କର ସେ ଗମ୍ଭୀର ମୁଖମଣ୍ଡଳ ପ୍ରତ୍ୟୁଷ ପରି ଦୀପ୍ତିମନ୍ତ ହୋଇ ଉଠିଲା । ଆଉ ଠିକ୍ ପରେ ପରେ ଗୋଧୂଳି ପରି ମ୍ଳାନ ହୋଇଗଲା । ତାଙ୍କର ସେ ଶୀର୍ଣ୍ଣ କଳେବର ପ୍ରଦୀପ ଶିଖାପରି କଂପି କଂପି ପୁଣି ସ୍ଥିର ହୋଇଗଲା—ଓଷ୍ଠାଧାରରେ ଏକ ବ୍ୟଙ୍ଗ ହାସ୍ୟରେଖା ଜାଗି ଉଠି ଧୀରେ ଧୀରେ ମିଳେଇଗଲା ।

ଚନ୍ଦ୍ରଗୁପ୍ତ—ତାପରେ···

କାତ୍ୟାୟନ—ତାପରେ ଲଲାଟରେ ଫୁଟିଉଠିଲା ଗଭୀର କୁଞ୍ଚନରେଖା—ଚିନ୍ତାମଗ୍ନ ଚକ୍ଷୁଯୁଗଳରେ ତୀକ୍ଷ୍ଣ ଦୃଷ୍ଟି ମହାଶୂନ୍ୟକୁ ପ୍ରସାରିତ ହେଲା···

ଚନ୍ଦ୍ରଗୁପ୍ତ—ଅଦ୍ଭୁତ···

(ଏହି ସମୟରେ ପ୍ରବେଶ କଲେ ଚାଣକ୍ୟ)

କାତ୍ୟାୟନ—ଶୁଭାଗମନ କରନ୍ତୁ ମହାଭାଗ ! ମହାରାଜ, ଏଇ ହେଉଛନ୍ତି ମହାନ ତେଜସ୍ୱୀ ପଣ୍ଡିତ ଚାଣକ୍ୟ······

(ଚନ୍ଦ୍ରଗୁପ୍ତ ନତଜାନୁ ହୋଇ ପ୍ରଣାମ କଲେ···)

ଚନ୍ଦ୍ର—ଆପଣଙ୍କର ଦର୍ଶନ ଲାଭ କରି ନିଜକୁ ଧନ୍ୟ ମନେ କରୁଛନ୍ତି···

ଚାଣକ୍ୟ—ଯଶସ୍ୱୀ ହୁଅ ଚନ୍ଦ୍ରଗୁପ୍ତ । ମତେ ଡକାଇବାର ଅଭିପ୍ରାୟ ?

ଚନ୍ଦ୍ର—ମୋର ଦୁର୍ଦ୍ଦିନରେ ମୁଁ ଆପଣଙ୍କର ଆଶୀର୍ବାଦ କାମନା କରୁଛି ।

ଚାଣକ୍ୟ—ଦୁର୍ଦ୍ଦିନ ?

ଚନ୍ଦ୍ରଗୁପ୍ତ—ହଁ ଦୁର୍ଦ୍ଦିନ । ମୁଁ ଆଜି ରାଜ୍ୟରୁ ନିର୍ବାସିତ । ଦାସୀପୁତ୍ର ବୋଲି ଘୃଣିତ, ଅବହେଳିତ । ମାଆ ମୋର ନିର୍ଯ୍ୟାତିତା, ଲାଞ୍ଛିତା-ଅପମାନିତା । ଏହାଠାରୁ ବଳି ଦୁର୍ଦ୍ଦିନ ଆଉ କଣ ଥାଇପାରେ···?

ଚାଣକ୍ୟ—ମୋ ଠାରୁ କି ସାହାଯ୍ୟ ଆଶାକର ଚନ୍ଦ୍ରଗୁପ୍ତ ? ମୁଁ ବି ତୁମରି ଭଳି ଆଜି ନିର୍ଯ୍ୟାତିତ, ଲାଞ୍ଛିତ, ଅପମାନିତ···। ବ୍ରାହ୍ମଣ ଆଜି ଶକ୍ତିଶୂନ୍ୟ ।

ଚନ୍ଦ୍ର—ନା, ଆପଣ ବିଦ୍ୱାନ୍, ବିଚକ୍ଷଣ, କୂଟମୀତିଜ୍ଞ...

ଚାଣକ୍ୟ—ତୁମେ ହୁଏତ ଠିକ୍ ଶୁଣିଛ ଚନ୍ଦ୍ରଗୁପ୍ତ...କିନ୍ତୁ କେବଳ ଗୋଟିଏ କଥା ଶୁଣିନାହିଁ ଯେ ଚାଣକ୍ୟର ହୃଦୟ ନାହିଁ...ସେ ହୃଦୟହୀନ, ନିଷ୍ଠୁର ।

ଚନ୍ଦ୍ର—ମୁଁ ସବୁ ଶୁଣିଛି ସବୁ ଜାଣିଛି । ମୁଁ କେବଳ ଚାହେଁ ଆପଣଙ୍କର ଆଶୀର୍ବାଦ, ଆପଣଙ୍କର ଆଦେଶ ହେବ ମୋର ଶିରୋଧାର୍ଯ୍ୟ ।

ଚାଣକ୍ୟ—ପାରିବ ମୋର ଆଦେଶ ପାଳନ କରି ?

ଚନ୍ଦ୍ର—ମୁଁ ପାରିବ ଗୁରୁଦେବ !

ଚାଣକ୍ୟ—ଗୁରୁଦେବ !

ଚନ୍ଦ୍ର—ହଁ ଗୁରୁଦେବ...ଆପଣଙ୍କର ଦର୍ଶନଲାଭ କାଳଠାରେ ମୋର ମନ-ମନ୍ଦିରରେ ମୁଁ ଆପଣଙ୍କୁ ଦେଇଛି ଗୁରୁର ସମ୍ମାନ । ମୋର ବିଶ୍ୱାସ, ଆପଣଙ୍କର ଆଶୀର୍ବାଦ ଲାଭକଲେ ମୁଁ ହେବି ଦିଗ୍‌ବିଜୟୀ...ଗ୍ରୀକ୍ ସମ୍ରାଟ ସିକନ୍ଦରଙ୍କର ସେ ଭବିଷ୍ୟବାଣୀ ବାରମ୍ବାର ମୋର କର୍ଣ୍ଣକୁହରରେ ପ୍ରତିଧ୍ୱନିତ ହେଉଛି...ଆଉ ସେଇଥିପାଇଁ ମୁଁ ଆଜି ଯେଉଁ ମହାଯଜ୍ଞର ଆୟୋଜନ କରିଛି ସେଥିରେ ଆପଣଙ୍କୁ ବରଣ କରୁଛି ପୁରୋଧା ଭାବରେ... ଆପଣ ମତେ ସେଇ ମହାନ୍ ବ୍ରତରେ ଦୀକ୍ଷିତ କରନ୍ତୁ ଗୁରୁଦେବ !

ଚାଣକ୍ୟ—ତେବେ ଏଇ ବ୍ରାହ୍ମ ମୁହୂର୍ତ୍ତରେ ମୋର ଚରଣ ଛୁଇଁ ଶପଥକର ଚନ୍ଦ୍ରଗୁପ୍ତ, ମୋର ଆଦେଶ ତୁମେ ସର୍ବଦା ପାଳନ କରିବ ।

ଚନ୍ଦ୍ରଗୁପ୍ତ—(ଚାଣକ୍ୟଙ୍କ ପାଦ ଛୁଇଁ) ମୁଁ ଶପଥ କରୁଛି ଗୁରୁଦେବ ।

ଚାଣକ୍ୟ—ମୁଁ ତୁମକୁ ଦୀକ୍ଷା ଦେବ ଚନ୍ଦ୍ରଗୁପ୍ତ···ମୁଁ ତୁମକୁ ମଗଧ ସିଂହାସନରେ ଅଧିଷ୍ଠିତ କରାଇବ । ତୁମେ ହେବ ଭାରତର ରାଜ ରାଜେଶ୍ୱର···ତୁମେ ପ୍ରତିହିଂସା ଯଜ୍ଞର ଆୟୋଜନ କର ଚନ୍ଦ୍ରଗୁପ୍ତ । ମୁଁ ତାକୁ ମୋର ବ୍ରହ୍ମ ତେଜରେ ପ୍ରଜ୍ୱଳିତ କରିବ ଆଉ ସେ ଅଗ୍ନି ଦାବାନଳ ପରି ବ୍ୟାପ୍ତ ହେବ···ଜଳି ଉଠିବ ସମଗ୍ର ଭାରତବର୍ଷ ।

ଚନ୍ଦ୍ରଗୁପ୍ତ—ଗୁରୁଦେବ !

ଚାଣକ୍ୟ—(ଊର୍ଦ୍ଧ୍ୱକୁ ଦେଖାଇ) କଣ ଦେଖୁଛ ?

ଚନ୍ଦ୍ରଗୁପ୍ତ—ସୀମାହୀନ ଅନନ୍ତ ଆକାଶ ।

ଚାଣକ୍ୟ—କି ବର୍ଣ୍ଣ ?

ଚନ୍ଦ୍ରଗୁପ୍ତ—ତାଂଶୁ ରକ୍ତବର୍ଣ୍ଣ···

ଚାଣକ୍ୟ—କଣ ବୁଝୁଛ ?

ଚନ୍ଦ୍ରଗୁପ୍ତ—ଝଡ଼ ଉଠିବ ।

ଚାଣକ୍ୟ—(ହସି ଉଠିଲେ) ଝଡ଼ ଉଠିବ । ଏହା କପିଳର ଅଭିଶାପ ନୁହେଁ କି ବିଶ୍ୱାମିତ୍ରର ତପୋବନ ନୁହେଁ । ପର୍ଶୁରାମର ଶୌର୍ଯ୍ୟ ନୁହେଁ କି ବାମନର ଛଳନା ନୁହେଁ । ଏହା ବ୍ରାହ୍ମଣର ବୁଦ୍ଧି, ଶୁଦ୍ରର ନିଷ୍ଠା, ବ୍ରାହ୍ମଣର ସାଧନା—ଶୁଦ୍ରର ପ୍ରତିହିଂସା, ବ୍ରାହ୍ମଣର ତେଜ ଆଉ ଶୁଦ୍ରର ଶକ୍ତି-ସ୍ୱର୍ଗ ଆଉ ମର୍ତ୍ତ୍ୟର ମିଳନ । ଆଉ ଭୟ ନାହିଁ ଚନ୍ଦ୍ରଗୁପ୍ତ । ମୁଁ ସ୍ୱପ୍ନ ଦେଖି ପାରୁଛି ।

ଚନ୍ଦ୍ରଗୁପ୍ତ—କଣ, ଗୁରୁଦେବ ?

ଚାଣକ୍ୟ—ଏଇ ପ୍ରଧୂମିତା, ପ୍ରଜ୍ଵଳିତା, ପ୍ରବାହିତା ରକ୍ତ ସୋତସ୍ଵପ୍ନ ଭିତରଦେଇ ଭାରତ ଭୂମି ପରିବର୍ତ୍ତେ, ଏକ ରତ୍ନାଲଙ୍କାର ପୁଷ୍ପଶୋଭିତା । ସଙ୍ଗୀତମୁଖରା ହାସ୍ୟମୟୀ ଜନନୀ ସାଗରଠାରୁ ସାଗର ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଏକ ମହା ସାମ୍ରାଜ୍ୟରେ ସାମ୍ରାଜ୍ୟର ପ୍ରତିଷ୍ଠାତା ତୁମେ ଚନ୍ଦ୍ରଗୁପ୍ତ ଆଉ ତାର ପୌରହିତ୍ୟ କରିବ ଏଇ ଦରିଦ୍ର ବ୍ରାହ୍ମଣ ଚାଣକ୍ୟ । (ଜୋରରେ ହସିଉଠିଲେ)

(ମଞ୍ଚ ଅନ୍ଧକାର)

—o—

ପଞ୍ଚମ ଦୃଶ୍ୟ

[ଆଫଗାନସ୍ଥାନ — ହିରଟ୍‌ର ରାଜପ୍ରାସାଦ···ସମୟ ସନ୍ଧ୍ୟା—ଚିନ୍ତିତ ତଥା ଉଦାସ ମନରେ ଠିଆହୋଇଥିଲେ ହେଲେନ୍···ପଛରୁ ଆସିଛନ୍ତି ସେଲ୍ୟୁକସ୍···]

ସେଲ୍ୟୁ—ହେଲେନ୍···

ହେଲେନ୍—ବାବା···

ସେଲ୍ୟୁ—ଏ କଣ ମା ? ଆଜିର ଏ ଶାନ୍ତ ସ୍ନିଗ୍ଧ ମନୋରମ ସନ୍ଧ୍ୟାରେ ତୋ ଆଖିରେ ଏ ଉଦାସ ବିଷର୍ଣ୍ଣତା କାହିଁକି ମା ? ତୋର ସେ କାନ୍ତ କମନୀୟ ମୁଖମଣ୍ଡଳରେ ମୁଁ ସ୍ପଷ୍ଟ ଦେଖିପାରୁଛି ଏକ ଅସ୍ପଷ୍ଟ ବେଦନାର ପ୍ରତିଛବି···କଣ ହୋଇଛି ମା ମତେ କହିବୁ ନି ?

ହେଲେନ୍—କିଛି ନାହିଁ ବାବା···ମତେ କାହିଁକି କିଛି ଭଲ ଲାଗୁନାହିଁ । ବେଳେ ବେଳେ ମନଟା ମୋର କାହିଁକି ଯେ ଉଦାସ ହୋଇ ଉଠୁଛି ମୁଁ ଠିକ୍ ଜାଣିପାରୁନି । ମୋର ଯେମିତି ମନେହେଉଛି···

ସେଲ୍ୟୁକସ୍—ସମ୍ରାଟ ସେଲ୍ୟୁକସର କନ୍ୟା ଆଜି ଦୁଃଖିତା···ତୁ କଣ ଚାହୁଁ ମା ?

ହେଲେନ୍—ସମ୍ରାଟ !

ସେଲ୍ୟୁକସ—ହିଁ ମା, ସମ୍ରାଟ···ପ୍ରବଳ ପ୍ରତାପୀ ସିକନ୍ଦର ସାହାଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ବିଶାଳ ସାମ୍ରାଜ୍ୟର ଉତ୍ତରାଧିକାରୀ ରୂପେ ସେ

ମତତ ମନୋମାତ କରି ଯାଇଛନ୍ତି···ଆଉ ତାଙ୍କର ସେଇ ଚରମ ପନ ବଳରେ ମୁଁ ଆଜି ବିଶାଳ ଗ୍ରୀକ୍ ସାମ୍ରାଜ୍ୟର ସମ୍ରାଟ ।

ହେଲେନ—ଅବଶୋଷ···ଏତେ ବଡ଼ ସାମ୍ରାଜ୍ୟର ଅଧିଶ୍ୱର ହୋଇ ମଧ୍ୟ ଜନ୍ମଭୂମିର ସେ ଶାନ୍ତି ପ୍ରଦାୟିନୀ କୋଳରେ ଶେଷ ନିଃଶ୍ୱାସ ତ୍ୟାଗ କରିବାର ସୁଯୋଗ ପାଇଲେନି ।

ସେଲ୍ୟୁକସ—ଠିକ୍ କହୁଛୁ ମା, ସାରା ବିଶ୍ୱକୁ ଜୟ କରିବାର ଦୁର୍ବାର ଆକାଙ୍କ୍ଷା ତାଙ୍କର ଅପୂର୍ଣ୍ଣ ରହିଗଲା । ଆଉ ତାଙ୍କର ସେ ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ମୁଁ ସାର୍ଥକ କରିବି···ସୁଜଳା ସୁଫଳା, ଶସ୍ୟ-ଶ୍ୟାମଳା ଭାରତବର୍ଷକୁ ମୁଁ ପଦାନତ କରିବି ।

ହେଲେନ୍—ବାବା ! କି ଲାଭ ପାଇବ ସେଥିରୁ ବାବା ?

ସେଲ୍ୟୁକସ—ଲାଭ ? (ହସି) ସ୍ୱର୍ଣ୍ଣପ୍ରସୂ ଭାରତ ଭୂମିର ବକ୍ଷ ଦେଶରେ ଗ୍ରୀକ୍ ଜାତିର ବିଜୟ ପତାକା ଯେତେବେଳେ ଫର୍ ଫର୍ ହୋଇ ଉଡ଼ିବ, ସେତେବେଳେ ତୁ କଣ ଆନନ୍ଦିତ ହେବୁନି ମା ? ଦୁର୍ଦ୍ଧର୍ଷ ଏଇ ଗ୍ରୀକ୍ ବାହିନୀର ବିଜୟ ଡିଣ୍ଡିମ ଯୁଗ ଯୁଗ ଧରି ଧରା ବକ୍ଷରେ ପ୍ରତିଧ୍ୱନିତ ହେଉଥିବ । ସଂଗ୍ରାମଶୀଳ ଜାତିର ଅମ୍ଳାନ ଇତିହାସରେ ଗ୍ରୀକ୍ ବୀରତ୍ୱର ଅମର କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ···ଏ କଣ କମ୍ ଗୌରବର କଥା ମା ?

ହେଲେନ—ମଣିଷ ରକ୍ତରେ ହୋରି ଖେଳି ତମେ ଯେଉଁ ବିଜୟ ସ୍ତମ୍ଭ ସ୍ଥାପନ କରିବାର ସ୍ୱପ୍ନ ଦେଖିଛ ବାବା, ତାହା ଦିନେ ନା ଦିନେ ଭୁଷୁଡ଼ି ପଡ଼ିବ ।

ସେଲ୍ୟୁକସ—ହେଲେନ !

ହେଲେନ—ହଁ ବାବା, ନରମେଧ ଯଜ୍ଞର ବିଭୀଷିକା ସୃଷ୍ଟି ରାଜ୍ୟ ଜୟ କରିବାର କଷ୍ଟ ମାନେ ବୁଝୁ ଏନା ବାବା ।

ସେଲ୍ୟୁକସ—ତୁ କଣ ବୁଝିବୁ ମା ଜୟ କରିବାର କେତେ ଆନନ୍ଦ ? ଯେତେବେଳେ ଗ୍ରୀକ୍ ବୀର ଗ୍ରାମ ପରେ ଗ୍ରାମ, ଦେଶ ପରେ ଦେଶ, ରାଜ୍ୟ ପରେ ରାଜ୍ୟ ବିଜୟ ଉଲ୍ଲାସରେ ପଦାନତ କରି ଗ୍ରୀକ ଜାତିର ବିଜୟ ନିଶାଣ ଉଡ଼ାଇ ଦେଇଯାଏ, ସେତେବେଳେ ତାର ସେ ଉନ୍ମାଦନା ତୁ କଳ୍ପନା କରି ପାରିବୁନି ମା···ଯେ ବୀର ସେ କେବଳ ମଣିଷ ରକ୍ତରେ ହୋଲି ଖେଳିପାରେ···ଯୁଦ୍ଧ-ଭୂମିରେ ନିଜ ଜୀବନକୁ ବାଜି ଲଗାଇ ନିଜ ଜାତିର ସମ୍ମାନ ରକ୍ଷା କରେ—ନିଜ ଦେଶର ଗୌରବ ରକ୍ଷା କରିବାକୁ ଯାଇ ହସି ହସି ରଣାଙ୍ଗନରେ ଆତ୍ମବଳି ଦିଏ···

ହେଲେନ—ଧ୍ୱଂସରେ ଯଦି ଏତେ ଆନନ୍ଦ, ଏତେ ଉନ୍ମାଦନା, ସୃଷ୍ଟିରେ କଣ ଆନନ୍ଦ ନାହିଁ ବାବା ?

ସେଲ୍ୟୁ—(ଟିକିଏ ରହିଗଲେ) ହେଲେନ୍···। ···ତୁ ଯା ମା··· ବିଶ୍ରାମ ନେ···ମୁଁ ବର୍ତ୍ତମାନ ସେନାଧ୍ୟକ୍ଷଙ୍କ ଶିବିରକୁ ଯିବି···ଯା ମା···

(କହି ବାହାରେ ଚାଲିଗଲେ)

ହେଲେନ—(ଦୀର୍ଘଶ୍ୱାସ ଛାଡ଼ି) କାହିଁ ସେ ରବିକରୋଜ୍ଜ୍ୱଳ କାନ୍ତକମନୀୟ ଭାରତ ବର୍ଷ ଆଉ କାହିଁ ଏ କୁଜ୍ଝଟିକାସ୍ନାତ ଆଫଗାନସ୍ଥାନର ବିରାଟ୍ ରାଜପ୍ରାସାଦ···! ମଗଧର ରାଜପୁତ୍ର ଚନ୍ଦ୍ରଗୁପ୍ତ···

(କହିଲାବେଳେ ଆଖି ବୁଜିହୋଇ ଆସିଛି)

(ଏହି ସମୟରେ ଆସିଛନ୍ତି ଆଣ୍ଟିଗୋନସ୍)

ଆଣ୍ଟୋ—(ହସି ହସି) ହେଲେନ୍···

ହେଲେନ୍—(ହଠାତ୍ ଆଣ୍ଟୋଗୋନସଙ୍କୁ ଦେଖି) ଓ, ତୁମେ···

ଆଣ୍ଟୋ—(ହସି) ହଁ ମୁଁ···

ହେଲେନ୍—ବାବା ନାହାଁନ୍ତି···

ଆଣ୍ଟୋ—ଜାଣେ···

ହେଲେନ୍—ତାହାହେଲେ ଏଠି କାହିଁକି ?

ଆଣ୍ଟୋ—ମୋର ଆସିବାର କାରଣ କଣ ତୁମେ ଜାଣନା ହେଲେନ ? ଏମିତି ଅନେକ କଥା ଅଛି ଯାହା କହି ହୁଏନା···କିନ୍ତୁ ବୁଝି-ହୁଏ···ବେଳେ ବେଳେ ଏଇ ଆଖି ବି କଥା କହେ ହେଲେନ···

ହେଲେନ—ଆଣ୍ଟୋଗୋନ୍ସ ! ତୁମେ କଣ କହିବାକୁ ଚାହଁ···

ଆଣ୍ଟୋ—ହଁ ହେଲେନ···ମୋ ଆଖିର ଭାଷା ତୁମେ ଠିକ୍ ପଢ଼ିପାରିଛ । ସତରେ ହେଲେନ, ମୋ ମନଦର୍ପଣରେ ଯେତେବେଳେ ତୁମର ଏଇ କମନୀୟ ରୂପଲାବଣ୍ୟର ଜୁଆର ଉଠେ ମୁଁ ସେତେବେଳେ ଛୁଟି ଆସେ ତୁମର ପାଖକୁ···

ହେଲେନ—ମୁଁ ତୁମଠାରୁ ଏ ପ୍ରକାର ବ୍ୟବହାର ଆଶା କରି ନଥିଲି ଆଣ୍ଟୋଗୋନସ···

ଆଣ୍ଟୋ—ହେଲେନ, ଜାନୁ ପାତି ତୁମ ନିକଟରେ ମୁଁ ପ୍ରେମଭିକ୍ଷା କରିଛି··· ତମେ କିନ୍ତୁ ମତେ ଖାଲି ହାତରେ ଫେରାଇ ଦେଇଛ···ମତେ ତୁମେ ଦେଇଛ ନିଷ୍ଠୁର ପ୍ରତ୍ୟୁତ୍ତର—ତଥାପି ମୁଁ ଆଜି ତୁମର ଶେଷ ନିଷ୍ପତ୍ତି ଶୁଣିବାକୁ ଚାହେଁ ? ତୁମେ ମତେ ବିବାହ କରିବ କି ନା ?

ହେଲେନ—(ବିଦ୍ରୂପ ଓ ରାଗରେ) ମୁଁ ତୁମକୁ ବିବାହ କରିବି ? ଯେ ମୋର ସ୍ନେହଶୀଳ ପିତାଙ୍କ ସ୍କନ୍ଧ ଉପରେ ଅସି ଉତ୍ତୋଳନ କରିପାରେ, ଯେ ସଂଯମହୀନ ଭାବରେ ଗୋଟାଏ ଯୁବତୀ ନିକଟରେ ପ୍ରେମ ନିବେଦନ କରିପାରେ, ସେପରି ଗୋଟାଏ ଉଚ୍ଛୃଙ୍ଖଳ ଯୁବକକୁ ବିବାହ କରିବ ରାଜକନ୍ୟା ହେଲେନ ! ସେ ସ୍ୱପ୍ନ ଦେଖିବନି ଆଣ୍ଟିଗୋନସ୍...

ଆଣ୍ଟି—ଏତେ ଗର୍ବ ? ଏତେ ସ୍ପର୍ଦ୍ଧା ?

ହେଲେନ୍—ସମାଜ ନିକଟରେ ଯେ ନିଜର ପିତୃପରିଚୟ ଦେବାକୁ ଅକ୍ଷମ ସେପରି ଗୋଟାଏ ଅଜ୍ଞାତ କୁଳଶୀଳ ଯୁବକକୁ ହେଲେନ୍ କେବେହେଲେ ବିବାହ କରିପାରେନା ।

ଆଣ୍ଟି—ହେଲେନ୍...

ହେଲେନ—ହେଲେନ୍ ନୁହେଁ, କୁହ ସମ୍ରାଟ ନନ୍ଦିନୀ—ଆଜିଠାରୁ ନାମ ଧରି ଡାକିବାର ଦୁଃସାହାସ କେବେହେଲେ କରିବନି ଆଣ୍ଟିଗୋନସ୍...ତୁମର ମନେ ରଖିବା ଉଚିତ ଯେ ତୁମେ ଜଣେ ସାମାନ୍ୟ ସେନାଧ୍ୟକ୍ଷ...

ଆଣ୍ଟି—(ରାଗ ଜର୍ଜରିତ ହୋଇ ହେଲେନଙ୍କର ହାତ ଧରି ପକାଇଲେ) ହେଲେନ୍...(ଏହି ସମୟରେ ପଶି ଆସିଲେ ସେଲ୍ୟୁକସ...)

ସେଲ୍ୟୁ—ଆଣ୍ଟିଗୋନସ୍...ରାଜନନ୍ଦିନୀ ହେଲେନ୍‌ର ଶରୀର ସ୍ପର୍ଶ କରିବାର ଦୁଃସାହାସ କରି ତୁମେ ଯେଉଁ ଅପରାଧ ଅର୍ଜ୍ଜନ କରିଛ ତାର ପରିଣାମ ଚିନ୍ତା କରି ପାରୁଛ ?

ଆଣ୍ଟି—(ଉତ୍ତ୍ୟକ୍ତ ଅବସ୍ଥାରେ ତରବାରି ବାହାର କରି) ସେନାପତି...

ସେଲୁ୍ୟ—ସେନାପତି ନୁହେଁ···କ୍ରୁଦ୍ଧ ସମ୍ରାଟ···

(ଆଣ୍ଟାଗୋନସ ମଥାନତ କରି ସମ୍ମାନ ଦେଲେ)

ସେଲୁ୍ୟ—ମନେ ଅଛି ଆଣ୍ଟାଗୋନସ୍, ସିକନ୍ଦରଙ୍କ ଆଜ୍ଞାରେ ତୁମେ ଯେତେବେଳେ ନିର୍ବାସିତ ହୋଇଥିଲ ସେତେବେଳେ ମୁଁ ତୁମକୁ ଦେଇଥିଲି ଆଶ୍ରୟ। ଦେଇଥିଲି ସେନାଧ୍ୟକ୍ଷର ପଦବୀ···ଆଉ ଏଇ ହେଉଛି ତାର ପ୍ରତିଦାନ। ଶୁଣ ଉଦ୍ଧତ ଯୁବକ···ମୁଁ ଏଇ ମୁହୂର୍ତ୍ତରେ ତୁମକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କଲି···(ରକ୍ଷୀଙ୍କୁ ଡ଼ାକିବା ଉଦ୍ଦେଶ୍ୟରେ ଘଣ୍ଟା ବାଦନ କରିବାକୁ ଯିବା ସମୟରେ ହେଲେନ୍ ବାଧା ଦେଲେ···)

ହେଲେନ୍—ଅପେକ୍ଷା କର ବାବା···ଏଇଥରକ ପାଇଁ ଆଣ୍ଟାଗୋନସ୍‌କୁ କ୍ଷମା କର···

ସେଲୁ୍ୟ—ନା, ମା···ଜଣେ ସାମାନ୍ୟ ସେନାଧ୍ୟକ୍ଷର ଏତେଦୂର ସ୍ପର୍ଦ୍ଧା।

ହେଲେନ—ବାବା, ତାଙ୍କୁ ପଦଚ୍ୟୁତ କରି ରାଜ୍ୟରୁ ନିର୍ବାସିତ କରନ୍ତୁ; କିନ୍ତୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଅନ୍ତୁନି ବାବା···ମୋର ଏଇ ଗୋଟିଏ ଅନୁରୋଧ ରଖିବନି ବାବା···

ଆଣ୍ଟା—ମୁଁ କ୍ଷମା ଚାହେଁନା ସମ୍ରାଟ—ଗ୍ରୀକ୍ ବୀର କେବେହେଲେ ତାର ଜୀବନରେ କ୍ଷମା ଭିକ୍ଷା କରେନା···ଏଇ ତୁଚ୍ଛ ଜୀବନ ଭୟରେ ଜଣେ ସାମାନ୍ୟ ନାରୀର ଦୟାର ପାତ୍ର ହେବାକୁ ମୁଁ ଚାହେଁନା··· ମତେ ଆପଣ ମୃତ୍ୟୁ ଦଣ୍ଡ ଦିଅନ୍ତୁ ସମ୍ରାଟ—

ହେଲେନ—ମୁଁ କିନ୍ତୁ ଚାହେଁ···

ସେଲୁ୍ୟ—(ଆଶ୍ଚର୍ଯ୍ୟ ହୋଇ) ହେଲେନ।

ହେଲେନ—ମୋର ଏଇ ଗୋଟିଏ ଅନୁରୋଧ ରଖିବନି ବାବା ?

ସେଲ୍ୟୁ—ଯାଅ ଆଣ୍ଟାଗୋନସ୍—ମୁଁ ମୋର ମା'ର କଥା ମାନି ନେଇଛି, ତୁମେ ଆଜି ମୁକ୍ତ, କିନ୍ତୁ ମନେରଖ ଆଣ୍ଟାଗୋନସ୍, ମୋ ସାମ୍ରାଜ୍ୟରେ ପଦାର୍ପଣ କରିବାର ଦୁଃସାହାସ କଲେ ମୁଁ ତୁମକୁ ଚରମ ଦଣ୍ଡରେ ଦଣ୍ଡିତ କରିବି ।

ହେଲେନ—(ଆନନ୍ଦରେ) ବାବା...(କହି ସେଲ୍ୟୁକସଙ୍କୁ କୁଣ୍ଢାଇ ଧରିଲେ)

ସେଲ୍ୟୁ—ମାଅ ଆଣ୍ଟାଗୋନସ୍...ମୋର ଶେଷ କଥା ଯେପରି ତୁମର ମନେ ରହେ...

(ଆଣ୍ଟାଗୋନସ ସମ୍ମାନ ଜଣାଇ ବିଦାୟ ନେଲେ)

(ମଂଚ ଅଂଧକାର)

—o—

ଷଷ୍ଠ ଦୃଶ୍ୟ

[ଚାଣକ୍ୟଙ୍କ ଶିବିର । ସମୟ ମଧ୍ୟରାତ୍ରି । ଶିବିର ବାହାରେ ଚିନ୍ତିତ ମନରେ ଠିଆ ହୋଇଥିଲେ ଚାଣକ୍ୟ ···ପ୍ରବେଶ କଲେ ମୁରା ।]

ମୁରା—ଗୁରୁଦେବ···(ପ୍ରଣାମ କଲେ)

ଚାଣକ୍ୟ—(ରୋଷକଷାୟିତ ନେତ୍ରରେ ଚାହିଁ) ତୁମେ ଏତେ ରାତିରେ··· ଏ ଶିବିର ମଧ୍ୟରେ କାହିଁକି ମୁରା ?

ମୁରା—କ୍ଷମା କରିବେ ଗୁରୁଦେବ···ଆପଣଙ୍କର କପାଳରେ ଏ ଚିନ୍ତାର ଭ୍ରୁକୁଟି ଦେଖି···

ଚାଣକ୍ୟ—ତୁମେ ଠିକ୍ ଲକ୍ଷ୍ୟ କରିଛ ମୁରା—ମୋ କପାଳରେ ଗଭୀର ଚିନ୍ତାର ଅଜସ୍ର ଭ୍ରୁକୁଟି···କାହିଁକି ଜାଣିଛ ମୁରା ? କାଲି ବାଳସୂର୍ଯ୍ୟର ପ୍ରଥମ ରଶ୍ମିରେଖା ଧରା ସ୍ପର୍ଶ କରିବା ପୂର୍ବରୁ ଚନ୍ଦ୍ରଗୁପ୍ତର ରଣ-ଦୁନ୍ଦୁଭି ବାଜି ଉଠିବ···ଆଜି ଆରମ୍ଭ ହେବ ଚନ୍ଦ୍ରଗୁପ୍ତ ଜୀବନର ପ୍ରଥମ ଜୟଯାତ୍ରା···

ମୁରା—ମୋର ସେ ଜୟଯାତ୍ରା ଦରକାର ନାହିଁ ଗୁରୁଦେବ···ମୁଁ ଯୁଦ୍ଧ ଚାହେଁ ନା···

ଚାଣକ୍ୟ—ମୁରା । ତୁମେ ଆଜି ଏ କଥା କହି ପାରୁଛ ?

ମୁରା—ହଁ ଗୁରୁଦେବ, ମୁଁ କହୁଛି···କାରଣ ମୁଁ···ମା, ନନ୍ଦ···ଆଉ ଚନ୍ଦ୍ରଗୁପ୍ତ ମୋ ଆଖିର ଦୁଇଟି ତାରା···ଏଇ ସ୍ତନରୁ କ୍ଷୀର ପିଇ ଦୁହେଁ ମଣିଷ ହେଇଛନ୍ତି···ମୁଁ ଗୋଟିଏ ପୁଅକୁ ବଳି ଦେଇ ଆଉ ଜଣକର ବିଜୟ ତିଳକ ଦେଖିପାରିବିନି ଗୁରୁଦେବ··· ଆପଣ ଏ ଯୁଦ୍ଧ ବନ୍ଦ କରନ୍ତୁ···ଚନ୍ଦ୍ରଗୁପ୍ତ ମୋର ସେମିତି ଭିକାରୀ ହେଇଥାଉ···ସେ ଯଦି ଯୁଦ୍ଧରେ···

ଚାଣକ୍ୟ—ମୁରା—ଚନ୍ଦ୍ରଗୁପ୍ତ ଭିକାରୀ ହୋଇ ରହିପାରିବନି ମୁରା—ମୁଁ ତାକୁ ସାରା ଭାରତବର୍ଷର ରାଜରାଜେଶ୍ୱର ପଦରେ ଅଭିଷିକ୍ତ କରାଇବି···ଦେଖୁଛ···ଦେଖୁଛ ମୁରା···ଆକାଶ କେପରି ସ୍ଥିର-ନିଶ୍ଚଳ—ରୁଦ୍ଧଶ୍ୱାସରେ ସେ ଯେପରି ଏକ ପ୍ରଳୟଙ୍କରୀ ଝଡ଼ର ପ୍ରତୀକ୍ଷା କରିଛି···ତୁମେ ଯାଅ ମୁରା···ମୁଁ ତୁମର ପ୍ରାର୍ଥନା ପୂର୍ଣ୍ଣ କରିବାକୁ ଅକ୍ଷମ—

ମୁରା—ଗୁରୁଦେବ ! ଆପଣ କଣ ବୁଝିବେ ଏ ହୃଦୟରେ କି ଝଡ଼ ଆଜି ବହିଚାଲିଛି ? ମୁଁ ଯେ କେତେ ସହ୍ୟ କରିଛି ତାହା ଆପଣ କଳ୍ପନା କରି ପାରିବେନି ଗୁରୁଦେବ···ମୁଁ ମାଆ···ମୁଁ ଜନନୀ··· ମୁଁ ନାରୀ···

ଚାଣକ୍ୟ—ଆଉ ତୁମେ ବି କଳ୍ପନା କରି ପାରିବନି ମୁରା, ଲୁପ୍ତ ଗୌରବର ଦୀପ୍ତ ମହିମା—ଯାର ରୁଦ୍ଧ ଆବେଗ କାରାଗାରର ଲୌହ ଦ୍ୱାରରେ ମଥା ପିଟି ପିଟି ନିଜେ ରକ୍ତାକ୍ତ ହୋଇ ଭୂଲୁଣ୍ଠିତ ହୋଇଛି । ତୁମେ କଣ ବୁଝିବ ନାରୀ, ଏ ପ୍ରତିହିଂସାର ଜ୍ୱାଳା ? ଏ ମର୍ମଦାହ ? ଯାଅ···ଆଉ ମତେ ବିରକ୍ତ କରନା···ଏ ଯୁଦ୍ଧ ଅନିବାର୍ଯ୍ୟ—

ମୁରା—ଗୁରୁଦେବ···(ଭୟ ଓ ଆତଙ୍କରେ)

ଚାଣକ୍ୟ—ଯାଅ···(ଚିତ୍କାର କରି ଉଠିଲେ—ମୁରା ଭୟରେ ଚାଲିଗଲେ, ପରେ ପରେ ହସି ଉଠିଲେ ଚାଣକ୍ୟ)···ବିଶ୍ୱାସଂ ନୈବ କର୍ତ୍ତବ୍ୟଂ ସ୍ତ୍ରୀଷୁ ରାଜକୁଳେଷୁ···

(ଏହି ସମୟରେ ଆସିଛନ୍ତି କାତ୍ୟାୟନ)

କାତ୍ୟାୟନ—ଚାଣକ୍ୟ···

ଚାଣକ୍ୟ—(କାତ୍ୟାୟନଙ୍କୁ ଦେଖି) ତୁମେ ! ଏତେ ରାତିରେ !

କାତ୍ୟାୟନ—ସମ୍ବାଦ ଅଛି ଚାଣକ୍ୟ···

ଚାଣକ୍ୟ—ସମ୍ବାଦ···?

କାତ୍ୟାୟନ—ହଁ ସମ୍ବାଦ···ଖୁବ୍ ଜରୁରୀ···ନନ୍ଦର ବୃଦ୍ଧ ମନ୍ତ୍ରୀ ଆସିଥିଲେ ।

ଚାଣକ୍ୟ—ତାପରେ···?

କାତ୍ୟାୟନ—ତାଙ୍କର କଥାବାର୍ତ୍ତାରୁ ମନେହେଲା ସେ ସନ୍ଧି କରିବା ପାଇଁ ଆଗ୍ରହୀ···

ଚାଣକ୍ୟ—(କୁଟୀଳ ହସ ହସି) ହୁଁ···ଆଉ କଣ କହୁଥିଲେ ?

କାତ୍ୟାୟନ—କହିଲେ ଭାଇ ଭାଇ ମଧ୍ୟରେ ଯୁଦ୍ଧ ଲାଗିବାଟା ସୁନ୍ଦର ନୁହେଁ-ଯେତେହେଲେ ନନ୍ଦ ସାନଭାଇ···ବୟସରେ ସାନ···ସେ ଯଦି କିଛି ଦୋଷ କରିଥାଏ ବଡ଼ଭାଇ ପାଖରେ କଣ କ୍ଷମା ନାହିଁ··· ତାଙ୍କର ଇଚ୍ଛା ରାଜ୍ୟ ବିଭାଜନ କରି ଦୁଇ ଭାଇଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାକୁ···

ଚାଣକ୍ୟ—ଚମତ୍କାର···ବିଚକ୍ଷଣ ସେ ମନ୍ତ୍ରୀ···

କାତ୍ୟାୟନ—(ତ୍ରୁଟି ନ ପାଇ) ମାନେ···?

ଚାଣକ୍ୟ—ଚନ୍ଦ୍ରଗୁପ୍ତ ସେଠାରେ ଥିଲା ?

କାତ୍ୟାୟନ—ହଁ···

ଚାଣକ୍ୟ—କିଛି କହିଲା ?

କାତ୍ୟାୟନ—ନା

ଚାଣକ୍ୟ—ଆଉ ତୁମେ ?

କାତ୍ୟାୟନ—ତୁମର ବିନା ପରାମର୍ଶରେ ମୁଁ କିଛି କହିଥିବି ବୋଲି ତୁମେ ଆଶା କରୁଛ ? ବରଂ ମୁଁ ତାଙ୍କୁ ତୁମ ନିକଟକୁ ଆଣିବା ପାଇଁ ଅନେକ ଚେଷ୍ଟା କଲି···

ଚାଣକ୍ୟ—ସେ କିନ୍ତୁ ଆସିବାକୁ ସ୍ୱୀକୃତ ହେଲେନି ନା ? ନିଶ୍ଚିତ ପରାଜୟ ଅନିବାର୍ଯ୍ୟ ଜାଣି ବୃଦ୍ଧ ମନ୍ତ୍ରୀ ଚେଠତାର ଜାଲ ବିସ୍ତାର କରିଥିଲେ ···ସନ୍ଧି (ହସିଉଠିଲେ)

କାତ୍ୟାୟନ—ତୁମେ କଣ ଚାହଁ ଚାଣକ୍ୟ, ଯୁଦ୍ଧ ନା ସନ୍ଧି ?

ଚାଣକ୍ୟ—ମନସା ଚିନ୍ତିତଂ କର୍ମ ବଚସା ନ ପ୍ରକାଶୟେତ୍ ।

କାତ୍ୟାୟନ—ମୁଁ ତୁମର ମିତ୍ର ଚାଣକ୍ୟ···

ଚାଣକ୍ୟ—(ସାମାନ୍ୟ ହସି) ତୁମେ ଆସ କାତ୍ୟାୟନ, ଉପଯୁକ୍ତ ସମୟରେ ମୁଁ ତୁମ ପ୍ରଶ୍ନର ଉତ୍ତର ଦେବି ।

(କାତ୍ୟାୟନ ଯିବା ସମୟରେ) ଶୁଣ – ଚନ୍ଦ୍ରକେତୁ ବର୍ତ୍ତମାନ କେଉଁଠି ?

କାତ୍ୟାୟନ—ଚନ୍ଦ୍ରଗୁପ୍ତଙ୍କ ଶିବିରରେ···

ଚାଣକ୍ୟ—ତାଙ୍କୁ ସମ୍ବାଦ ଦିଅ, ମୋ ସହିତ ଯେପରି ଅବିଳମ୍ବେ ସାକ୍ଷାତ କରିବେ ।

କାତ୍ୟାୟନ—କିନ୍ତୁ···

ଚାଣକ୍ୟ—ଯାଅ କାତ୍ୟାୟନ—ଚନ୍ଦ୍ରକେତୁ ସହିତ ମୋର ବିଶେଷ ପ୍ରୟୋଜନ, ଏଇ ମୁହୂର୍ତ୍ତରେ···

(କାତ୍ୟାୟନ ଚାଲିଗଲେ—ତାପରେ)

ସନ୍ଧିର ପ୍ରସ୍ତାବ ଆଣି ମତେ କିଛିଟା ସତର୍କ କରିଦେଲ ସିନା··· ତୁମର କିନ୍ତୁ କିଛି ଲାଭ ହେଲାନି ବୃଦ୍ଧ ମନ୍ତ୍ରୀ । ମୂର୍ଖ···ସନ୍ଧିର ପ୍ରସ୍ତାବ ନେଇ ଆସିଥିଲ··(ତାଚ୍ଛଲ୍ୟରେ ହସିଲେ)

(ଆସିଛନ୍ତି ଚନ୍ଦ୍ରକେତୁ)

ଚନ୍ଦ୍ରଗୁପ୍ତ—ପ୍ରଣାମ ଗୁରୁଦେବ···

ଚାଣକ୍ୟ—ଯଶସ୍ୱୀ ହୁଅ···ମନେ ଅଛି ତ ଚନ୍ଦ୍ରକେତୁ, ଏଇ ନିର୍ଦ୍ଧିତ ରଜନୀର ଶେଷ ପ୍ରହରରେ ଦୁର୍ଦ୍ଦାନ୍ତ ପାର୍ବତ୍ୟ ସେନାଙ୍କର ରଣହୁଙ୍କାରରେ ଆସନ୍ନାକାଳର ପ୍ରଭାତ ମୁଖରିତ ହୋଇଉଠିବ···ନିଜର ଜୀବନକୁ ତୁଚ୍ଛ କରି ରଣାଙ୍ଗନରେ ହୁଏତ ଆତ୍ମବଳୀ ଦବାକୁ ପଡ଼ିବ । ପାରିବ ତ ?

ଚନ୍ଦ୍ରକେତୁ—ଆପଣ ଏ କଥା କହିପାରିଲେ ଗୁରୁଦେବ ? ଆପଣ କ'ଣ ମୋତେ ଅବିଶ୍ୱାସ କରୁଛନ୍ତି ? ଏ ଦେହରେ ବିନ୍ଦୁଏ ରକ୍ତ ଥିବା ପର୍ଯ୍ୟନ୍ତ ମୁଁ ଆଉ ମୋର ପାର୍ବତ୍ୟ ସେନା ଆପଣଙ୍କର ନିର୍ଦ୍ଦେଶ ପାଳନ କରିବେ···

ଚାଣକ୍ୟ—ମୁଁ ଜାଣେ ଚନ୍ଦ୍ରକେତୁ ··· ତୁମେ ମହାନ୍—ତୁମେ ବୀର । ମୁଁ ତୁମକୁ ଅବିଶ୍ୱାସ କରୁନ···

ଚନ୍ଦ୍ରକେତୁ—ତାହାହେଲେ··· ?

ଚାଣକ୍ୟ—ମୁଁ ଚନ୍ଦ୍ରଗୁପ୍ତକୁ ସଂପୂର୍ଣ୍ଣ ବିଶ୍ୱାସ କରିପାରୁନ ··· ମୋର ଯେପରି ମନେହୁଏ ଚନ୍ଦ୍ରଗୁପ୍ତ ଧୀରେ ଧୀରେ ଦୁର୍ବଳ ହୋଇ ପଡୁଛି—ତା ଅନ୍ତରର ନିଭୃତ କନ୍ଦରରେ ନନ୍ଦ ପ୍ରତି ତାର ହୁଏତ କିଛିଟା ଦୁର୍ବଳତା ରହିଛି । ଆଜି ସେଥିରେ ଇନ୍ଧନ ଯୋଗାଇଛି ମୁରା । ତଥାପି ତାର ଶୌର୍ଯ୍ୟ ଦୁର୍ଜୟ; କିନ୍ତୁ ମନର ଏଇ କ୍ଷଣିକ ଦୁର୍ବଳତା ସହିତ ଯଦି ତାର ସଂଘାତ ହୁଏ ?

ଚନ୍ଦ୍ରକେତୁ—ତାହାହେଲେ ମତେ କଣ କରିବାକୁ ହେବ ଗୁରୁଦେବ ? ଯେତେବେଳେ ବିଜୟ ଆମର ସୁନିଶ୍ଚିତ ସେତେବେଳେ ଚନ୍ଦ୍ରଗୁପ୍ତ ଯଦି···

ଚାଣକ୍ୟ--ଭୟ ନାହିଁ ଚନ୍ଦ୍ରକେତୁ ! କାଲି ଯୁଦ୍ଧ ପର୍ଯ୍ୟନ୍ତ ତୁମେ ତା'ର ପାଖେ ପାଖେ ରହି ତା ପ୍ରତି ସତର୍କ ଦୃଷ୍ଟି ରଖିବ । ଆଜି ଗୋଟାଏ ମୁହୂର୍ତ୍ତ ମଧ୍ୟ ତାକୁ ଏକାକୀ ରହିବାକୁ ଦେବନି ।

ଚନ୍ଦ୍ରକେତୁ—ଯଥା ଆଜ୍ଞା ଗୁରୁଦେବ !

ଚାଣକ୍ୟ—ଖାଲି ସେତିକି ନୁହେଁ ଚନ୍ଦ୍ରକେତୁ, ଯୁଦ୍ଧ ସମୟରେ ମଧ୍ୟ ଚନ୍ଦ୍ରଗୁପ୍ତର ପାଖେ ପାଖେ ରହି ତା ମନରେ ଭରିଦେବ ଅଦମ୍ୟ ସାହାସ । ତା ମନରେ ଜାଳିଦେବ ପ୍ରତିହିଂସାର ଦାବାନଳ, ଧ୍ୱଂସର ଉନ୍ମାଦନା । ତୁମେ ଖାଲି ତାର ବନ୍ଧୁ, ନୁହଁ ଚନ୍ଦ୍ରକେତୁ ! ଯୁଦ୍ଧକ୍ଷେତ୍ରରେ ତୁମେ ହେବ ତାର ଅଙ୍ଗରକ୍ଷୀ ।

ଚନ୍ଦ୍ରକେତୁ—ଆପଣଙ୍କର ନିର୍ଦ୍ଦେଶ ମୋର ଶିରୋଧାର୍ଯ୍ୟ ଗୁରୁଦେବ ।

ଚାଣକ୍ୟ—ଯାଅ ଚନ୍ଦ୍ରକେତୁ । କାଲି ପ୍ରତ୍ୟୁଷରେ ମୁଦ୍ରା ଶଯ୍ୟାତ୍ୟାଗ କରିବା ପୂର୍ବରୁ ତୁମେ ଆଉ ଚନ୍ଦ୍ରଗୁପ୍ତ ଏକ ମାହେନ୍ଦ୍ର ଲଗ୍ନରେ ଆରମ୍ଭ କରିବ ତୁମର ଯୁଦ୍ଧଯାତ୍ରା । ବାଜି ଉଠିବ ତୁମର ରଣ ଦୁନ୍ଦୁଭି···

ଚନ୍ଦ୍ରକେତୁ—ଯଥା ଆଜ୍ଞା ଗୁରୁଦେବ !

(ପ୍ରଣାମ କରି ବିଦାୟ ନେଲେ)

ଚାଣକ୍ୟ—(ଚନ୍ଦ୍ରକେତୁ ଯିବା ପରେ) ନିର୍ବୋଧ ଯୁବକ—ପର ପାଇଁ ସର୍ବସ୍ୱ ପଣ କରି ବସିଛି । ଚନ୍ଦ୍ରଗୁପ୍ତ ତୁମର କିଏ ? ମୂର୍ଖ··· (ହସିଛନ୍ତି)

(ମଞ୍ଚରେ ଆଲୋକ ଲିଭି ଯାଇଛି)

—o—

ସପ୍ତମ ଦୃଶ୍ୟ

[ସ୍ଥାନଃ ରାଜପ୍ରାସାଦ—ମଞ୍ଚ ଆଲୋକିତ ହେବାପରେ ଦେଖାଗଲା ଆଣ୍ଟୀଗୋନସ୍ ମନଖୋଲା ହସ ହସୁଥିଲେ । ସମ୍ମୁଖରେ ବନ୍ଦୀ ସେଲ୍ୟୁକସ୍···]

ଆଣ୍ଟୀଗୋନସ୍—(ବିଦ୍ରୂପରେ) ସମ୍ରାଟ ସେଲ୍ୟୁକସ ? ତୁମେ ଆଜି ଜଣେ ସାମାନ୍ୟ ବନ୍ଦୀ । ଆଉ ମୁଁ ହେଉଛି ବିଶାଳ ଗ୍ରୀକ୍ ସାମ୍ରାଜ୍ୟର ସମ୍ରାଟ । ସମ୍ରାଟ ଆଣ୍ଟୀଗୋନସ୍ ··· (ହସିଉଠିଲେ)

ସେଲ୍ୟୁକସ—କଣ ସେଥିପାଇଁ ଖୁବ୍ ଗର୍ବ କରୁଛ ନା ?

ଆଣ୍ଟୀଗୋନସ୍—ପ୍ରବଳପରାକ୍ରମଶାଳୀ ଗ୍ରୀକ୍ ସମ୍ରାଟ ସେଲ୍ୟୁକସଙ୍କୁ ଯୁଦ୍ଧରେ ପରାଜିତ କରି ବନ୍ଦୀ କରିବାର ସୌଭାଗ୍ୟ ଖୁବ୍ କମ୍ ବୀରଙ୍କ ଭାଗ୍ୟରେ ଘଟେ ସେଲ୍ୟୁକସ୍···କାହିଁ ? କାହିଁ ଆଜି ତୁମର ସେ ଦମ୍ଭ ସମ୍ରାଟ ? ସେଦିନର ସେ ଉଦ୍ଧତ ଅହଂକାର ?

ସେଲ୍ୟୁକସ—ବିଜୟର ଉଲ୍ଲାସରେ କିମ୍ବା ପରାଜୟର ବ୍ୟର୍ଥତାରେ ଗ୍ରୀକ୍ ବୀର କେବେହେଲେ ତାର ଦମ୍ଭ ହରାଇ ବସେନା ଆଣ୍ଟୀଗୋନସ୍ । ସେ ସବୁବେଳେ ବୀର···ମୁଁ ଆଜି ଯୁଦ୍ଧରେ ହାରି ଯାଇଛି, ମୁଁ ଆଜି ତୁମ ହାତରେ ବନ୍ଦୀ; କିନ୍ତୁ ପୁଣି ଯଦି କେବେ ଯୁଦ୍ଧ କରିବାର ସୁଯୋଗ ଆସେ—

ଆଣ୍ଟୀଗୋନସ୍—(ହସିଉଠି) ସେ ସୁଯୋଗ ଆଉ କେବେ ତୁମ ଜୀବନରେ ଆସିବନି ସେଲ୍ୟୁକସ । ଏଇ ବୋଧହୁଏ ଆମର ଶେଷ ଯୁଦ୍ଧ ।

ତାପରେ, ତାପରେ ମୁଁ ତୁମକୁ (ଦାନ୍ତରେ ଦାନ୍ତ ଚପି ତୀକ୍ଷ୍ଣ ଦୃଷ୍ଟିରେ ସେଲ୍ୟୁକସ୍‌କୁ ଚାହିଁରହିଲେ ।)

ସେଲ୍ୟୁକସ୍—କ'ଣ ହତ୍ୟା କରିବ···?

ଆଣ୍ଟିଗୋନସ୍—ନା, ମୁଁ ତୁମକୁ ହତ୍ୟା କରିବିନି ସେଲ୍ୟୁକସ୍ । ଅବରୁଦ୍ଧ କାରାକକ୍ଷରେ ମୁଁ ତୁମକୁ ଆଜୀବନ ବନ୍ଦୀ କରି ରଖିବି —ଯେଉଁଠି ସୂର୍ଯ୍ୟର ଆଲୋକ ଭୟରେ ପ୍ରବେଶ କରେନା, ସେଇଠି ଲିଭିଯିବ ତୁମ ଗର୍ବୋନ୍ନତ ଜୀବନର ଶେଷ ଦୀପଶିଖା ଏକ ଅସହାୟ ବନ୍ଦୀର କରୁଣ କ୍ରନ୍ଦନ ଧ୍ୱନି ସେଇ ନିର୍ଜ୍ଜନ କାରା-କକ୍ଷର କ୍ଷୁଧିତ ପାଷାଣ ବକ୍ଷରେ ସୃଷ୍ଟି କରିବ ଏକ ଅପୂର୍ବ ସଙ୍ଗୀତର ମୂର୍ଚ୍ଛନା ।

ସେଲ୍ୟୁକସ୍—ଆଣ୍ଟିଗୋନସ୍···ଏଇ କଣ ଜଣେ ବୀରର ବୀର ପ୍ରତି ସମ୍ମାନ ? ତୁମେ ମତେ ହତ୍ୟାକର ଆଣ୍ଟିଗୋନସ୍, ମୁଁ ମୃତ୍ୟୁକୁ ଭୟ କରେନା ।

ଆଣ୍ଟିଗୋନସ୍—(ହସି) ନା, ତୁମକୁ ହତ୍ୟାକଲେ ମୋ ଅପମାନର ଯଥେଷ୍ଟ ପ୍ରତିଶୋଧ ହେବନି ··· ତୁମର ମନେ ଅଛି ସେଲ୍ୟୁକସ୍, ଯୋଉଦିନ ସମ୍ରାଟଙ୍କ ସମ୍ମୁଖରେ ମତେ ଗୋଟାଏ ଜାରଜ ସନ୍ତାନ ବୋଲି ବିଦ୍ରୂପ କରିଥିଲେ, ସେ ଆଘାତ କଣ ମୁଁ ଏତେ ସହଜରେ ଭୁଲିଯିବି ବୋଲି ଆଶା କରୁଚ । ତୁମେ ବଞ୍ଚି ରହିବ ସେଲ୍ୟୁକସ୍, ଆଉ ଦେଖିବ ସେଇ ଜାରଜ ସନ୍ତାନର କୀର୍ତ୍ତି, ଦେଖିବ ତାର ଶକ୍ତିର ଗରିମା ।

ସେଲ୍ୟୁକସ୍—ଆଣ୍ଟିଗୋନସ୍···

ଆଣ୍ଟିଗୋନସ୍—ମୁଁ ଶୈଶବରୁ ପିତୃହୀନ । ଦାକ୍ଷିଣ୍ୟର ଦ୍ୱାରରେ ଭିକ୍ଷୁକପରି ଈଶ୍ୱର ମତେ ଏଇ ସଂସାରରେ ଛାଡ଼ି ଦେଇଥିଲେ ।

ଆଉ ଦାରିଦ୍ର୍ୟର ସେଇ ଚରମ ନିର୍ଯ୍ୟାତନା ଭିତରେ ନିଜର ଶୌର୍ଯ୍ୟ ଆଉ ଦକ୍ଷତା ବଳରେ ଜଣେ ସାମାନ୍ୟ ସୈନିକରୁ ମୁଁ ସେନାଧ୍ୟକ୍ଷ ହୋଇଥିଲି । ତଥାପି ଏ ସଂସାର ମତେ ଘୃଣାକରେ, —ମୋର ପିତା କିଏ ମୁଁ ଜାଣେନା··· କିନ୍ତୁ ସେ ନିଶ୍ଚୟ ତୁମରି ପରି ଜଣେ ମଣିଷ । ମୋର ଜନ୍ମ ପାଇଁ ମୁଁ ଦାୟୀ ନୁହେଁ ସେଲ୍ୟୁକସ୍ । କିନ୍ତୁ ମୋର କାର୍ଯ୍ୟ ପାଇଁ ମୁଁ ଦାୟୀ । ମତେ ନୀଚ କର୍ମ କରିବା କେବେ ଦେଖିଛ ?

ସେଲ୍ୟୁକସ୍—ନା ଆଣ୍ଟିଗୋନସ୍ : ମୁଁ ତୁମ ଚରିତ୍ରରେ ମୁଗ୍ଧ··· ଗ୍ରୀକ୍ ବାହିନୀରେ ତୁମ ଭଳି କର୍ତ୍ତବ୍ୟନିଷ୍ଠ ସେନାଧ୍ୟକ୍ଷ ବିରଳ···

ଆଣ୍ଟିଗୋନସ୍—(ହସି) କଣ ପ୍ରଶଂସା କରୁଛ ? ଆଜି କିନ୍ତୁ ତୁମର ପ୍ରଶଂସାର ମୂଲ୍ୟାଙ୍କନ କରିବାକୁ ଆଣ୍ଟିଗୋନସ୍ ପ୍ରସ୍ତୁତ ନୁହେଁ ସେଲ୍ୟୁକସ । ଆଜି ତୁମେ ଜଣେ ସାମାନ୍ୟ ବନ୍ଦୀ, ମୋର ଅନୁକମ୍ପାର ଭିକାରୀ···

ସେଲ୍ୟୁକସ୍—ମୁଁ ତୁମର ପ୍ରଶଂସା କରୁନି, ଆଣ୍ଟିଗୋନସ୍···ଜଣେ ବୀର ହିସାବରେ ମୁଁ ତୁମ ଚରିତ୍ରର ସମ୍ମାନ ଦେଉଛି । (ଦୁଇଜଣ ରକ୍ଷୀ ହେଲେନ୍‌ଙ୍କୁ ନେଇ ଆସିଛନ୍ତି)

ହେଲେନ୍—ବାବା (କହି ଦୌଡ଼ିଯାଇ ସେଲ୍ୟୁକସ୍‌ଙ୍କୁ କୁଣ୍ଢାଇ ଧରିଲେ) ।

ସେଲ୍ୟୁକସ୍—ହେଲେନ୍···ମା ମୋର···

ଆଣ୍ଟିଗୋନସ୍—ସାଦର ସମ୍ଭାଷଣ ଶେଷ କରି ନିଅନ୍ତୁ ସମ୍ରାଟ, ଏଇ ବୋଧହୁଏ ତୁମମାନଙ୍କର ଶେଷ ସାକ୍ଷାତ୍ ।

ହେଲେନ୍—ଶେଷ ସାକ୍ଷାତ୍···

ଆଣ୍ଟାଗୋନସ୍—ହଁ ରାଜନନ୍ଦିନୀ, ଆଜିଠାରୁ ତୁମର ପିତା ହେବେ ଆଜୀବନ ବନ୍ଦୀ । ତୁମର କିଛି କହିବାର ଅଛି ?

ହେଲେନ୍—ବୀର ପ୍ରତି ବୀରର ଆଚରଣ ବୀରର ବୀର୍ଯ୍ୟ···ଅନଧିକାର ଚର୍ଚ୍ଚା ମୁଁ ପସନ୍ଦ କରେନା···

ଆଣ୍ଟାଗୋନସ୍—ତଥାପି ଗର୍ବ ? ମୁଁ ଇଚ୍ଛାକଲେ କଣ କରିପାରେ ଚିନ୍ତା କରିପାରୁଛ ହେଲେନ୍···

ହେଲେନ୍—ଜାଣେ—ରାଜ୍ୟ ପରେ ରାଜ୍ୟ ଜୟ କରି ତୁମେ ସମ୍ରାଟ ହୋଇପାର, କିନ୍ତୁ ହେଲେନ୍‌କୁ ପାଇବାର ଦୁଃସ୍ୱପ୍ନ ତୁମେ ଦେଖିବନି ଆଣ୍ଟାଗୋନସ୍ । ହେଲେନର ମନ ରାଜ୍ୟକୁ ଜୟ କରିବାକୁ ତୁମର ଏ ଶାଣିତ ତରବାରୀ କେବେହେଲେ ସମର୍ଥ ହେବନି ।

ଆଣ୍ଟାଗୋନସ୍--ହେଲେନ୍ !

ହେଲେନ୍—ଯାଆନ୍ତୁ ପିତା, ଆପଣ ବୀର । ଜଣେ ବୀର ପ୍ରତି ଏଇ ଯଦି ଯୋଗ୍ୟ ବ୍ୟବହାର ହୁଏ, ତାହାହେଲେ କାରାଗାରରେ ସାରା ଜୀବନ ବନ୍ଦୀ ଭାବରେ କଟାଇବାରେ ଦୁଃଖ ନାହିଁ ପିତା, ମତେ ବିଦାୟ ଦିଅନ୍ତୁ । ଏ ଜନ୍ମରେ ଏଇ ବୋଧହୁଏ ଆମର ଶେଷ ସାକ୍ଷାତ । (କହି ସେଲ୍ୟୁକସଙ୍କ ପାଦତଳେ ନତଜାନୁ ହେବା ସମୟରେ ସେଲ୍ୟୁକସ୍ ହେଲେନଙ୍କୁ ଟେକି ତୋଳି ଧରି ଛାତିରେ ଚାପି ଧରିଲେ)

ଆଣ୍ଟାଗୋନସ୍—ହେଲେନ୍—ମୁଁ ତୁମର ପିତାଙ୍କୁ ଗୋଟାଏ ସର୍ତ୍ତରେ ମୁକ୍ତି ଦେଇପାରେ···ତା ହେଉଛି ତୁମେ ଯଦି ମତେ ବିବାହ କରିବାକୁ ରାଜି ହୁଅ ।

ସେଲ୍ୟୁ—ଆଣ୍ଟାଗୋନସ୍ ! କୌଣସି ସର୍ତ୍ତକୁ ମାନନେଇ ଗ୍ରୀକ୍ ବୀର କେବେହେଲେ ତା ଜୀବନର ମୁକ୍ତି ଭିକ୍ଷା କରେନା । ସେଲ୍ୟୁକସର କନ୍ୟା ତାର ପିତାର ଜୀବନ ବଞ୍ଚାଇବାକୁ ଯାଇ ନିଜର ଇଜ୍ଜତକୁ ବଳି ଦେଇ ପାରେନା । ପ୍ରଭାତ ସୂର୍ଯ୍ୟ ପରି ଭାସ୍ୱର···ମାତୃ-ସ୍ନେହପରି ପବିତ୍ର ଏଇ ନାରୀ ଧର୍ମକୁ ମୋର ମୁକ୍ତି ବିନିମୟରେ କ୍ରୟ କରିବାକୁ ଚାହଁ···? କିନ୍ତୁ ମନେରଖ ଆଣ୍ଟାଗୋନସ୍, ମୁଁ ମୁକ୍ତି ଚାହେଁନା—ମୁଁ ତୁମକୁ ଘୃଣା କରେ···

(ସେଲ୍ୟୁକସଙ୍କ ଆଖିରେ ଲୁହ ଆସିଯାଇଛି)

ହେଲେନ୍—ବାବା···ଆପଣଙ୍କ ଚକ୍ଷୁରେ ଅଶ୍ରୁ···ନା ନା ବାବା, ମୁଁ ସବୁ ସହିପାରିବି···କିନ୍ତୁ···କିନ୍ତୁ ଆପଣଙ୍କ ଆଖିରେ ଲୁହ ମୁଁ ସହ୍ୟ କରିପାରିବିନି ବାବା···

ସେଲ୍ୟୁକସ୍—(ଲୁହ ପୋଛି) ସେ କିଛି ନୁହେଁରେ ମା···

ହେଲେନ୍—ଆଣ୍ଟାଗୋନସ୍···ମୁଁ ତୁମକୁ ବିବାହ କରିବି । ମୁଁ ତୁମର ସର୍ତ୍ତ ମାନି ନେଇଛି ଆଣ୍ଟାଗୋନସ···ତୁମେ ମୋ ପିତାଙ୍କୁ ମୁକ୍ତି ଦିଅ···

ସେଲ୍ୟୁକସ୍—ହେଲେନ୍ ! ଗ୍ରୀକ୍ ରମଣୀ ନିକଟରେ ଏ ଦୁର୍ବଳତା ଶୋଭା ପାଏନା ମା···ମୁଁ ମୁକ୍ତି ଚାହେଁନା···ଆଣ୍ଟାଗୋନସ୍···ମୁଁ ମୁକ୍ତି ଚାହେଁନା···(ରକ୍ଷୀମାନଙ୍କ ଉଦ୍ଦେଶ୍ୟରେ) ମତେ ତୁମେମାନେ ନେଇଚାଲ···ବିଦାୟ···ଦେ ମା···ବିଦାୟ···(କିଛି ଦୁଇପାଦ ଆଗେଇ ଗଲବେଳେ)

ଆଣ୍ଟାଗୋନସ୍—ଅପେକ୍ଷା କର ସେଲ୍ୟୁକସ···ତୁମେ ମୁକ୍ତ···

ସେଲ୍ୟୁକସ୍
ହେଲେନ୍ —ଆଣ୍ଟାଗୋନସ୍ !

ଆଣ୍ଟୋଗୋନସ୍—ମୁଁ ଜାରଜ ହେଲେ ମଧ୍ୟ ମୋ ଦେହର ଶିରାପ୍ରଶିରାରେ ଗ୍ରୀକ ରକ୍ତ ପ୍ରବାହିତ···ଏ ଅପୂର୍ବ ଦୃଶ୍ୟରେ ମୋ ଚକ୍ଷୁ ଆଜ ଅଶ୍ରୁସିକ୍ତ ହୋଇ ଉଠିଛି···ଯାଅ ହେଲେନ···ଆଜଠାରୁ ତୁମେ ମଧ୍ୟ ମୁକ୍ତ—ମୁଁ ତୁମର ଯୋଗ୍ୟ ନୁହେଁ ହେଲେନ···ଆଉ ସେଲ୍ୟୁକସ୍···ଆଜଠାରୁ ଏ ସିଂହାସନ ତୁମର—(କହି ମୁଣ୍ଡରୁ ମୁକୁଟ ଓ କଟିରୁ ତରବାରି ବାହାର କରି ସେଲ୍ୟୁକସଙ୍କୁ ମୁକୁଟ ପିନ୍ଧାଇ ଦେଲେ ଓ ତାଙ୍କର ପାଦତଳେ ତରବାରି ରଖି ଦ୍ରୁତପଦରେ ଚାଲିଯିବା ସମୟରେ···)

ସେଲ୍ୟୁକସ୍
ହେଲେନ୍ —ଆଣ୍ଟୋଗୋନସ୍···

(ମଞ୍ଚ ଅନ୍ଧକାର)

—୦—

[ସ୍ଥାନ—ସେତୁପାର୍ଶ୍ୱ ଅରଣ୍ୟ—ସମୟ ସଂଧ୍ୟା, ଚାଣକ୍ୟ ଯୁଦ୍ଧ ସମ୍ବାଦ ପାଇବା ନିମନ୍ତେ ବ୍ୟଗ୍ର ଚିତ୍ତରେ ପଦଚାରଣା କରୁଥିଲେ]

(ଆସିଛନ୍ତି ମୁରା)

ମୁରା—ଗୁରୁଦେବ ! ଏ ଯୁଦ୍ଧରେ ଚନ୍ଦ୍ରଗୁପ୍ତ ଯଦି ହାରିଯାଏ ?

ଚାଣକ୍ୟ—ମୁରା, ଚନ୍ଦ୍ରଗୁପ୍ତ କେବେହେଲେ ହାରିପାରେନା । ଚାଣକ୍ୟ ବଞ୍ଚି ଥାଉ ଥାଉ ଚନ୍ଦ୍ରଗୁପ୍ତର ପରାଜୟ ଅସମ୍ଭବ । ଭୟ କରନା ମୁରା ଚାଣକ୍ୟ ଜୀବିତ ଥିବା ପର୍ଯ୍ୟନ୍ତ ତୁମର ପୁଅ ଚନ୍ଦ୍ରଗୁପ୍ତର କେଶାଗ୍ର ସୁଦ୍ଧା କେହି ସ୍ପର୍ଶ କରି ପାରିବେନି···ଚାଣକ୍ୟର ବ୍ରହ୍ମତେଜରେ ଚନ୍ଦ୍ରଗୁପ୍ତ ଆଜି ଶକ୍ତିମାନ···

ମୁରା—ତଥାପି ଗୁରୁଦେବ···ମୋର ଯେମିତି ମନେ ହେଉଛି—

ଚାଣକ୍ୟ—ମୁରା, ସାମାନ୍ୟ ନାରୀ ତୁମେ ! ଶକ୍ତିହୀନା—ଦୁର୍ବଳା । ଯୁଦ୍ଧର ବିଭୀଷିକା କଳ୍ପନା କରି ତୁମେ ଅଯଥାରେ ଶିହରି ଉଠୁଛ···ଯାଅ—ମଧ୍ୟରେ ବିଶ୍ରାମ ନିଅ···ଯାଅ···

(ମୁରା ନୀରବରେ ଚାଲିଗଲେ···ଆଉ ତାଙ୍କର ଯିବା ବାଟକୁ ଚାହିଁ ହସିଉଠିଲେ ଚାଣକ୍ୟ···)

(ଏହି ସମୟରେ ଆସିଛନ୍ତି କାତ୍ୟାୟନ···)

କାତ୍ୟାୟନ—ଚାଣକ୍ୟ···

ଚାଣକ୍ୟ – କଣ ହେଲା କାତ୍ୟାୟନ ?

କାତ୍ୟାୟନ—ଯୁଦ୍ଧରେ ଆମର ପରାଜୟ ହୋଇଛି···

ଚାଣକ୍ୟ—(ଚିତ୍କାର କରି ଉଠିଲେ) କାତ୍ୟାୟନ···

କାତ୍ୟାୟନ—ହଁ ଚାଣକ୍ୟ—ଚନ୍ଦ୍ରଗୁପ୍ତ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିଛି···
ଆଉ ସେଥିପାଇଁ ଆମର ସୈନ୍ୟମାନେ ଛତ୍ରଭଙ୍ଗ ହୋଇଛନ୍ତି···

ଚାଣକ୍ୟ—(ଗମ୍ଭୀର କଣ୍ଠରେ) ଚନ୍ଦ୍ରଗୁପ୍ତ ବର୍ତ୍ତମାନ କେଉଁଠି ?

କାତ୍ୟାୟନ—ଜାଣେନା···

ଚାଣକ୍ୟ—ଆଉ ଚନ୍ଦ୍ରକେତୁ ?

କାତ୍ୟାୟନ – ତା ମଧ୍ୟ ଜାଣେନା । କିନ୍ତୁ ତାଙ୍କୁ ଅଶ୍ୱପୃଷ୍ଠରୁ ପଡ଼ିଯିବାର
ଦେଖିଛି···

ଚାଣକ୍ୟ—ତୁମେ ତାହାହେଲେ ଏପର୍ଯ୍ୟନ୍ତ କଣ କରୁଥିଲ ?

କାତ୍ୟାୟନ – ମୁଁ ସେଇ ପର୍ବତ ଶିଖରରେ ରହି ଯୁଦ୍ଧର ଗତି ନିରୀକ୍ଷଣ
କରୁଥିଲି···

ଚାଣକ୍ୟ – ନିରୀକ୍ଷଣ କରୁଥିଲ ! ମୁଁ କଣ ଏଇଥିପାଇଁ ତୁମକୁ ଯୁଦ୍ଧଭୂମିକୁ
ପଠାଇଥିଲି ? ଯେତେବେଳେ ଆମର ବିଜୟ ସୁନିଶ୍ଚିତ ।
ମୂର୍ଖ ଗତ···ଓଃ···

କାତ୍ୟାୟନ – (ଚନ୍ଦ୍ରଗୁପ୍ତଙ୍କୁ ଆସୁଥିବା ଦେଖି) ଏଇତ ଚନ୍ଦ୍ରଗୁପ୍ତ
ଆସୁଛନ୍ତି···

ଚାଣକ୍ୟ—କାହିଁ ? (ହଠାତ୍ କରତାଳି ଦେଇ) ଯାଅ କାତ୍ୟାୟନ... ସେନାଧ୍ୟକ୍ଷଙ୍କୁ ମୋର ନିର୍ଦ୍ଦେଶ ଜଣାଇ ଦିଅ । ସେମାନେ ଯେପରି ଯୁଦ୍ଧ ପାଇଁ ଅବିଳମ୍ବେ ପ୍ରସ୍ତୁତ ହୁଅନ୍ତି...ଯାଅ...(କାତ୍ୟାୟନ ଚାଲିଗଲେ)

ଚାଣକ୍ୟ—ମୁହଁରେ ଫୁଟି ଉଠିଲା କ୍ରୁର ହାସ୍ୟରେଖା) କଣ୍ଟକେ ନୈବ କଣ୍ଟକଂ...ମୁରା...ମୁରା...(ଡାକିଲେ)

ମୁରା—(ପ୍ରବେଶ କରି) ଗୁରୁଦେବ...

ଚାଣକ୍ୟ—ତୁମେ କାନ୍ଦି ଜାଣ ନାହିଁ ?

ମୁରା—(କିଛି ବୁଝି ନ ପାରି) ଗୁରୁଦେବ...!

ଚାଣକ୍ୟ—ତୁମକୁ କାନ୍ଦିବାକୁ ପଡ଼ିବ ମୁରା...ଏଇ ଦେଖ ଚନ୍ଦ୍ରଗୁପ୍ତ ଆସୁଛି ।

ମୁରା—ଚନ୍ଦ୍ରଗୁପ୍ତ...ଚନ୍ଦ୍ରଗୁପ୍ତ...(କିଛି ଆଗେଇ ଗଲାବେଳେ...)

ଚାଣକ୍ୟ—ଅପେକ୍ଷା କର ମୁରା—ତାକୁ ଆସିବାକୁ ଦିଅ ।

(ଚନ୍ଦ୍ରଗୁପ୍ତ ଧୀର ପଦକ୍ଷେପରେ ଆସିଛନ୍ତି—ହାତରେ ମୁକ୍ତ ତରବାରି)

ଚାଣକ୍ୟ—ଆସ ଚନ୍ଦ୍ରଗୁପ୍ତ...ମୁଁ ତୁମକୁ ଅଭିନନ୍ଦନ ଜଣାଉଛି...ଦେଖୁଛ ମୁରା—ତୁମର ପୁତ୍ର ଚନ୍ଦ୍ରଗୁପ୍ତ ଯୁଦ୍ଧରେ ଜୟଲାଭ କରି ଫେରି ଆସିଛି । ନିଅ...ତାକୁ ତୁମ କୋଳକୁ ଟାଣିନିଅ...ବୀର ପୁତ୍ର ତୁମର...ଆନନ୍ଦ କର...ଉତ୍ସବ କର ।

ଚନ୍ଦ୍ରଗୁପ୍ତ—ନା ଗୁରୁଦେବ...ମୁଁ ଆଜି ପରାଜିତ...ମୁଁ ଆଜି ପଳାତକ...

ଚାଣକ୍ୟ—ଚନ୍ଦ୍ରଗୁପ୍ତର ପରାଜୟ...ଅସମ୍ଭବ । ମୁଁ ଏହା କେବେହେଲେ ବିଶ୍ୱାସ କରିପାରେନା...ଆର ପ୍ରସବିନୀ ମୁରାର ପୁତ୍ର ଯୁଦ୍ଧରେ ଜୟଲାଭ କରେ ନଚେତ୍ ପ୍ରାଣବଳୀ ଦିଏ...ଇତର କାପୁରୁଷ ପରି ସେ ଯୁଦ୍ଧକ୍ଷେତ୍ରରୁ ପଳାୟନ କରେ ନା...

ମୁରା—(ଚନ୍ଦ୍ରଗୁପ୍ତକୁ) ପଳାଇ ଆସିଲୁ ? ତତେ ଟିକିଏ ହେଲେ ଲଜ୍ଜା ଲାଗିଲା ନାହିଁ ? ଛିଃ—କାପୁରୁଷ...ଯା-ମୋ ସାମନାରୁ ଚାଲିଯା । ତୋପରି କାପୁରୁଷର ଜନନୀ ହେବା ଅପେକ୍ଷା...

ଚାଣକ୍ୟ—ବ୍ୟସ୍ତ ହୁଅନି ମୁରା—ଏ ପରାଜୟ ଥିଲା ଚନ୍ଦ୍ରଗୁପ୍ତ ଜୀବନର ଏକ କ୍ଷଣିକ ଦୁର୍ବଳତା...ଯାଅ ଚନ୍ଦ୍ରଗୁପ୍ତ—ଶତ୍ରୁ ରକ୍ତରେ ତୁମର ଏଇ ତୃଷିତ ତରବାରୀ ରକ୍ତରଞ୍ଜିତ କରି ବିଜୟ ଦର୍ପରେ ଫେରିଆସ ! ଏବେ ବି କଣ ସେ ଯୁଦ୍ଧ ଭୂମିର ଆହ୍ୱାନ ତୁମେ ଶୁଣିପାରୁନ ?

ଚନ୍ଦ୍ରଗୁପ୍ତ—ମୁଁ ପାରିବିନି ଗୁରୁଦେବ...ମୁଁ ପାରିବିନି...

ଚାଣକ୍ୟ—ପାରିବିନି ? ତୁମେ ନା ଚନ୍ଦ୍ରଗୁପ୍ତ, ମୋର ପାଦ ଛୁଇଁ ଶପଥ କରିଥିଲ ମୋର ନିର୍ଦ୍ଦେଶ ପାଳନ କରିବ ବୋଲି ? ତୁମେ ନା ଚନ୍ଦ୍ରଗୁପ୍ତ, ସେଦିନ ପ୍ରତିଜ୍ଞା କରିଥିଲ ସେ ନିର୍ମମ ଅପମାନର ପ୍ରତିଶୋଧ ନବ ବୋଲି ?

ଚନ୍ଦ୍ରଗୁପ୍ତ—ନା ଗୁରୁଦେବ, ମୁଁ ପାରିବିନି—ଭାଇ ଉପରେ ମୁଁ ଅସ୍ତ୍ରାଘାତ କରି ପାରିବିନି...ମତେ କ୍ଷମା କରନ୍ତୁ...

ମୁରା—କ୍ଷମା ? ଏ ଦୁନିଆରେ କେହି କେବେହେଲେ ତୋ ଭଳି ଏକ କୁଳାଙ୍ଗାର ସନ୍ତାନକୁ କ୍ଷମା କରିବେନି...ତୁ ଛିଃ—ତୁ କାପୁରୁଷ...

ଚନ୍ଦ୍ରଗୁପ୍ତ—ମା !

ମୁରା—ହଁ ଚନ୍ଦ୍ରଗୁପ୍ତ···ତୁ ଖରୁ—ତୁ କାପୁରୁଷ···ଖାଲି ମୁଁ ନୁହେଁ, ଏଇ ସାରା ଦୁନିଆ ତତେ ସେଇଆ କହି ଉପହାସ କରିବ । ଆଗାମୀ କାଳର ଇତିହାସ ପୃଷ୍ଠାରେ ଗୋଟାଏ ମେରୁଦଣ୍ଡହୀନ ଦାସୀପୁତ୍ରର କଳଙ୍କିତ ପରାଜୟର ଘୃଣ୍ୟ କାହାଣୀ ଲିପିବଦ୍ଧ ହୋଇ ରହିବ···

ଚନ୍ଦ୍ରଗୁପ୍ତ—ତଥାପି ମା, ନନ୍ଦ ମୋର ଭାଇ, ସେ କଅଣ ତୁମର ପୁଅ ନୁହେଁ ?

ଚାଣକ୍ୟ—ଭାଇ, ଭାଇ, ଭାଇ ! ଯେଉଁ ଭାଇ ତୁମର ମା'କୁ ଶୁଦ୍ରାଣୀ ମୁରା ବୋଲି ସମ୍ବୋଧନ କରିପାରିଲା, ଯେଉଁ ଭାଇ ସାମାନ୍ୟ ରାଜ୍ୟ-ଲୋଭରେ ଏକ ଘୃଣ୍ୟ ଚକ୍ରାନ୍ତ କରି ତୁମକୁ ରାଜ୍ୟରୁ ନିର୍ବାସିତ କରିପାରିଲା ତା ପ୍ରତି ତୁମର ଏତେ ମମତା—ଏତେ ଦରଦ ?

ଚନ୍ଦ୍ରଗୁପ୍ତ—ଗୁରୁଦେବ !

ଚାଣକ୍ୟ—ଅଥଚ ଯେଉଁ ସ୍ନେହମୟୀ ଜନନୀ ସମସ୍ତ ଅତ୍ୟାଚାର ଆଉ ନିର୍ଯ୍ୟାତନାକୁ ନୀରବରେ ସହ୍ୟ କରି ନିଜ ଛାତିରୁ ରକ୍ତ ନିଗାଡ଼ି ତୁମକୁ ମଣିଷ କଲା ସେ କଣ ତୁମର କେହି ନୁହେଁ ? ତା ପ୍ରତି କଣ ତୁମର କିଛିମାତ୍ର କର୍ତ୍ତବ୍ୟ ନାହିଁ ?

ଚନ୍ଦ୍ରଗୁପ୍ତ—ଗୁରୁଦେବ !

ଚାଣକ୍ୟ—ଯେଉଁ ଜନନୀ ଜନ୍ମଭୂମିର ପ୍ରଥମ ସ୍ପର୍ଶ ତୁମ ପ୍ରାଣରେ ଭରି ଦେଇଥିଲା ବଂଚି ରହିବାର ଅଦମ୍ୟ ପିପାସା, ସେଇ ଜନ୍ମଭୂମି ପ୍ରତି ତମର କଣ କିଛି କର୍ତ୍ତବ୍ୟ ନାହିଁ ? ଜନନୀ ଜନ୍ମଭୂମିଶ୍ଚ 'ସ୍ୱର୍ଗାଦପି ଗରୀୟସୀ···

ଚନ୍ଦ୍ରଗୁପ୍ତ—ମୁଁ ସବୁ ଜାଣେ ଗୁରୁଦେବ···ତଥାପି ମୁଁ ଭାତୃହତ୍ୟା କରିପାରିବିନି । ମୁଁ ସେ ମହାପାତକ ଅର୍ଜ୍ଜନ କରି ପାରିବିନି· ଗୁରୁଦେବ···ଯୋଉ ଆଦରର ଭାଇକୁ ଦିନେ ପାଗଳ ଅଶ୍ୱ, ସମ୍ମୁଖରୁ ବଞ୍ଚାଇବାକୁ ଯାଇ ଅଶ୍ୱର ପଦାଘାତକୁ ପିଠି ପାତି ବରଣ କରି ନେଇଥିଲି ଆଜ ସେଇ ଭାଇର ବକ୍ଷଦେଶରେ ଅସ୍ତ୍ରାଘାତ କରିବାକୁ ହାତ ମୋର ଥରି ଉଠୁଛି ।

ମୁରା—ମୋର କିନ୍ତୁ ରକ୍ତ ଦରକାର···ଦିବାରାତ୍ର ସର୍ବାଙ୍ଗରେ ମୁଁ ଅନୁଭବ କରୁଛି ଶତ ବୃଶ୍ଚିକର ଜ୍ୱାଳାମୟୀ ଦଂଶନ—ଆଉ ସେ ଜ୍ୱାଳାକୁ, ଶୀତଳ କରିବ କେବଳ ନନ୍ଦର ରକ୍ତ···ତୋ ଦେହରେ ଯଦି ଏଇ ଶୁଦ୍ରାଣୀର ରକ୍ତ ପ୍ରବାହିତ ହେଉଥାଏ ତାହାହେଲେ ତୁ ମୋ ଅପମାନର ପ୍ରତିଶୋଧ ନବୁ···ମୋର ଆଦେଶ—ତୋର ମାର ଆଦେଶ ତତେ ଯୁଦ୍ଧ କରିବାକୁ ପଡ଼ିବ···ମୋର ଦରକାର ନନ୍ଦର ରକ୍ତ···

ଚନ୍ଦ୍ରଗୁପ୍ତ—ବେଶ୍···ତୁମର ଇଚ୍ଛା ପୂରଣ ହେବ ମା···ତୁମର ଆଦେଶ ମୋର ଶିରୋଧାର୍ଯ୍ୟ···ମତେ ତୁମେ ଆଶୀର୍ବାଦ କର ମା—ମୁଁ ଏଇ ମୁହୂର୍ତ୍ତରେ ଯୁଦ୍ଧକ୍ଷେତ୍ରକୁ ଚାଲିଲି···

ମୁରା—ଯାଅ ବତ୍ସ···ମୁଁ ଆଶୀର୍ବାଦ କରୁଛି···ଭଗବାନ ତୋର ସହାୟ ହେବେ···(ପାଦଧୂଳି ନେଇ ଚନ୍ଦ୍ରଗୁପ୍ତ ଉଠିଗଲାବେଳେ)

ଚାଣକ୍ୟ—ଶୁଣି ପାରୁଛ ଚନ୍ଦ୍ରଗୁପ୍ତ···ତୁମର ସେନାବାହିନୀରେ ଗଗନପବନ କମ୍ପାୟମାନ କରି କାଡ଼ରି ବାଜି ଉଠିଛି ରଣଭେରୀ···ଉଠ ବତ୍ସ··· ମେଘମୁକ୍ତ ସୂର୍ଯ୍ୟପରି ଦ୍ୱିଗୁଣ ତେଜରେ ଜଳିଉଠ···ଶତସିଂହର ପରାକ୍ରମ ନେଇ ଅତ୍ୟାଚାରୀ ନନ୍ଦକୁ ଧ୍ୱଂସ କର···(ହଠାତ୍ ଦୂରକୁ

ନନ୍ଦଙ୍କୁ ଦୁଇଜଣ ରକ୍ଷୀଙ୍କ ସହ ଆସୁଥିବା ଦେଖି) ଦେଖିପାରୁଛ ଚନ୍ଦ୍ରଗୁପ୍ତ, ଏଇ ହେଉଛି ସୁବର୍ଣ୍ଣ ସୁଯୋଗ । ସୁଯୋଗ ଜୀବନରେ ଦୁଇଥର ଆସେନା ଚନ୍ଦ୍ରଗୁପ୍ତ—ଆଜି ସେ ସୁଯୋଗ ଯେତେବେଳେ ଆପେ ଆପେ ତୁମ ହାତରେ ଧରା ଦେଉଛି ତାର ସଦ୍‌ବ୍ୟବହାର ନ କଲେ ସାରା ଜୀବନ ଧରି ତୁମେ ଅନୁତାପ କରିବ···ଆସ ମୁରା···(ଚାଣକ୍ୟ ଓ ମୁରା ଚାଲିଗଲେ)

(ଆସିଛନ୍ତି ନନ୍ଦ—ସଙ୍ଗରେ ଜଣେମାତ୍ର ଅଙ୍ଗରକ୍ଷୀ)

ନନ୍ଦ—(ଚନ୍ଦ୍ରଗୁପ୍ତଙ୍କୁ ଦେଖି) ଏଇତ କାପୁରୁଷ···(କହି ଆକ୍ରମଣ କରୁଛି)

ଚନ୍ଦ୍ରଗୁପ୍ତ—ନିଜକୁ ରକ୍ଷାକର ନନ୍ଦ···(କହି ଦୁହିଁଙ୍କ ମଧ୍ୟରେ ତରବାରି ଯୁଦ୍ଧ ହୋଇଛି (ଏବଂ ନନ୍ଦ ହାରି ଯାଇଛି, ତାର ତରବାରି ତଳେ ପଡ଼ିଯାଇଛି ଏବଂ ଚନ୍ଦ୍ରଗୁପ୍ତ ନନ୍ଦଙ୍କ ଛାତିରେ ତରବାରି ଭୁଷିବା ସମୟରେ···) (ଆସିଛନ୍ତି ଚାଣକ୍ୟ)

ଚାଣକ୍ୟ—ହତ୍ୟା କରନା—ବନ୍ଦୀ କର···ଚାଣକ୍ୟର ପ୍ରତିହିଂସା ବହ୍ନି ନିର୍ବାପିତ ହେବାକୁ ଏବେ ବି ଅନେକ ଡେରି ଅଛି ।

(ହସି ଉଠିଲେ)

(ମଞ୍ଚ ଅନ୍ଧକାର)

—୦—

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ନିର୍ଜନ କାରାକକ୍ଷରେ ମହାରାଜା ନନ୍ଦ ଓ ତାଙ୍କର ଶାଳକ ବାଗୁଳ ବନ୍ଦୀ । ନନ୍ଦ ଚିନ୍ତାମଗ୍ନ ଭାବରେ ପଦଚାରଣ କରୁଥିଲେ]

ବାଗୁଳ—ମହାରାଜ···ସେମାନେ ବୋଧହୁଏ ଆମକୁ ହତ୍ୟା କରିବେ···

ନନ୍ଦ—ତୁମେ କଣ ଏବେ ବି ମୁକ୍ତିର ସ୍ୱପ୍ନ ଦେଖୁଛ ବାଗୁଳ ? ଚାଣକ୍ୟର ନାଗପାଶରୁ ମୁକ୍ତି ଲାଭ କରିବା ଏ ଜନ୍ମରେ ହୁଏତ ସମ୍ଭବ ହେବନି ସେ ଦିନର ସେ ନିଷ୍ଠୁର ଅପମାନ···

ବାଗୁଳ—କିନ୍ତୁ ମହାରାଜ···ଏଇ ଅବରୁଦ୍ଧ କାରାକକ୍ଷରୁ ଥରେ ଯଦି ପଳାୟନର ସୁଯୋଗ ମିଳନ୍ତା ତେବେ ମୁଁ ଆଗ ସେଇ ଭିକ୍ଷୁକ ବ୍ରାହ୍ମଣର ମୁଣ୍ଡକାଟି ଗଣ୍ଡିଠାରୁ ଏକା ଚୋଟକେ ଅଲଗା କରି ଦିଅନ୍ତି···

ନନ୍ଦ—(ଦୁଃଖରେ ହସି) କିନ୍ତୁ ତା ପୂର୍ବରୁ ତୁମର ଏଇ ଜର୍ଜର ମୁଣ୍ଡଟା ଗଣ୍ଡିଠାରୁ ଅଲଗା ହୋଇଯିବ ।

ବାଗୁଳ—(ଭୟରେ) ଏଁ···ଆଉ ଆପଣଙ୍କର ?

ନନ୍ଦ—ମୁଁ ମୃତ୍ୟୁକୁ ଭୟ କରେନା ବାଗୁଳ···କ୍ଷତ୍ରୀୟ କେବେହେଲେ ମୃତ୍ୟୁକୁ ଭୟକରି ଶିଖିନି । କିନ୍ତୁ ମନରେ ଅବଶୋଷ ରହିଯିବ

ବାଗୁଳ···ମୁଁ କ୍ଷତ୍ରୀୟ ହସ୍ତରେ ମରିପାରିବି ନା ମରିବି ଗୋଟାଏ ଶୁଦ୍ର ହାତରେ···ଗୋଟାଏ କୁତ୍ସିତ ବ୍ରାହ୍ମଣର ଇଙ୍ଗିତରେ···

ବାଗୁଳ—କିନ୍ତୁ ମହାରାଜ ଯଦି ନତଜାନୁ ହୋଇ ପ୍ରାଣଭିକ୍ଷା କରନ୍ତେ—ମୋର ମନେହୁଏ···

ନନ୍ଦ—(ଉତ୍ତେଜିତ ଭାବରେ) ବାଗୁଳ ! ମହାରାଜା ନନ୍ଦ ପ୍ରାଣଭିକ୍ଷା କରିବ । ତା ପୁଣି ଗୋଟାଏ ଶୁଦ୍ରାଣୀର ଅବୈଧ ସନ୍ତାନ ଚନ୍ଦ୍ରଗୁପ୍ତ ନିକଟରେ ? ଅସମ୍ଭବ ··· ମୁଁ ମୁକ୍ତ ହୁଁ ନା ବାଗୁଳ ।

ବାଗୁଳ—ତାହାହେଲେ କଣ ଏତେ ଚଞ୍ଚଳ ମରିଯିବା ? ମୁଁ ଯେ ଏଯାଏ ଅବିବାହିତ । ମୁଁ ମରିଗଲେ ମୋ ପାଇଁ କାନ୍ଦିବ କିଏ ମହାରାଜ ?

ନନ୍ଦ—ବାଗୁଳ ! କ୍ଷତ୍ରୀୟ ତୁଣ୍ଡରେ ମରଣର ପ୍ରଳାପ ! ଏଇ ତୁଚ୍ଛ ଜୀବନ ପାଇଁ ନତଜାନୁ ହୋଇ ପ୍ରାଣଭିକ୍ଷା କରିବି···?

ବାଗୁଳ—କିନ୍ତୁ ମହାରାଜ···

ନନ୍ଦ—ମହାରାଣୀ ଆଉ ମୋର ସନ୍ତାନମାନେ ନିରାପଦରେ ଅଛନ୍ତି ତ ?

ବାଗୁଳ—ହଁ ମହାରାଜ···

ନନ୍ଦ—ହେ ଭଗବାନ ତୁମେ ସେମାନଙ୍କୁ ଶକ୍ତି ଦିଅ-ସାହସ ଦିଅ ସେମାନେ ଯେପରି ମୋର ଏଇ ନିଷ୍ଠୁର ଶତ୍ରୁମାନଙ୍କର ନେବେ ଚରମ ପ୍ରତିଶୋଧ···

ବାଗୁଳ—ଆପଣଙ୍କର ମନେ ଅଛି ମହାରାଜ···ଏଇ କକ୍ଷରେ କାତ୍ୟାୟନଙ୍କୁ ଆପଣ କରିଥିଲେ ବନ୍ଦୀ···ଆଉ ତାର ସାତ

ସାତଟି ନିରୀହ ସନ୍ତାନଙ୍କୁ ଖାଇବାକୁ ନଦେଇ ଅନାହାରରେ ଆପଣ କରିଥିଲେ ହତ୍ୟା···

ନନ୍ଦ—ଜୀବନରେ ମୁଁ କେବେ ଭୁଲି ପାରିବିନି ବାରୁଚି···ଆଉ ଆଜି ସେଇ ନିର୍ମମ ହତ୍ୟାର ଏଇ ହେଉଛି କରୁଣ ପ୍ରତିଫଳ···

(ଏହି ସମୟରେ କାରାକକ୍ଷର ଦ୍ୱାର ଖୋଲିବାର ଶବ୍ଦ)

ଏଥର ମରିବାକୁ ପ୍ରସ୍ତୁତ ହୁଅ ବାରୁଚି···ବୋଧହୁଏ ଘାତକ ଆସିଗଲା । (ପ୍ରବେଶ କରିଛନ୍ତି କାତ୍ୟାୟନ)

କାତ୍ୟାୟନ—(ପରିହାସରେ) କାତ୍ୟାୟନର ପ୍ରଣାମ ଗ୍ରହଣ କରନ୍ତୁ ମହାରାଜ···

ନନ୍ଦ—କଣ ପରିହାସ କରୁଛ କାତ୍ୟାୟନ···?

କାତ୍ୟାୟନ—ନା ମହାରାଜ···ବରଂ ଆପଣଙ୍କର ଏ ଦୁର୍ଦ୍ଦିନରେ ସମବେଦନା ଜଣାଉଛି···

ନନ୍ଦ—ସମବେଦନା···ହୁଁ (ଘୃଣାରେ) । ସାରା ଜୀବନଧରି ମୋର ପିତାଙ୍କ ଅନ୍ନରେ ପ୍ରତିପାଳିତ ହୋଇ ମତେ ତୁମେ ଆଜି ଏଇ ଉପହାର ଦେଲେ ? ବିଶ୍ୱାସଘାତକ···ଦେଶଦ୍ରୋହୀ ।

କାତ୍ୟାୟନ—ମୁଁ ବିଶ୍ୱାସଘାତକ ? ମୁଁ ଦେଶଦ୍ରୋହୀ ? ମନେ ଅଛି ମହାରାଜ ନନ୍ଦ, ଆଜି ଯେଉଁ ନିର୍ଜ୍ଜନ କାରାକକ୍ଷରେ ତୁମେ ଗୋଟାଏ ଅସହାୟ ବନ୍ଦୀର ଜୀବନ ଯାପନ କରୁଛ, ସେଇ ନିରନ୍ଧ୍ର କକ୍ଷର ନିଷ୍ଠୁର ପରିବେଶ ମଧ୍ୟରେ ମୋର ସାତ ସାତଟି ନିରୀହ ସନ୍ତାନଙ୍କୁ ଖାଇବାକୁ ନଦେଇ ଗୋଟାଏ ପରେ ଗୋଟାଏ ତୁମେ ନିର୍ମମ ଭାବରେ ହତ୍ୟା କରିଥିଲ ? ଆଉ ମୋର ଏଇ

କାରାଗାରରେ ନିଷ୍ଠୁର ଆଖି ଆଗରେ ସେମାନଙ୍କ ମରଣକୁ ଦେଖି ମୋ ଆଖିରୁ ବହିଯାଉଥିଲା ରକ୍ତର ଯମୁନା । ତୁଣ୍ଡ-ଖୋଲି ପ୍ରତିବାଦ କରି ପାରିଲିନି କି ସେମାନଙ୍କୁ ମୃତ୍ୟୁମୁଖରୁ ରକ୍ଷା କରି ପାରିଲିନି ।

ନନ୍ଦ—(ଅନୁତାପ ସ୍ୱରରେ) କାତ୍ୟାୟନ...

କାତ୍ୟାୟନ—ତଥାପି ତୁମେ କହୁଛ ମୁଁ ବିଶ୍ୱାସଘାତକ...? ମୋର ସରଳ ବିଶ୍ୱାସରେ ବିଷ ମିଶାଇଲା କିଏ ? କହି ପାରିବ ମହାରାଜା ନନ୍ଦ, ସେଇ ସାତ ସାତଟା ନିରୀହ ସନ୍ତାନ ତୁମର କଣ ଅନିଷ୍ଟ କରିଥିଲେ ? କଣ କ୍ଷତି କରିଥିଲେ ? ସେମାନଙ୍କୁ ହତ୍ୟା କଲାବେଳେ ତୁମର ହାତ ଥରି ଉଠିଲାନି ? ଆତ୍ମା ତୁମର କାନ୍ଦି ଉଠିଲାନି ?

ନନ୍ଦ—କାତ୍ୟାୟନ...ଅତୀତର ସେ ନିଷ୍ଠୁର ରଥଚକ୍ର ତଳେ ଅନେକ କିଛି ଲିଭି ହଜି ନିଶ୍ଚିହ୍ନ ହୋଇ ଯାଇଛି । ତାର ପୁନରାବୃତ୍ତି କରି ଆଜି ହୁଏତ କିଛି ଲାଭ ହେବନି । ତଥାପି ମୁଁ ମୁକ୍ତ କଣ୍ଠରେ କହିବି ତୁମେ ହେଉଛ ବିଶ୍ୱାସଘାତକ-ଦେଶଦ୍ରୋହୀ ଆଉ ରାଜଦ୍ରୋହୀ ।

କାତ୍ୟାୟନ—ମୁଁ ରାଜଦ୍ରୋହୀ ?

ନନ୍ଦ—ହଁ ତୁମେ...ତୁମେ ରାଜଦ୍ରୋହୀ...ଗୋଟାଏ ଶୂଦ୍ରାଣୀର ଜାରଜ ସନ୍ତାନର ପକ୍ଷ ସମର୍ଥନ କରି । ଅନାର୍ଯ୍ୟ ପାର୍ବତ୍ୟ ସେନାର ସାହାଯ୍ୟରେ ମୋ ବିରୁଦ୍ଧରେ ଏକ ଘୃଣ୍ୟ ଷଡ଼ଯନ୍ତ୍ର କରି ତୁମେ କି ଲାଭ ପାଇଲ କହିପାରିବ କାତ୍ୟାୟନ ? ସାରା ଜୀବନ ତୁମେ

ଗୋଟାଏ ଦାସୀପୁତ୍ରର ଦାସ ହୋଇ ରହିପାରିବ ସିନା, ଗୋଟିଏ କ୍ଷତ୍ରିୟର ମନ୍ତ୍ରୀ ହୋଇପାରିବନି ।

କାତ୍ୟାୟନ—ମୋର ସେ ଘୃଣ୍ୟ ମନ୍ତ୍ରୀତ୍ୱ ଦରକାର ନାହିଁ ମହାରାଜା ନନ୍ଦ-ମୁକୁଟବିହୀନ ସମ୍ରାଟର ସମ୍ମାନ ମୁଁ କେବେ ଚାହିଁ ନଥିଲି କି ଆଜିବି ଚାହେଁନା···ଚନ୍ଦ୍ରଗୁପ୍ତ ହେଇପାରେ ଏକ ଦାସୀର ସନ୍ତାନ, ତଥାପି ତାଙ୍କର ଶିରାପ୍ରଶିରାରେ କଣ ତୁମର ପିତାଙ୍କର ରକ୍ତ ପ୍ରବାହିତ ହେଉନି ? ସେ କଣ ତୁମର ଭାଇ ନୁହେଁ ?

ନନ୍ଦ—ଆଜି ତୁମେ ତାର ଦାସତ୍ୱ ସ୍ୱୀକାର କରି ଗର୍ବ ଅନୁଭବ କରୁଛ ନା ?

କାତ୍ୟାୟନ—ନା ମହାରାଜ··· ମୁଁ ଧର୍ମର ଦାସତ୍ୱ ସ୍ୱୀକାର କରିଛି । ଅଧର୍ମର ନୁହେଁ, ଅନ୍ୟାୟର ନୁହେଁ···

ବାହୁଳ—ମହାମନ୍ତ୍ରୀ କାତ୍ୟାୟନ ! ତୁମେ କଣ ଆମକୁ ହତ୍ୟା କରିବ ?

ନନ୍ଦ—ବାହୁଳ !

ବାହୁଳ—ମହାମନ୍ତ୍ରୀ···ମହାରାଜା ନନ୍ଦ ସିନା ଆପଣଙ୍କର ସପ୍ତ ପୁତ୍ରଙ୍କୁ ହତ୍ୟା କରିଥିଲେ; କିନ୍ତୁ ମୁଁ ତ କିଛି ଆପଣଙ୍କର କ୍ଷତି କରି ନାହିଁ —ଆପଣ ପଛେ ମହାରାଜାଙ୍କୁ ହତ୍ୟା କରନ୍ତୁ ମତେ କିନ୍ତୁ ମୁକ୍ତି ଦିଅନ୍ତୁ···

ନନ୍ଦ—(ରାଗରେ) ବାହୁଳ ଗୋଟାଏ ଶୂଦ୍ର ନିକଟରେ ନତଜାନୁ ହୋଇ ପ୍ରାଣଭିକ୍ଷା କରୁଛ ? କ୍ଷତ୍ରିୟର ସନ୍ତାନ ହୋଇ ପ୍ରାଣଭିକ୍ଷା କରିବାକୁ ଲଜ୍ଜା ଲାଗୁନି ?

ବାହୁଳ—ମୃତ୍ୟୁକୁ ମୁଁ ଭୟ କରେନା ମହାରାଜ—କିନ୍ତୁ ମୁଁ ବର୍ତ୍ତମାନ ମରିବାକୁ ଚାହେଁନା । କାରଣ ଶାସ୍ତ୍ରରେ ପଢ଼ିଛି, ଅବିବାହିତ

ଅବସ୍ଥାରେ ମୃତ୍ୟୁ ବରଣ କଲେ ଭୂତଯୋନି ପ୍ରାପ୍ତ ହୁଏ···। ଖାଲି ସେଇଥିପାଇଁ···ମୋର ଆପଣଙ୍କୁ ଅନୁରୋଧ, ମୃତ୍ୟୁ ପୂର୍ବରୁ ମୋର ବିବାହ କାର୍ଯ୍ୟଟା ସମ୍ପନ୍ନ କରାଇ ଦିଅନ୍ତୁ । ତାପରେ ଆପଣ ଆଗ ମରିଯାଆନ୍ତୁ, କିନ୍ତୁ ଆପତ୍ତି ନାହିଁ···ମୁଁ ପଛେ ପଛେ ଯିବି···

କାତ୍ୟାୟନ—ଚିନ୍ତା କରନା ବାଗୁଲ—ମୁଁ ତୁମର ଏବଂ ମହାରାଜାଙ୍କର ମୁକ୍ତି ପାଇଁ ଯଥାସାଧ୍ୟ ଚେଷ୍ଟା କରିବି···

ବାଗୁଲ—(ଆନନ୍ଦରେ) ମୁଁ ଜାଣେ ମହାମନ୍ତ୍ରୀ, ଆପଣ ଚାହିଁଲେ ସୂର୍ଯ୍ୟ ମଧ୍ୟ ପଶ୍ଚିମରେ ଉଦୟ ହେବ ଆଉ ଉତ୍ତରରେ ଅସ୍ତ ହେବ···

ନନ୍ଦ—(ଗମ୍ଭୀର କଣ୍ଠରେ) ବାଗୁଲ ! ଶୁଣ କାତ୍ୟାୟନ, ମୁଁ ମୁକ୍ତି ଚାହେଁନା । ମହାରାଜ ନନ୍ଦ ପ୍ରାଣ ଭୟରେ ଜୀବନ ଭିକ୍ଷା କରି ଶିଖିନି ।

ବାଗୁଲ—(ଦୂରରୁ ଚାଣକ୍ୟଙ୍କୁ ଆସୁଥିବା ଦେଖି) ଆସିଗଲା···ଆସିଗଲା ଆଜ୍ଞା···ଆସିଗଲା···

ନନ୍ଦ—କିଏ ?

ବାଗୁଲ—ଯମରାଜ ଚାଣକ୍ୟ···(ଭୟରେ)

କାତ୍ୟାୟନ—(ଚକିତ ଭାବରେ) ମହାମନ୍ତ୍ରୀ ଚାଣକ୍ୟ···!

(ପ୍ରବେଶ କଲେ ଚାଣକ୍ୟ···ନନ୍ଦ ଓ ବାଗୁଲଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଦେଖି କାତ୍ୟାୟନଙ୍କ ଉଦ୍ଦେଶ୍ୟରେ)

ଚାଣକ୍ୟ—କିଛି ସନ୍ଧାନ ମିଳିଲା ?

କାତ୍ୟାୟନ—ନା—

ଗୃଣକ୍ୟ—ତାହାହେଲେ ଏ ପର୍ଯ୍ୟନ୍ତ କଣ କରୁଥିଲ ?

କାତ୍ୟାୟନ—ଚେଷ୍ଟା କରୁଥିଲି···

ଗୃଣକ୍ୟ—ହୁଁ···ଚେଷ୍ଟା କରୁଥିଲ—ରକ୍ଷୀ···ନନ୍ଦଙ୍କୁ ଅନ୍ୟ କକ୍ଷକୁ ନେଇଯାଅ···ଯାଅ ବନ୍ଦୀ···(ରକ୍ଷୀ ନନ୍ଦଙ୍କୁ ଅନ୍ୟ କକ୍ଷକୁ ନେଇଗଲେ···) କାତ୍ୟାୟନ—ବନ୍ଦୀ ଉପରେ ସର୍ବଦା ସତର୍କ ଦୃଷ୍ଟି ରଖିଥିବ—ଆଉ ଯଦି ପଳାଇବାର ଚେଷ୍ଟା କରେ ତେବେ ତାକୁ ସଙ୍ଗେ ସଙ୍ଗେ ହତ୍ୟା କରିବ···ଯାଅ···(କାତ୍ୟାୟନ ଯିବାକୁ ବାହାରିବା ସମୟରେ) ଆଉ ଶୁଣ—ଯୂପକାଷ୍ଠ ପ୍ରସ୍ତୁତ କରି ରଖ—

କାତ୍ୟାୟନ – କାହିଁକି ଗୃଣକ୍ୟ – ?

ଗୃଣକ୍ୟ—ଗୃଣକ୍ୟ କେବେ କୈଫତ୍ ଦେଇ ଶିଖିନି କାତ୍ୟାୟନ—ମୋର ନିର୍ଦ୍ଦେଶ ପାଳନ କର···(କାତ୍ୟାୟନ ଚାଲିଗଲେ) ତୁମେ ଏଇ କକ୍ଷରେ ସାରା ଜୀବନ ଧରି ବନ୍ଦୀ ହୋଇ ରହିବ ବାଗୁଳ···ଆଉ ଯଦି ଦରକାର ପଡ଼େ ଏ ରକ୍ଷୀମାନେ ତୁମକୁ ହତ୍ୟା କରିବାକୁ ପଶ୍ଚାତ୍‌ପଦ ହେବେନି···

ବାଗୁଳ—ଏତେ ଚଞ୍ଚଳ ହତ୍ୟା କରିବେ ?

ଗୃଣକ୍ୟ—(ହସିଛି) ତୁମର ମନେ ଅଛି ବାଗୁଳ, ସେଦିନ ମଗଧ ରାଜଦରବାରରେ ସମସ୍ତଙ୍କ ସମ୍ମୁଖରେ ମତେ ଭିକ୍ଷୁକ ବ୍ରାହ୍ମଣ ବୋଲି ସମ୍ବୋଧନ କରି ମୋର କେଶ ଆକର୍ଷଣ କରିଥିଲ ? ଆଉ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଶିଖା ମୋର ସେମିତି ଉନ୍ମୁକ୍ତ ରହିଛି ।

ବାଗ୍ଭଳ—ମତେ କ୍ଷମା କର ବ୍ରାହ୍ମଣ···ନା-ନା···ମହାମନ୍ତ୍ରୀ···

ଚାଣକ୍ୟ—(ସାମାନ୍ୟ ହସି) କ୍ଷମା···ମୁଁ ତୁମକୁ ମୁକ୍ତ ଦେବ ବାଗ୍ଭଳ, ଆଉ ତା କେବଳ ଗୋଟାଏ ସର୍ତ୍ତରେ···

ବାଗ୍ଭଳ—ମୁକ୍ତ ଦେବେ ! ବନ୍ଦୀ ଜୀବନରୁ ମୁକ୍ତ···କୁହନ୍ତୁ ମହାମନ୍ତ୍ରୀ—ଯାହା କହିବାର ଅଛି ଶୀଘ୍ର କୁହନ୍ତୁ···

ଚାଣକ୍ୟ—ନନ୍ଦର ସ୍ତ୍ରୀ ଆଉ ତାର ସନ୍ତାନମାନେ କେଉଁଠି ଅଛନ୍ତି ଜାଣ ?

ବାଗ୍ଭଳ—ମୁଁ···ନା···ମୁଁ ଜାଣେନା···

ଚାଣକ୍ୟ—ବାଗ୍ଭଳ—ଚାଣକ୍ୟ ନିକଟରେ ଅଭିନୟ—! କୁହ ବାଗ୍ଭଳ—ସେମାନେ କେଉଁଠି ?

ବାଗ୍ଭଳ—ମଳୟ ପର୍ବତରେ ।

ଚାଣକ୍ୟ—ମିଥ୍ୟାବାଦୀ – ଚାଣକ୍ୟକୁ ମିଥ୍ୟା କହି ଠକିବାର ଅପଚେଷ୍ଟା କରନା ବାଗ୍ଭଳ—

ବାଗ୍ଭଳ—ସେମାନେ ତାଙ୍କର ପିତ୍ରାଳୟରେ ମହାମନ୍ତ୍ରୀ—ମତେ ବିଶ୍ୱାସ କରନ୍ତୁ···

ଚାଣକ୍ୟ—ପିତ୍ରାଳୟରେ ? (ହସିଲେ) ଗୁପ୍ତଚରଠାରୁ ମୁଁ ସମସ୍ତ ସମ୍ବାଦ ସଂଗ୍ରହ କରିଛି ବାଗ୍ଭଳ—ତୁମର ଭଗ୍ନୀ ତାଙ୍କର ପିତ୍ରାଳୟରେ ନାହାନ୍ତି—ଆହୁରି ମଧ୍ୟ ସମ୍ବାଦ ପାଇଛି ଯେ ତୁମେ ସେମାନଙ୍କୁ ଆତ୍ମଗୋପନ କରିବାରେ ସମସ୍ତ ସାହାଯ୍ୟ କରିଛ···

ବାଗ୍ଭଳ—(ଭୟରେ) ମୁଁ···

ଚାଣକ୍ୟ—ହଁ ତୁମେ—କୁହ ସେମାନେ କେଉଁଠି ?

ବାଗୁଳ — ମନ୍ତ୍ରୀ ରାକ୍ଷସଙ୍କ ଗୃହରେ —

ଚାଣକ୍ୟ — ହୁଁ — ତୁମ କଥାର ସତ୍ୟତା ମୁଁ ପରୀକ୍ଷା କରିବି ବାଗୁଳ — ଆଉ ଯଦି ମିଥ୍ୟା କହୁଥାଅ ତାହାହେଲେ ପୃଥିବୀର କୌଣସି ଶକ୍ତି ତୁମକୁ ରକ୍ଷା କରି ପାରିବନି· ·ତୁମ ପ୍ରତି ଏକମାତ୍ର ଶାସ୍ତି ହେବ ପ୍ରାଣଦଣ୍ଡ —

ବାଗୁଳ — ପ୍ରାଣଦଣ୍ଡ· · ·

ଚାଣକ୍ୟ — ହଁ ପ୍ରାଣଦଣ୍ଡ — ମିଥ୍ୟା କହିବାର ସର୍ବଶ୍ରେଷ୍ଠ ପୁରସ୍କାର —

(କହି ଜୋରରେ ହସି ଉଠିଲେ)

(ମଞ୍ଚର ଆଲୋକ ଲିଭିଗଲା)

—o—

ଦ୍ୱିତୀୟ ଦୃଶ୍ୟ

(ହିରଟର ରାଜପ୍ରାସାଦ — ସମୟ ସଂଧ୍ୟା — ସେଲ୍ୟୁକସ ବିଜୟ ଉଲ୍ଲାସରେ ହସୁଥିଲେ — ପାଖରେ ଥିଲେ କନ୍ୟା ହେଲେନ···)

ସେଲ୍ୟୁକସ୍ — ନାଚ — ନାଚ ନର୍ତ୍ତକୀ···ତୁମର ଏଇ ଲାସ୍ୟମୟୀ ପଦଯୁଗଳରେ ସଂଗୀତର ଅପୂର୍ବ ମୂର୍ଚ୍ଛନା ତୋଳି ଆଜର ବାସନ୍ତୀ ସଂଧ୍ୟାକୁ ସୁରଭିତ କର — ନାଚ ନର୍ତ୍ତକୀ — ନାଚ, ଆଜର ବିଜୟ ଉଲ୍ଲାସ ତୁମର ନୂପୁର ନିକ୍ୱଣରେ ପ୍ରତିଧ୍ୱନିତ ହେଉ···ନାଚ··· (ନାଚିଛି ନର୍ତ୍ତକୀ···ଏବଂ ନୃତ୍ୟ ଶେଷରେ ସେ ସମ୍ମାନ ଜଣାଇ ବିଦାୟ ନେଇଛି···)

ସେଲ୍ୟୁକସ୍ — ଖୁବ୍ ଚମତ୍କାର ତାର ନୃତ୍ୟ ପରିବେଷଣର ଶୈଳୀ···ନାଁ ମା ?

ହେଲେନ୍ — ମତେ କିଛି କାହିଁକି ଭଲ ଲାଗୁନି ବାବା···ଚାଲ, ଆମେ ଆମ ଦେଶକୁ ଫେରିଯିବା — ଏ ଯୁଦ୍ଧ, ଏ ରକ୍ତପାତ, ଏ କରିପାରୁନି ଏ ନରହତ୍ୟା, ଏ ଲୁଣ୍ଠନ ମୁଁ ବରଦାସ୍ତ ବାବା···

ସେଲ୍ୟୁକସ — (ଈଷତ୍ ହସି) ଗ୍ରୀକ୍ ରାଜକନ୍ୟା ହେଲେନ୍ ନିକଟରେ ଏ ଦୁର୍ବଳତା ଶୋଭା ପାଏନା ମା । ଗ୍ରୀକ୍ ସମ୍ରାଟ ସିକନ୍ଦରଙ୍କର ଦିଗ୍‌ବିଜୟୀର ସ୍ୱପ୍ନ ଏବେ ବି ଅସଂପୂର୍ଣ୍ଣ — ମୁଁ ପ୍ରତିଜ୍ଞା କରିଛି,

ତାଙ୍କର ସେ ଅତୃପ୍ତ ବାସନା ନିଜର ପ୍ରାଣ ବିନିମୟରେ ମୁଁ ସଂପୂର୍ଣ୍ଣ କରିବି···

ହେଲେନ—ବାବା, ସମଗ୍ର ଏସିଆ ଆଜି ଆପଣଙ୍କର ପଦାନତ···ତଥାପି ଆପଣଙ୍କର ରକ୍ତ ତୃଷ୍ଣା ଆଜିଯାଏ ମେଣ୍ଟିଲାନି ?

ସେଲ୍ୟୁକସ—ଖାଲି ବାକି ରହିଛି ଭାରତବର୍ଷ···ସେଇ ସୁଜଳା ସୁଫଳା, ଶସ୍ୟ ଶ୍ୟାମଳା ଭାରତବର୍ଷ ମୋ ଆଖି ଆଗରେ ନାଚି ଉଠୁଛି ମା···ଆଉ ସେଇ ଭାରତବର୍ଷକୁ ଜୟ କରିବାର ଦୁର୍ବାର ଆକାଙ୍କ୍ଷା ନେଇ ମୁଁ ଦୀର୍ଘଦିନ ଧରି ପ୍ରତୀକ୍ଷା କରିଛି···ସେଇ ଯୁଦ୍ଧ ହେବ ମୋ ଜୀବନର ଶେଷ ଯୁଦ୍ଧ···ଗୋଟାଏ ଦାସୀପୁତ୍ର କେବେହେଲେ ଭାରତ ପରି ଦେଶର ସମ୍ରାଟ ହୋଇପାରେନା···

ହେଲେନ—କାହିଁକି ବାବା ? ସେ କଣ ଯୋଦ୍ଧା ନୁହଁନ୍ତି ? ତାଙ୍କଠି କଣ ବୀରତ୍ୱର ଅଭାବ ଅଛି ? ସେ କଣ ସମ୍ରାଟ ହେବାପାଇଁ ଅଯୋଗ୍ୟ ?

ସେଲ୍ୟୁକସ୍—ହଁ ଅଯୋଗ୍ୟ—କାରଣ ସେ ଅସଭ୍ୟ—ବର୍ବର । ଗ୍ରୀକ୍ ଜାତି ଭଳି ସେ ସଭ୍ୟ ନୁହେଁ ।

ହେଲେନ୍—ତଥାପି ସେ ମଣିଷ—ଗ୍ରୀକ ଜାତି ଚିରକାଳ ବିଶ୍ୱବିଜୟୀ ନ ଥିଲି କି ଚିରଦିନ ପାଇଁ ବିଶ୍ୱବିଜୟୀ ହୋଇ ରହିପାରିବନି—ଦିନେ ନା ଦିନେ ତାର ସେ ବିଜୟ ସୂର୍ଯ୍ୟ ଅସ୍ତମିତ ହେବ—ମାତ୍ର ଆସିବ କଳା ଅନ୍ଧାର ।

ସେଲ୍ୟୁକସ୍—ହେଲେନ୍···ତୋର କଣ ହେଉଛି ମା···?

ହେଲେନ୍—ମୋର ଯେମିତି ମନେ ହେଉଛି ଚନ୍ଦ୍ରଗୁପ୍ତଙ୍କ ସହିତ ଯୁଦ୍ଧରେ ଆପଣ ହାରିଯିବେ—ଆପଣ ହୁଏତ ବନ୍ଦୀ ହେବେ—

ସେଲ୍ୟୁକସ୍—ହେଲେନ୍... ! ବିଶ୍ୱବିଜୟୀ ଦୁର୍ଦ୍ଦାନ୍ତ ଗ୍ରୀକ୍ ବାହିନୀର ସର୍ବୋଚ୍ଚ ସେନାପତି, ସମ୍ରାଟ ସେଲ୍ୟୁକସ୍ ପରାସ୍ତ ହେବ ସାମାନ୍ୟ ଗୋଟାଏ ଦାସୀପୁତ୍ର ନିକଟରେ ? ତୁ ଏକଥା ଚିନ୍ତା କରି ପାରୁଛୁ ମା ?

ହେଲେନ୍—ତୁମର ମନେ ଅଛି ନା ବାବା, ସେଦିନ ସିନ୍ଧୁ ନଦୀ ତଟରେ ସମ୍ରାଟ ସିକନ୍ଦର ସାହାଙ୍କ ସମ୍ମୁଖରେ ଦୁର୍ଦ୍ଧର୍ଷ ଆଣ୍ଟିଗୋନସ୍ ତୁମକୁ ହତ୍ୟା କରିବାକୁ ଯେତେବେଳେ ଖଡ୍ଗ ଉତ୍ତୋଳନ କଲା ସେତେବେଳେ ଆପଣଙ୍କର ଜୀବନ ରକ୍ଷା କରିଥିଲେ ଚନ୍ଦ୍ରଗୁପ୍ତ— ଆଉ ସେହି ମହତ ଦାନର ପ୍ରତିଦାନ ଦେବାକୁ ଯାଇ ଆପଣ କରିବେ ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା ?

ସେଲ୍ୟୁକସ୍—(ଅଳ୍ପ ହସି) ତୁ କଣ ବୁଝିବୁ ମା, ଏ ସବୁ ରାଜନୀତି— ଯୁଦ୍ଧନୀତି – ଆଉ ଅର୍ଥନୀତି—ଯଦି ଆବଶ୍ୟକ ପଡ଼େ ମୁଁ ଚନ୍ଦ୍ରଗୁପ୍ତଙ୍କୁ ହତ୍ୟା କରିବାକୁ ତିଳେମାତ୍ର କୁଣ୍ଠାବୋଧ କରିବିନି ।

ହେଲେନ୍—ବାବା ! ଆପଣ ଏତେ ନିଷ୍ଠୁର, ଏତେ ନିର୍ମମ—ଦୟା, ମାୟା, ମମତା, ଆପଣଙ୍କ ପାଖରେ କଣ କିଛି ନାହିଁ ?

ସେଲ୍ୟୁକସ୍—ଯୁଦ୍ଧଭୂମିରେ ଦୟା, ମାୟା, ମମତାର ସ୍ଥାନ ନାହିଁ ମା— ଦେଶ ଜୟ କରିବାର ଦୁର୍ବାର ଆକାଙ୍‌କ୍ଷା ନେଇ ଗ୍ରୀକ୍ ବାହିନୀ ଯେତେବେଳେ ତାର ତୂର୍ଯ୍ୟନାଦ କରେ ସେତେବେଳେ ସେ ହୁଏ ବଜ୍ରପରି କଠିନ—ମୃତ୍ୟୁ ପରି ନିଷ୍ଠୁର ଆଉ ଘାତକ ପରି ନିର୍ମ୍ମମ...

ହେଲେନ୍ – ଆପଣଙ୍କର ଜୟ ଯାତ୍ରାରେ ମୁଁ ବାଧା ଦେବାକୁ ଚାହେଁନା ବାବା—କିନ୍ତୁ ଆଜି ମୋର ଗୋଟିଏ ଅନୁରୋଧ ନିଶ୍ଚୟ ପୂରଣ କରିବେ ବାବା—ମୁଁ ଚାହେଁ...

ସେଲ୍ୟୁକସ୍—କହ ମା—

ହେଲେନ୍—ଯୁଦ୍ଧରେ ଚନ୍ଦ୍ରଗୁପ୍ତଙ୍କୁ ପରାଜିତ କରି, ଯଦି ଭାରତବର୍ଷକୁ ଜୟ କରନ୍ତି ତାହାହେଲେ ଚନ୍ଦ୍ରଗୁପ୍ତଙ୍କୁ ହତ୍ୟା କରିବେନି— ଏଇ ମାତ୍ର ମୋର ଅଳି…

ସେଲ୍ୟୁକସ୍—(ଆଶ୍ଚର୍ଯ୍ୟରେ) ହେଲେନ ! କିନ୍ତୁ କାହିଁକି ମା ? କାହିଁକି ତା ପ୍ରତି ତୋର ଏତେ ସହାନୁଭୂତି ?

ହେଲେନ୍—ଆପଣତ ଦିନେ ଆଣ୍ଟିଗୋନସଙ୍କୁ ହତ୍ୟା ନ କରି କ୍ଷମା ଦେଇଥିଲେ । କହିପାରିବେ ବାବା, କାହିଁକି ?

ସେଲ୍ୟୁକସ୍—(ଭାବାନ୍ତରି ଘଟିଛି) ଜାଣେନା ମା…କିନ୍ତୁ ସେଦିନ ହଠାତ୍ କାହିଁକି ମୁଁ ଆଣ୍ଟିଗୋନସ୍ ନିକଟରେ ଦୁର୍ବଳ ହୋଇ ପଡ଼ିଲି । ମୋର ସ୍ମୃତି ତଳେ ଅନୁଭବ କଲି କିଛିଟା ଯନ୍ତ୍ରଣା— ମୋର ଯେମିତି ମନେହେଲା…

ହେଲେନ୍—(ଆଶ୍ଚର୍ଯ୍ୟରେ) ବାବା…!

ସେଲ୍ୟୁକସ୍—ହଁ ମା…ଆଜି କାହିଁକି ଆଣ୍ଟିଗୋନସ ମୋର ମନେ ପଡ଼ୁଛି ତାର ସେ ଦୀପ୍ତିମନ୍ତ ମୁଖମଣ୍ଡଳରେ ମୁଁ ଯେମିତି ଆଉ-ଜଣଙ୍କର ପ୍ରତିଛବି ସ୍ପଷ୍ଟ ଦେଖିପାରୁଛି…ସେ ହୁଏତ… (ଭାବାବେଶରେ)

ହେଲେନ୍—(ଆଶ୍ଚର୍ଯ୍ୟରେ) ବାବା…ହଠାତ୍ ଆପଣଙ୍କର…

ସେଲ୍ୟୁକସ୍—ନା – ନା…ସେ କିଛି ନୁହେଁ…ତା ହୁଏତ ମୋ ମନର କ୍ଷଣିକ ଦୁର୍ବଳତା…ତୁ ଯା ମା…ବିଶ୍ରାମ ନେ—ତୋର ଶେଷ ଅନୁରୋଧ ମୋର ନିଶ୍ଚୟ ମନେ ରହିବ । କାଲି ପ୍ରତ୍ୟୁଷରୁ ଆରମ୍ଭ ହେବ ଗ୍ରୀକ୍ ବାହିନୀର ଜୟଯାତ୍ରା—ଭାରତବର୍ଷ—ମୁଁ ତୁମକୁ କେବେହେଲେ ଭୁଲି ପାରିବିନି…

(ମଞ୍ଚ ଅନ୍ଧାର)

ତୃତୀୟ ଦୃଶ୍ୟ

[ମଳୟ ରାଜ୍ୟ—ଚନ୍ଦ୍ରକେତୁଙ୍କର ରାଜଉଦ୍ୟାନ—ଗୀତ ଗାଉଥିଲେ ଗୁପ୍ତା···ମଳୟରାଜ ଚନ୍ଦ୍ରକେତୁଙ୍କର ଭଗ୍ନୀ—ସୁଶ୍ରୀ ଷୋଡ଼ଶୀ···)

(ଗୀତ)

କିଏ ଡାକେ ସପନର ମଧୁବନେ
ଗୁପ୍ତା ଚନ୍ଦ୍ରିକା ଢେଉ ଲଗନେ ଲଗନେ ଲଗନେ ॥
ନିଶିଥିନି ଲାଜେ ମରେ—ନିଦ ହଜା ସୁରେ ସୁରେ
କିଏ ଡାକେ ଦରଦର ଗୁଞ୍ଜନେ···
ମିଳନର ମଧୁବୀଣା ବାଜି ଉଠେ—ପବନେ ପବନେ ପବନେ (୧)

କିଏ ହସେ ଥିରି ଥିରି
କା'ର ଲୁହ ଝରି ଝରି
ମନକଳେ ବିରହର ଦହନେ
ଶୀହରଣ ତୋଳେ କିଏ
ଏ ଲଗନେ, ଗୋପନେ ଗୋପନେ (୨)

(ଗୁପ୍ତା ଗୀତ ଗାଉଥିବା ସମୟରେ ଆସିଛନ୍ତି ଚନ୍ଦ୍ରଗୁପ୍ତ··· ଚୁପ୍‌ଚାପ୍‌ରେ ଗୀତ ଶୁଣୁଥିଲେ—ଗୁପ୍ତାଙ୍କର କଣ୍ଠଲାଳିତ୍ୟରେ ମୁଗ୍ଧ ହେଲେ ଚନ୍ଦ୍ରଗୁପ୍ତ । ଗୀତ ଶେଷରେ ଗୁପ୍ତା ହଠାତ୍ ଚନ୍ଦ୍ରଗୁପ୍ତଙ୍କୁ ଦେଖିପାରି ଲାଜେଇ ଗଲେ)

ଗୁସ୍ମା—ମହାରାଜ···ଆପଣ···

ଚନ୍ଦ୍ରଗୁପ୍ତ—ମତେ କ୍ଷମା କରିବ ଗୁସ୍ମା, ତୁମ ସଂଗୀତର ମଧୁଗୁଞ୍ଜନରେ ଅଛି ଏକ ଅପୂର୍ବ ଆକର୍ଷଣ···ସତରେ ଗୁସ୍ମା କି ସୁନ୍ଦର ଗାଉଛ ତୁମେ···ଏକ ସ୍ୱଚ୍ଛ ସଲିଳା ଗିରି ନିର୍ଝରିଣୀ ଭଳି ତୁମ କଣ୍ଠରେ ସଂଗୀତର ମୂର୍ଚ୍ଛନା ମତେ ଆତ୍ମବିଭୋର କରିଛି···

ଗୁସ୍ମା—ମୋର ସଂଗୀତ ଆପଣଙ୍କୁ ଆତ୍ମବିଭୋର କରିଛି, ସେଇ ମୋର ପରମ ସୌଭାଗ୍ୟ ମହାରାଜ···

ଚନ୍ଦ୍ରଗୁପ୍ତ—ନା ଗୁସ୍ମା—ସାରା ଜୀବନ ଧରି ମୁଁ ତୁମକୁ ଭୁଲି ପାରିବିନି ତୁମେ ସବୁଦିନ ପାଇଁ ମୋର ମନେ ରହିବ—ଯୁଦ୍ଧ ପରେ ତୁମ ସହିତ ସାକ୍ଷାତର କେବେ ସୁଯୋଗ ଆସି ନ ଥିଲା, ଗୁସ୍ମା··· ଯୁଦ୍ଧଭୂମିରେ ତୁମେ ଅନେକ ଥର ମୋର ପ୍ରାଣ ରକ୍ଷା କରିଛ— ଆଉ ତୁମର ସେ ଶାନ୍ତି ପ୍ରଦାୟିନୀ କରକମଳର ସସ୍ନେହ ସ୍ପର୍ଶରେ ଅସ୍ତ୍ରାଘାତର ଅନେକ ଯନ୍ତ୍ରଣା ମୁଁ ଭୁଲି ଯାଇଛି । ମୁଁ ତୁମ ନିକଟରେ କୃତଜ୍ଞ ଗୁସ୍ମା ।

ଗୁସ୍ମା—(ସାମାନ୍ୟ ହସି) ବାସ୍—ଏତିକି···

ଚନ୍ଦ୍ରଗୁପ୍ତ—ସତରେ ଗୁସ୍ମା, ତୁମର ଏ ଋଣ ମୁଁ ଜୀବନରେ ସୁଝି ପାରିବିନି—ତଥାପି···

ଗୁସ୍ମା—କଣ, ପ୍ରତିଦାନ ଦେବାକୁ ଇଚ୍ଛା କରୁଛନ୍ତି···

ଚନ୍ଦ୍ରଗୁପ୍ତ—(ଆଗ୍ରହରେ) କୁହ ଗୁସ୍ମା···ତୁମେ କଣ ଚାହଁ ? ମୋର ଜୀବନ ବିନିମୟରେ ମଧ୍ୟ ମୁଁ ତୁମର ସମସ୍ତ ଇଚ୍ଛା ପୂର୍ଣ୍ଣ କରିବି ।

ଗୁସ୍ମା—(ହସି) ପାରିବେ ?

ଚନ୍ଦ୍ରଗୁପ୍ତ—ଚେଷ୍ଟା କରି ଦେଖ···

ଗୁପ୍ତା—ନା ମହାରାଜ···ପ୍ରତିଦାନର ଆଶା ରଖି ପାର୍ବତ୍ୟ ରମଣୀ କେବେ କାହାର ଉପକାର କରେନା—ନିଜ ଜୀବନକୁ ବାଜି ଲଗାଇ ମୁଁ ଯେ ମହାରାଜାଙ୍କ ଜୀବନ ରକ୍ଷା କରି ପାରିଛି ଏଇ ସୌଭାଗ୍ୟ ହିଁ ମୋର ଯଥେଷ୍ଟ ପୁରସ୍କାର—

ଚନ୍ଦ୍ରଗୁପ୍ତ—ଗୁପ୍ତା ! ତୁମେ ଏତେ ମହତ୍—ଏତେ ଉଦାର ! କିନ୍ତୁ···

ଗୁପ୍ତା—ଏଠି କିନ୍ତୁର ସ୍ଥାନ ନାହିଁ ମହାରାଜ, ପାର୍ବତ୍ୟ ରମଣୀ ଯୁଦ୍ଧ କରି ଶିଖିଛି । କିନ୍ତୁ ପ୍ରତାରଣା କରି ଶିଖିନି—ମୁଁ କିଛି ଶୁଣିବିନି ମହାରାଜ···

ଚନ୍ଦ୍ରଗୁପ୍ତ—ଗୁପ୍ତା···ଗୋଟାଏ କଥା ପଚାରିବି—ସତ କହିବ···?

ଗୁପ୍ତା—ଆପଣଙ୍କ ପାଖରେ ମିଛ କହି ପାରିବ ବୋଲି ଆପଣ ଆଶା କରୁଛନ୍ତି ?

ଚନ୍ଦ୍ରଗୁପ୍ତ—ଗୁପ୍ତା, ମୋର ଯେମିତି ମନେହୁଏ ତମେ ମତେ ଅନେକ କିଛି ଲୁଚାଇବାର ଚେଷ୍ଟା କରୁଛ···ତମ ମନର ସେ ନିସ୍ତରଙ୍ଗ ବେଳାଭୂମିରେ ହୁଏତ ଗୋଟାଏ ଅଦିନ ଜୁଆର ଉଠିଛି, ହୁଏତ—

ଗୁପ୍ତା—ନାରୀ ମନର ଅବ୍ୟକ୍ତ ଅନ୍ତର୍ଦାହ କଣ ଭାଷାରେ ପ୍ରକାଶ କରିହୁଏ ମହାରାଜ ? ଯଦି କେବେ ମୋ ଗୁପ୍ତି ତଳର ସେ ଯନ୍ତ୍ରଣାକୁ ଆପଣ ଅନୁଭବ କରି ପାରିବେ···

ଚନ୍ଦ୍ରଗୁପ୍ତ—(ଆଶ୍ଚର୍ଯ୍ୟରେ) ଗୁପ୍ତା ! ଗୁପ୍ତା ତୁମେ···ତୁମେ ଏ ଭୁଲ କଲ କାହିଁକି ଗୁପ୍ତା···

ଗ୍ଲୁପ୍ସା—ଭୁଲ କରୁଛି କି ଠିକ୍ କରୁଛି ତା ମୁଁ ଜାଣେନା—ତଥାପି ମୋ ମନମନ୍ଦିରରେ ମୁଁ ଆପଣଙ୍କୁ ଦେଇଛି ଏକ ଦେବତାର ସମ୍ମାନ…

ଚନ୍ଦ୍ରଗୁପ୍ତ—ଗ୍ଲୁପ୍ସା…

ଗ୍ଲୁପ୍ସା—ମୁଁ ଆସୁଛି ମହାରାଜ, ଯଦି କିଛି ଭୁଲ କରିଥାଏ ତାହାହେଲେ ନିଜର କ୍ଷମାଗୁଣରେ ମତେ କ୍ଷମା କରିବେ…

(ଗ୍ଲୁପ୍ସା ଦ୍ରୁତ ପଦରେ ଚାଲିଗଲେ)

ଚନ୍ଦ୍ରଗୁପ୍ତ—ଶୁଣ ଗ୍ଲୁପ୍ସା…ତମେ ଏ ଭୁଲ କାହିଁକି କଲ ? ମୁଁ ଯେ ଜଣକୁ ଭଲ ପାଇ ସାରିଛି ଗ୍ଲୁପ୍ସା—ରାଜନନ୍ଦିନୀ ହେଲେନ୍…ତୁମର ସେ ସଲଜ୍ଜ ଚାହାଣୀ ମୁଁ ଆଜି ବି ମନେ ରଖିଛି…

(ଏହି ସମୟରେ ଆସିଛନ୍ତି ଚନ୍ଦ୍ରକେତୁ)

ଚନ୍ଦ୍ରଗୁପ୍ତ – ଆସ ବନ୍ଧୁ…କଣ ହେଲା ? ମନେହୁଏ ତୁମେ ଚିନ୍ତାଗ୍ରସ୍ତ –

ଚନ୍ଦ୍ରକେତୁ – ହଁ ମହାରାଜ – ମହାମନ୍ତ୍ରୀ ଚାଣକ୍ୟଙ୍କ ନିର୍ଦ୍ଦେଶରେ ଆଜି ମଧ୍ୟ ରାତରେ ଭୂତପୂର୍ବ ମହାରାଜା ନନ୍ଦଙ୍କୁ ପ୍ରାଣଦଣ୍ଡ ଦିଆଯିବ ।

ଚନ୍ଦ୍ରଗୁପ୍ତ – ଚନ୍ଦ୍ରକେତୁ ! ନନ୍ଦଙ୍କୁ ପ୍ରାଣଦଣ୍ଡ ଦିଆଯିବ ? ଆଉ ତା ପୁଣି ଗୋଟାଏ ସାମାନ୍ୟ ବ୍ରାହ୍ମଣର ନିର୍ଦ୍ଦେଶରେ…? ଜଣେ ବ୍ରାହ୍ମଣର ନିର୍ଦ୍ଦେଶରେ ଏ ଦେଶର ଶାସନ ଚାଲିପାରେନା ଚନ୍ଦ୍ରକେତୁ – ସେ ହୋଇ ପାରନ୍ତି ଏ ଦେଶର ମହାମନ୍ତ୍ରୀ – ବିଚକ୍ଷଣ କୂଟନୀତିଜ୍ଞ କିନ୍ତୁ ପ୍ରାଣଦଣ୍ଡ ଦେବାର କ୍ଷମତା ତାଙ୍କର ନାହିଁ – ଆଉ ସେ ଯଦି ତାଙ୍କ କ୍ଷମତାର ଅପବ୍ୟବହାର କରିବାକୁ ଚେଷ୍ଟା କରିବେ

ତାହାହେଲେ ମଗଧର ମହାରାଜା ଚନ୍ଦ୍ରଗୁପ୍ତ ତାଙ୍କୁ କେବେହେଲେ କ୍ଷମା କରିବ ନାହିଁ…

ଚନ୍ଦ୍ରକେତୁ – ମହାରାଜ…!

ଚନ୍ଦ୍ରଗୁପ୍ତ – ଯାଅ ଚନ୍ଦ୍ରକେତୁ – ମୋର ସ୍ୱହସ୍ତ ଲିଖିତ କ୍ଷମା ଆଜ୍ଞା ନେଇ ଶୃଣକ୍ୟଙ୍କୁ ମୋର ନିର୍ଦ୍ଦେଶ ଶୁଣାଇ ଦିଅ – ମଗଧର ଭୂତପୂର୍ବ ମହାରାଜା ନନ୍ଦଙ୍କୁ ପ୍ରାଣଦଣ୍ଡ ଦେବାର ଅଧିକାର ତାଙ୍କର ନାହିଁ-- ମୋର ଆଦେଶକୁ ଅବମାନନା କରିବାର ଦୁଃସାହାସ କଲେ ପରିଣାମ ବିଷମୟ ହୋଇ ଉଠିବ – ଯାଅ ! ଶୁଣ, ତାଙ୍କୁ କହିବ ଏହା ଚନ୍ଦ୍ରଗୁପ୍ତର ମିନତି ନୁହେଁ – ମଗଧର ମହାରାଜା ଚନ୍ଦ୍ରଗୁପ୍ତର ଆଦେଶ – ତୁମେ ଆସ ଚନ୍ଦ୍ରକେତୁ – ଠିକ୍ ସମୟରେ ମୁଁ ମଧ୍ୟ ଯାଇ ଉପସ୍ଥିତ ହେବି…

(ଚନ୍ଦ୍ରକେତୁ ଚାଲିଗଲେ)

(ମଞ୍ଚ ଅନ୍ଧାର)

—o—

ଚତୁର୍ଥ ଦୃଶ୍ୟ

[ସ୍ଥାନ – ବନ୍ଧଭୂମି – ଅଦୂରରେ ଯୂପକାଷ୍ଠ… ଘାତକ ହାତରେ ଖଡ୍‌ଗ ଧରି ନନ୍ଦଙ୍କୁ ଅପେକ୍ଷା କରିଛି । ଉପସ୍ଥିତ ଥିଲେ କାତ୍ୟାୟନ, ଚାଣକ୍ୟ ଏବଂ ବନ୍ଦୀ ଅବସ୍ଥାରେ ମହାରାଜା ନନ୍ଦ…ଦୁଇଜଣ ରକ୍ଷୀ…]

ଚାଣକ୍ୟ—(ଏକ ପୈଶାଚିକ ହସ ହସି) ମୋର ସେଦିନର ପ୍ରତିଜ୍ଞା ମନେ ଅଛି ନନ୍ଦ ? ଯେଉଁଦିନ ତୁମର ଉଦ୍ୟାନ କକ୍ଷରେ, ମତେ ଗୋଟାଏ ଭିକ୍ଷୁକ ବ୍ରାହ୍ମଣ ବୋଲି ସମ୍ବୋଧନ କରି, ତୁମରି ଆଦେଶରେ ବାଚୁଳ ମୋର କେଶ ଆକର୍ଷଣ କରି ମତେ ଗଳାଧକ୍‌କା ଦେଇ ଅପମାନିତ ଆଉ ନିର୍ଯ୍ୟାତିତ କରିଥିଲ ? ସେ ଦିନର ସେ ପ୍ରତିଜ୍ଞା ମନେ ଅଛି ମହାରାଜ ନନ୍ଦ ? ସେ ଦିନ ମୋର ଏଇ ଉନ୍ମୁକ୍ତ ଶିଖା ସ୍ପର୍ଶ କରି ଶପଥ ନେଇଥିଲି, ତୁମରି ରକ୍ତରେ ରଂଜିତ କରି ଯେତେଦିନ ପର୍ଯ୍ୟନ୍ତ ଏଇ ହାତରେ ଶିଖା ବନ୍ଧନ ନ କରିଛି, ସେତେଦିନ ପର୍ଯ୍ୟନ୍ତ ସେ ଶିଖା ଉନ୍ମୁକ୍ତ ରହିବ—ଚାଣକ୍ୟ ଆଜି ତାର ପ୍ରତିଜ୍ଞା ପୂରଣ କରିବ ନନ୍ଦ—ଜୀବନର ଅନ୍ତିମ ଲଗ୍ନରେ ଈଶ୍ବରଙ୍କୁ ସ୍ମରଣ କର… ଘାତକ…

ନନ୍ଦ—ଗୋଟାଏ ନିରସ୍ତ୍ର ବନ୍ଦୀକୁ ହତ୍ୟା କରିବ ?

ଚାଣକ୍ୟ—ଏହା ହତ୍ୟା ନୁହେଁ ନନ୍ଦ, ଏହା ତୁମର ମୃତ୍ୟୁଦଣ୍ଡ…

ନନ୍ଦ—ମୋର ଅପରାଧ···?

ଚାଣକ୍ୟ—ଅପରାଧ ? ତୁମେ ବ୍ରହ୍ମହତ୍ୟା କରିଛ । ବ୍ରହ୍ମସ୍ୱ ଅପହରଣ କରିଛ, ବ୍ରାହ୍ମଣର ସମ୍ପତ୍ତି ଲୁଣ୍ଠନ କରିଛ···

କାତ୍ୟାୟନ—ଏବେ ସମୟ ଅଛି ନନ୍ଦ, ମହାମନ୍ତ୍ରୀ ଚାଣକ୍ୟଙ୍କ ପାଦତଳେ ନତଜାନୁ ହୋଇ ପ୍ରାଣଭିକ୍ଷା କରିପାର ।

ନନ୍ଦ - ପ୍ରାଣଭିକ୍ଷା ? କ୍ଷତ୍ରୀୟ କେବେ ପ୍ରାଣଭିକ୍ଷା କରେନା କାତ୍ୟାୟନ··· କ୍ଷତ୍ରୀୟର ସନ୍ତାନ ମୁଁ—ଗୋଟାଏ ବ୍ରାହ୍ମଣର ପ୍ରଭୁତ୍ୱ ସ୍ୱୀକାର କରି ପାରିବନି···ମୁଁ ତୁମକୁ ଘୃଣା କରେ ଚାଣକ୍ୟ···ତୁମେ ନୀଚ—ତୁମେ ହୀନ···

ଚାଣକ୍ୟ—(ହସି ଉଠିଲେ) ମୁଁ ନୀଚ···ମୁଁ ହୀନ···ଶୁଣ ମହାରାଜା ନନ୍ଦ, ତୁମେ ଖାଲି ଏକା ନୁହଁ···ମୁଁ ତୁମର ସମସ୍ତ ସନ୍ତାନଙ୍କୁ ଗୋଟି ଗୋଟି କରି ହତ୍ୟା କରିବି । ତୁମ ବଂଶରେ କେହି ଜଣେ ହେଲେ ବି ପିଣ୍ଡଦାନ କରିବାକୁ ରହିବନି···ମୁଁ ପ୍ରତିଜ୍ଞା କରୁଛି ନନ୍ଦବଂଶ ନିର୍ମୂଳ କରିବି ।

ନନ୍ଦ—ଚାଣକ୍ୟ ! ତୁମେ ମତେ ହତ୍ୟାକର ଚାଣକ୍ୟ···ସେଥିପାଇଁ ମୋ ମନରେ ତିଳେହେଲେ ଦୁଃଖ ନାହିଁ । କିନ୍ତୁ ତୁମେ ଏତେ ନିଷ୍ଠୁର ହୁଅନା ଚାଣକ୍ୟ···ସେହି ନିରୀହ ନିଷ୍ପାପ ଶିଶୁମାନଙ୍କ ନିମନ୍ତେ ମୁଁ ଆଜି ନତଜାନୁ ହୋଇ ତୁମ ପାଖରେ କ୍ଷମା ମାଗୁଛି । (ନତଜାନୁ ହେଲେ) କୁହ ଚାଣକ୍ୟ ମୋର ଏଇ ଭିକ୍ଷା କଣ ତୁମେ ପୂରଣ କରିବ ନି ?

ଚାଣକ୍ୟ—ସେଦିନ ମୁଁ କହିଥିଲି ନା ନନ୍ଦ, ଦିନେ ତୁମେ ଏଇ ବ୍ରାହ୍ମଣର ପାଦତଳେ ନତଜାନୁ ହୋଇ ପ୍ରାଣଭିକ୍ଷା କରିବ ? ଆଜି ମୁଁ ସେ ଭିକ୍ଷା ତୁମକୁ ଦେବିନି ବୋଲି···?

ନନ୍ଦ—ତଥାପି ଦୟାକର ଚାଣକ୍ୟ···ମୋର ସେଇ ସନ୍ତାନମାନଙ୍କ ଲାଗି ମୁଁ ତୁମର ପାଦଧରି କ୍ଷମାପ୍ରାର୍ଥନା କରୁଛି···

ଚାଣକ୍ୟ—ହୃଦୟହୀନ ଚାଣକ୍ୟ ନିକଟରୁ ଦୟା ଆଶା କରୁଛ···? ରକ୍ଷୀ—ଯୂପକାଷ୍ଠ ପ୍ରସ୍ତୁତ କର···

ରକ୍ଷୀ—ସମସ୍ତ ପ୍ରସ୍ତୁତ ମହାମନ୍ତ୍ରୀ···

ଚାଣକ୍ୟ—ବନ୍ଦୀକୁ ଅର୍ଗଳବଦ୍ଧ କର···

ନନ୍ଦ—ଚାଣକ୍ୟ···

ଚାଣକ୍ୟ—ବନ୍ଦୀକୁ ନେଇଯାଅ···

(ରକ୍ଷୀ ନନ୍ଦଙ୍କୁ ନେଇ ଅର୍ଗଳବଦ୍ଧ କଲା)

ଚାଣକ୍ୟ—ପ୍ରସ୍ତୁତ ହୁଅ କାତ୍ୟାୟନ···

କାତ୍ୟାୟନ—ଚାଣକ୍ୟ !!

ଚାଣକ୍ୟ—ସ୍ୱହସ୍ତରେ ନନ୍ଦକୁ ବଧ କର—ଘାତକ··କାତ୍ୟାୟନଙ୍କୁ ଖଡ୍‌ଗ ଅର୍ପଣ କର···(ଘାତକ କାତ୍ୟାୟନଙ୍କୁ ଖଡ୍‌ଗ ଅର୍ପଣ କଲେ)

କାତ୍ୟାୟନ—ମୁଁ ବଧ କରିବ ??

ଚାଣକ୍ୟ—ହଁ ତୁମେ···ତୁମ ପୁତ୍ରହତ୍ୟାର ପ୍ରତିଶୋଧ ନିଅନ୍ତ କାତ୍ୟାୟନ;

କାତ୍ୟାୟନ—ଚାଣକ୍ୟ ??

ଚାଣକ୍ୟ—ମନେ ପଡୁନି କାତ୍ୟାୟନ—ସେଇ ତିମିରାଚ୍ଛନ୍ନ କାରାଗାରର ନିର୍ଜ୍ଜନ କକ୍ଷମଧ୍ୟରେ ତୁମର ସାତସାତଟା ସନ୍ତାନଙ୍କର କ୍ଷୁଧାତୁର

ବିକଳ କ୍ରନ୍ଦନ ଧ୍ୱନି···? ମନେ ପଡୁନି ସେମାନଙ୍କର ସେଇ ଜୀର୍ଣ୍ଣ ଅସହାୟ ଅସ୍ଥି କଙ୍କାଳସାର ରୁଗ୍ଣ ନିଷ୍ପ୍ରଭ ମୁଖଶ୍ରୀ···? ନିଜ ହସ୍ତରେ ପ୍ରତିଶୋଧ ନିଅ କାତ୍ୟାୟନ, ହତ୍ୟାକର କାତ୍ୟାୟନ ହତ୍ୟାକର···ପ୍ରତିଶୋଧ ନିବାର ମାହେନ୍ଦ୍ର ଲଗ୍ନ ଯେ ଗଡ଼ି ଯାଉଛି···

(କାତ୍ୟାୟନ ଖଡ୍ଗ ଉତ୍ତୋଳନ କରିଛନ୍ତି ଏବଂ ଠିକ୍ ଏହି ସମୟରେ ଚନ୍ଦ୍ରକେତୁ ରାଜଆଜ୍ଞା ଧରି ପ୍ରବେଶ କରିଛନ୍ତି)

ଚନ୍ଦ୍ରକାନ୍ତ—ଅପେକ୍ଷା କର କାତ୍ୟାୟନ···

ଚାଣକ୍ୟ—ଚନ୍ଦ୍ରକେତୁ···! ତୁମେ···?

ଚନ୍ଦ୍ରକେତୁ—ମଗଧର ମହାରାଜା ଚନ୍ଦ୍ରଗୁପ୍ତଙ୍କର ଆଦେଶ···

(କହି ଆଜ୍ଞାପତ୍ର ବଢ଼ାଇ ଦେଲେ—ତାକୁ ପଢି···)

ଚାଣକ୍ୟ—ଆଦେଶ···ହୁଁ···ଚନ୍ଦ୍ରଗୁପ୍ତର· ଆଦେଶ ମାନିବାକୁ—ଚାଣକ୍ୟ ବାଧ୍ୟ ନୁହେଁ ଚନ୍ଦ୍ରକେତୁ···

ଚନ୍ଦ୍ରକେତୁ—କିନ୍ତୁ ଏ ଯେ ମଗଧର ମହାରାଜା ଚନ୍ଦ୍ରଗୁପ୍ତଙ୍କର ଆଦେଶ···

ଚାଣକ୍ୟ—ମଗଧର ମହାରାଜା—(ହସିଲେ) ଯୋଉ ବ୍ରାହ୍ମଣ ସାମାନ୍ୟ ଗୋଟାଏ ଦାସୀପୁତ୍ରକୁ ମଗଧର ସିଂହାସନରେ ବସାଇ ପାରିଲା ସେଇ ବ୍ରାହ୍ମଣ ଇଚ୍ଛା କଲେ ତାକୁ ରାସ୍ତାର ଭିକାରୀ ମଧ୍ୟ କରିଦେଇ ପାରିବ···ହତ୍ୟା କର କାତ୍ୟାୟନ—ଏହା ମହାମନ୍ତ୍ରୀ ଚାଣକ୍ୟଙ୍କର ନିର୍ଦ୍ଦେଶ······

ଚନ୍ଦ୍ରକେତୁ—ଚନ୍ଦ୍ରକେତୁ ବଂଶ ଥାଉ ଆଉ ତା କେବେହେଲେ ସମ୍ଭବ ହେବନି ଗୁରୁଦେବ...ରକ୍ଷୀଗଣ ମହାରାଜାଙ୍କୁ ସମ୍ବାଦ ଦିଅ...

(ରକ୍ଷୀ ଚାଲିଗଲେ)

ଚାଣକ୍ୟ—(ରାଗ ଜର୍ଜରିତ ହୋଇ) ଚନ୍ଦ୍ରକେତୁ ! କାତ୍ୟାୟନ—ମତେ ଖଡ୍ଗ ଦିଅ କାତ୍ୟାୟନ...ମୁଁ ସ୍ୱହସ୍ତରେ ବଧ କରିବି...

ଚନ୍ଦ୍ରକେତୁ—ଗୁରୁଦେବ...ମତେ ବ୍ରହ୍ମହତ୍ୟା କରିବାକୁ ବାଧ କରନ୍ତୁନି ଗୁରୁଦେବ...

(ଏହି ସମୟରେ ଆସିଛନ୍ତି ମୁରା...)

ମୁରା—ଆଉ ଯନ୍ଦ ନାରୀ ହତ୍ୟା ହୁଏ ?

ଚନ୍ଦ୍ରକେତୁ—(ଆଶ୍ଚର୍ଯ୍ୟ ହୋଇ) ମା...! ଆପଣ !

ମୁରା—ହଁ...ମୁଁ ! ମୋର ଆଜ୍ଞା—ତାକୁ ବଧ କର କାତ୍ୟାୟନ...

ଚନ୍ଦ୍ରକେତୁ—ମା...ଆପଣ ନାରୀ...ଆପଣ ଜନନୀ...ଆପଣ ନନ୍ଦଙ୍କୁ କ୍ଷମା କରନ୍ତୁ ମା...

ମୁରା—କ୍ଷମା ? କିନ୍ତୁ ମୁଁ ଯେ ଶୁଦ୍ରାଣୀ—ଗୋଟାଏ ରକ୍ଷିତା...

ଚନ୍ଦ୍ରକେତୁ—ତଥାପି ଆପଣ ମା...ମୁଁ ଭିକ୍ଷା ମାଗୁଛି ମା...ଆପଣଙ୍କ ପାଖରେ ହାତ ପାତି ମୁଁ ଆଜି ନନ୍ଦଙ୍କର ପ୍ରାଣଭିକ୍ଷା କରୁଛି...

ମୁରା—ତୁମେ କଣ ଏକା ଭିକ୍ଷା ମାଗୁଛ ? ମୋର ଏଇ ବନ୍ଦିରାଧ ପ୍ରାଣ କଣ ମୋର ପାଦ ଧରି ଭିକ୍ଷା ମାଗୁନି...ଶୁଦ୍ରାଣୀର ଦୁଗ୍ଧ କଣ କ୍ଷତ୍ରିୟ ରମଣୀର ଦୁଗ୍ଧଠାରୁ କମ୍ ମଧୁର...? ଶୁଦ୍ରାଣୀର ସ୍ନେହ

କଣ କ୍ଷତ୍ରୀୟ ରମଣୀର ସ୍ନେହଠାରୁ କମ୍ ଶୁଭ୍ର ? ନା, ନା ଚନ୍ଦ୍ରକେତୁ, ମୁଁ କ୍ଷମା କରି ପାରେନା···ମୁଁ ଯେ ଗୋଟାଏ ଶୁଦ୍ରାଣୀ—ଗୋଟାଏ ରକ୍ଷିତା—ଗୋଟାଏ ଗଣିକା ।

ଚନ୍ଦ୍ରକେତୁ—ମା···

ମୁରା—ହତ୍ୟାକର କାତ୍ୟାୟନ···ଏହା ହେଉଛି ରାଜମାତାଙ୍କର ଆଜ୍ଞା···

(ଚନ୍ଦ୍ରକେତୁ ସ୍ଥାଣୁ ପାଲଟିଗଲେ)

ଚାଣକ୍ୟ—ବଧ କର କାତ୍ୟାୟନ···ବଧ କର···କାତ୍ୟାୟନ·

(କାତ୍ୟାୟନ ହତ୍ୟା କଲେ ନନ୍ଦଙ୍କୁ—ଗଣ୍ଡିରୁ ମୁଣ୍ଡ ଅଲଗା ହୋଇଗଲା···)

ଚାଣକ୍ୟ—(ହସି ଉଠିଲେ) ମୋର ପ୍ରତିହିଂସା ଯଜ୍ଞରେ ତୁମେ ହେଉଛ ଆଦ୍ୟ ବଳି ମହାରାଜା ନନ୍ଦ···(କହି ଚାଲିଗଲେ)

କାତ୍ୟାୟନ—ମୁଁ ବି ପ୍ରତିଶୋଧ ନେଇଛି ଚାଣକ୍ୟ···ମୋର ସପ୍ତ ସନ୍ତାନର ହତ୍ୟାକାରୀକୁ ମୁଁ ଦେଇଛି ସର୍ବଶ୍ରେଷ୍ଠ ପୁରସ୍କାର···(ପାଗଳଙ୍କ ପରି ହସିଲେ)

(ମୁରା ନିର୍ବାକ···ନନ୍ଦର କଟାମୁଣ୍ଡକୁ ଚାହିଁ ରହିଥିଲେ··· ଆଖିରେ କନ୍ତୁ ଥିଲା ଲୁହ···ଏହି ସମୟରେ ଆସିଲେ ଚନ୍ଦ୍ରଗୁପ୍ତ··· କଟାମୁଣ୍ଡକୁ ଦେଖି···)

ଚନ୍ଦ୍ରଗୁପ୍ତ—(ଚିତ୍କାର କରିଉଠିଲେ) ନନ୍ଦ···ଏ କଣ ହେଲା ଚନ୍ଦ୍ରକେତୁ (କାତ୍ୟାୟନଙ୍କ ହାତରେ ରକ୍ତରଞ୍ଜିତ ତରବାରୀ ଦେଖି···) କାତ୍ୟାୟନ ! ତୁମେ ?

ଚନ୍ଦ୍ରକେତୁ — ମା'ଙ୍କ ଆଜ୍ଞାରେ···

ଚନ୍ଦ୍ରଗୁପ୍ତ—ମା ! ତୁମେ···ତୁମେ ନନ୍ଦଙ୍କୁ ବଧ କରିବାକୁ ଆଦେଶ ଦେଇ-ପାରିଲ ? ଯାହାଙ୍କୁ ତୁମେ ସ୍ତନରୁ କ୍ଷୀର ଖୁଆଇ ମଣିଷ କରିଥିଲ ଆଜି ସେଇ ପୁଅକୁ···

ମୁରା—(ଏକ ଆକୁଳ ଆବେଗରେ ଚନ୍ଦ୍ରଗୁପ୍ତଙ୍କୁ କୁଣ୍ଢାଇ ଧରିଲେ)
ମୁରା—ଚନ୍ଦ୍ରଗୁପ୍ତ···

ଚନ୍ଦ୍ରଗୁପ୍ତ—(ଅଶ୍ରୁଳ ନୟନରେ) ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ତୋର ଜୀବନ ରକ୍ଷା କରି ପାରିଲିନିରେ ନନ୍ଦ···ମତେ କ୍ଷମା କରିବୁ··· (ଶେଷଆଡ଼କୁ କଣ୍ଠ ଭାରି ହୋଇଗଲା)

—ମଞ୍ଚ ଅନ୍ଧକାର—

—o—

ପଞ୍ଚମ ଦୃଶ୍ୟ

[ଚାଣକ୍ୟଙ୍କ କୁଟୀର — ଚାଣକ୍ୟ ଏକାକୀ ପଦଚାରଣ କରୁଥିଲେ—ଆସିଛି ଜଣେ ଗୁପ୍ତଚର...ପ୍ରଣାମ କରିଛି...)

ଚାଣକ୍ୟ — କି ସମ୍ବାଦ ?

ଚର — ଆପଣଙ୍କର ଅନୁମାନ ଯଥାର୍ଥ ମହାମନ୍ତ୍ରୀ — କାତ୍ୟାୟନ ବର୍ତ୍ତମାନ ଶତ୍ରୁ ଶିବିରରେ ଉପଗତ...

ଚାଣକ୍ୟ — ହୁଁ — ଅନ୍ୟ କିଛି ସମ୍ବାଦ ଅଛି ?

ଚର—ଅଛି ମହାମନ୍ତ୍ରୀ — ବିଶାଳ ଗ୍ରୀକ୍ ବାହିନୀ ସିନ୍ଧୁ ନଦୀ ପାର ହୋଇଛନ୍ତି ।

ଚାଣକ୍ୟ—ସୈନ୍ୟ କେତେ ?

ଚର—ଚାରି ଲକ୍ଷ...

ଚାଣକ୍ୟ — ମାତ୍ର ଚାରି ଲକ୍ଷ...? ଯାଅ...(ଚର ଚାଲିଗଲା...)

ତମେ ଶେଷରେ ଗ୍ରୀକ ପକ୍ଷ ସମର୍ଥନ କଲ କାତ୍ୟାୟନ ! ମୋର ମନ୍ତ୍ରୀତ୍ୱରେ ତୁମର ଏତେ ଈର୍ଷା ? ଚାଣକ୍ୟର ବୁଦ୍ଧି ପରୀକ୍ଷା କରିବାକୁ ଚାହଁ ନା ?...ମୂର୍ଖ...

(୨ୟ ଚରର ପ୍ରବେଶ...)

ଚାଣକ୍ୟ—କି ସମ୍ବାଦ···?

ଚର—ବିଦ୍ରୋହୀମାନେ ଦଳବଦ୍ଧ ହୋଇଛନ୍ତି···ସେମାନଙ୍କର ସଙ୍କେତ ଭିମଥର ତୂର୍ଯ୍ୟନାଦ···

ଚାଣକ୍ୟ—ଆଉ କିଛି···?

ଚର – ମହାରାଜା ଚନ୍ଦ୍ରଗୁପ୍ତଙ୍କୁ ହତ୍ୟା କରିବା ନିମନ୍ତେ ତାଙ୍କର ଶୟନ-କକ୍ଷରେ ପଚିଶ ଜଣ ଘାତକ ସୁଡ଼ଙ୍ଗ କାଟି ଅପେକ୍ଷା କରି ରହିଛନ୍ତି···।

ଚାଣକ୍ୟ—ଜାଣେ । ତାଙ୍କର ଦଳପତିର ସନ୍ଧାନ ପାଇଲ ?

ଚର—ହଁ ମହାମନ୍ତ୍ରୀ···ବାଚାଳ ସେମାନଙ୍କର ନେତୃତ୍ୱ ନେଇଛନ୍ତି ।

ଚାଣକ୍ୟ – (ଚରକୁ ଚାଲିଯିବାକୁ ଚାଣକ୍ୟ ନିର୍ଦ୍ଦେଶ ଦେଲେ) ଯାଅ···

(ତାପରେ ଦୁଇଥର କରତାଳି ଦେଲେ—ଆସିଛି ରକ୍ଷୀ···) ଯାଅ ରକ୍ଷୀ···ସେନାଧ୍ୟକ୍ଷଙ୍କୁ ମୋର ନିର୍ଦ୍ଦେଶ ଜଣାଇ ଦିଅ—ଆଜି ରାତିର ପ୍ରଥମ ପ୍ରହରରେ ସେ ଯେପରି ମୋ ସହିତ ଗୁପ୍ତ ମନ୍ତ୍ରଣା-କକ୍ଷରେ ସାକ୍ଷାତ କରନ୍ତି···

ରକ୍ଷୀ—ଯଥା ଆଜ୍ଞା ମହାମନ୍ତ୍ରୀ···(ରକ୍ଷୀ ଚାଲିଗଲେ)

ଚାଣକ୍ୟ—ମୂର୍ଖ ବାଚାଳ··· (ହସିଲେ—ଏହି ସମୟରେ ଆସିଛନ୍ତି ଚନ୍ଦ୍ରକେତୁ)

ଚନ୍ଦ୍ରକେତୁ—ମତେ ଡକାଇଥିଲେ ଗୁରୁଦେବ ?

ଚାଣକ୍ୟ—ହଁ ଚନ୍ଦ୍ରକେତୁ, ଚନ୍ଦ୍ରଗୁପ୍ତ ଦାକ୍ଷିଣାତ୍ୟ ଜୟ କରି ଆଜି ରାତିରେ ରାଜଧାନୀକୁ ଫେରି ଆସୁଛନ୍ତି···ଜାଣିଛ ?

ଚନ୍ଦ୍ରକେତୁ—ଜାଣେ ଗୁରୁଦେବ…ସେଥିପାଇଁ ନଗରୀରେ ଉତ୍ସବର ଆୟୋଜନ କରିବା ପାଇଁ ମତେ ନିର୍ଦ୍ଦେଶ ଦେଇଛନ୍ତି ।

ଚାଣକ୍ୟ—ଆୟୋଜନ କରିଛ ?

ଚନ୍ଦ୍ରକେତୁ—କରିଛି ଗୁରୁଦେବ…କର୍ତ୍ତବ୍ୟରତ ଚନ୍ଦ୍ରକେତୁ କେବେହେଲେ ରାଜାଙ୍କ ଅବମାନନା କରେନା ଗୁରୁଦେବ…

ଚାଣକ୍ୟ—କଣସବୁ ଆୟୋଜନ କରିଛ…?

ଚନ୍ଦ୍ରକେତୁ—ସମସ୍ତ ନଗରୀ ଆଜି ବର୍ଣ୍ଣୋଜ୍ଜ୍ୱଳ ଆଲୋକମାଳାରେ ବିଭୂଷିତ ହେବ…ପାଟଳୀପୁତ୍ରର ପ୍ରତ୍ୟେକ ରାଜପଥ ପୁଷ୍ପିତ ତୋରଣରେ ସୁସଜ୍ଜିତ ହବ…ମଙ୍ଗଳ ଶଙ୍ଖଧ୍ୱନିରେ ଗଗନ ପବନ ମୁଖରିତ ହେବ…ଆଉ…

ଚାଣକ୍ୟ — କିଛି ହବନି…ଚନ୍ଦ୍ରକେତୁ…

ଚନ୍ଦ୍ରକେତୁ—(ଆଶ୍ଚର୍ଯ୍ୟରେ) ଗୁରୁଦେବ !

ଚାଣକ୍ୟ—ଯାଅ—ଏ ଉତ୍ସବ ବନ୍ଦ କର…ସମସ୍ତ ତୋରଣକୁ ଭାଙ୍ଗି ଧୂଳିସାତ୍ କରିଦିଅ…ସମଗ୍ର ପାଟଳୀପୁତ୍ରକୁ ଆଜି ନିଷ୍ପ୍ରଦୀପ କରି ଚନ୍ଦ୍ରଗୁପ୍ତଙ୍କୁ ଅନ୍ଧକାରରେ ସ୍ୱାଗତ ଜଣାଅ ।

ଚନ୍ଦ୍ରକେତୁ—କିନ୍ତୁ କାହିଁକି ଗୁରୁଦେବ…?

ଚାଣକ୍ୟ – ଚାଣକ୍ୟ ତା କାର୍ଯ୍ୟର କେବେ କୈଫିୟତ୍ ଦିଏନା ଚନ୍ଦ୍ରକେତୁ ସେ ସବୁବେଳେ ନିର୍ଦ୍ଦେଶ ଦେଇ ଆସିଛି…ଯାଅ—ମୋର ଆଦେଶ ପାଳନ କର ।

(ଚନ୍ଦ୍ରକେତୁ ପ୍ରଣାମ ଜଣାଇ ଚାଲିଗଲେ···ଏହି ସମୟରେ ବହୁଦୂରରୁ ଭାସିଆସିଲା ଏକ ସଙ୍ଗୀତର ମୂର୍ଚ୍ଛନା···ଏକ ବାଳକା କଣ୍ଠର···)

ଚାଣକ୍ୟ—କିଏ ? କାହାର ଏ କଣ୍ଠସ୍ୱର···ଏ ସୁଲଳିତ ସଙ୍ଗୀତର ମୂର୍ଚ୍ଛନା···ମୋର ଯେମିତି ମନେହେଉଛି ······ (ବାଳିକାର ଗୀତ) ଏ କଣ୍ଠସ୍ୱର ଯେ ମୋର ପରିଚିତ···କିନ୍ତୁ···ନା-ନା ତା କଣ ସମ୍ଭବ ?

(ବାହାରେ ଭିକାରୀର କଣ୍ଠସ୍ୱର···)

ଭିକାରୀ—ଭଗବାନ ତୁମର ମଙ୍ଗଳ କରନ୍ତୁ ବାବା—ମୁଠାଏ ଭିକ୍ଷା ମିଳୁ ବାବା···

ଚାଣକ୍ୟ—ଭିତରକୁ ଆସ······(ଭିକାରୀ ଓ ବାଳିକାର ପ୍ରବେଶ···)

ଭିକ୍ଷୁକ—ମୁଠାଏ ଭିକ୍ଷାମିଳୁ ବାବା··· (ଭିତରକୁ ଆସି)

ଚାଣକ୍ୟ—ଏତେ ରାତିରେ ଭିକ୍ଷା କରି ବାହାରିଛ ?

ଭିକ୍ଷୁକ—ଏଇମାତ୍ର ନଗରରେ ପହଞ୍ଚିଲୁ ବାବା—ସାତଦିନହେଲା କିଛି ଖାଇନୁ ।

ବାଳିକା—ଭାରି ଭୋକ ବାବା । ମୁଁ ବି ତିନଦିନ ହେଲା କିଛି ଖାଇନି···
(ଚାଣକ୍ୟ ନିର୍ନିମେଷ ନୟନରେ ବାଳିକାକୁ ଚାହିଁ ରହିଥିଲେ)

ଚାଣକ୍ୟ—କଣ କହିଲୁ ମା, ତୁ ତିନଦିନ ହେଲା କିଛି ଖାଇନୁ ? ମୋ ପାଖକୁ ଆ ମା··· (ବାଳିକାର ମୁଣ୍ଡ ଆଉଁସି ଦେଲେ)··· ଭିକ୍ଷୁକ-ଏ କଣ ତୁମର କନ୍ୟା ?

ଭିକ୍ଷୁକ—ହଁ ବାବା···

ଚାଣକ୍ୟ — (ଦୀର୍ଘନିଃଶ୍ୱାସ ତ୍ୟାଗକରି) ତୋ ନାମ କଣ ମା ?

ବାଳିକା—ମାଧୁ...

ଚାଣକ୍ୟ — ମାଧୁ...ଆଉ ତୋ ଘର ?

ବାଳିକା—ଘର ? ଆମର ଘର ନାହିଁ ବାବା...କେତେବେଳେ ଗଛମୂଳେ, ଆଉ କେତେବେଳେ ବା ଅତିଥିଶାଳାରେ ରହିଯାଉ...

ଚାଣକ୍ୟ — ବର୍ତ୍ତମାନ ତୁ ଗୀତ ଗାଉଥିଲୁ ନା ମା ?

ବାଳିକା — ହଁ ବାବା...

ଚାଣକ୍ୟ — କି ସୁନ୍ଦର ତୋର କଣ୍ଠସ୍ୱର...ଠିକ୍ ତାରି ଭଳି...

ଭିକ୍ଷୁକ—ଗା' ତ ମା ମଧୁ......

ଚାଣକ୍ୟ—ନା ଆଉ ତୁମେ ଦୁହେଁ କ୍ଳାନ୍ତ-କ୍ଷୁଧାର୍ତ୍ତ । ଆଗ କିଛି ଖାଇ ନିଅ, ଭିତରକୁ ଚାଲ ମୁଁ ତୁମ ପାଇଁ ଖାଇବାର ବ୍ୟବସ୍ଥା କରୁଛି ।

(ଭିକ୍ଷୁକ ଓ ତାର କନ୍ୟା କୁଟୀର ଭିତରକୁ ଗଲେ ତାଙ୍କ ଯିବା-ବାଟକୁ ଚାହିଁ ...)

ସେଦିନ ମଧ୍ୟ ଠିକ୍ ଏହିପରି ଅଷ୍ଟମୀ ଚନ୍ଦ୍ରର ଆଲୋକରେ ସାରା ଆକାଶ ଆଲୋକିତ ହୋଇଥିଲା । ସହସାରେ ଖଣ୍ଡିତ-ଚନ୍ଦ୍ରମା ମେଘାବୃତ୍ତ ହେଲା । ଆର୍ଦ୍ର ବାୟୁର ନିଷ୍ଠୁର ଆଘାତରେ ପ୍ରଦୀପ ଶିଖା କମ୍ପି କମ୍ପି ନିସ୍ତବ୍ଧ ହୋଇଗଲା । ତାପରେ... ସ୍ନେହମୟୀ କନ୍ୟା ମୋର......

(ଚାଣକ୍ୟଙ୍କର ଚକ୍ଷୁ ମୁଦି ହୋଇ ଆସିଛି...)

—ମଞ୍ଚରେ ଆଲୋକ ଲିଭିଯାଇଛି—

ଷଷ୍ଠ ଦୃଶ୍ୟ

[ସ୍ଥାନ—ପାଟଳୀପୁତ୍ରର ରାଜପ୍ରାସାଦ-ସମୟ ରାଣୀ-ମୁରା ଓ ଚନ୍ଦ୍ରକେତୁ କଥାବାର୍ତ୍ତା ହେଉଥିଲେ···]

ମୁରା—କଣ କହିଲ ଚନ୍ଦ୍ରକେତୁ ? ଏହା ଗୁରୁଦେବଙ୍କର ଆଦେଶ ।

ଚନ୍ଦ୍ରକେତୁ—ହଁ ମା ! ମହାମନ୍ତ୍ରୀ ଚାଣକ୍ୟଙ୍କ ନିର୍ଦ୍ଦେଶରେ ସମଗ୍ର ପାଟଳୀପୁତ୍ର ଆଜି ଅନ୍ଧକାରାଚ୍ଛନ୍ନ ।

ମୁରା—କିନ୍ତୁ କାହିଁକି ? ପୁତ୍ର ମୋର ଆଜି ଦାକ୍ଷିଣାତ୍ୟ ଜୟକରି—ବିଜୟ ଉଲ୍ଲାସରେ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରୁଛି ଅଥଚ ପାଟଳୀପୁତ୍ର ଆଜି ହତଶ୍ରୀ, ବିବର୍ଣ୍ଣ—ସନ୍ଧ୍ୟାପରି ମ୍ଳାନ ପାଣ୍ଡୁର, ଶ୍ରୀହୀନ··· ଯାଅ ଚନ୍ଦ୍ରକେତୁ ! ଉତ୍ସବର ଆୟୋଜନ କର ।

ଚନ୍ଦ୍ରକେତୁ—କିନ୍ତୁ ମା, ଗୁରୁଦେବଙ୍କ ଆଦେଶକୁ ଅବମାନନା କରି···

ମୁରା—ଚନ୍ଦ୍ରକେତୁ···ମନେହୁଏ ଚାଣକ୍ୟ ତାଙ୍କର ପ୍ରିୟ ଶିଷ୍ୟର ବିଜୟରେ ଆଜି ଈର୍ଷାନ୍ୱିତ ହୋଇପଡିଛନ୍ତି···

ଚନ୍ଦ୍ରକେତୁ—ନା ମା···ନିଶ୍ଚୟ କିଛି ବିଶେଷ କାରଣ ଅଛି । ତା'ନହେଲେ ମହାନ କୁଟମାତିଙ୍କ ଚାଣକ୍ୟ ଏଭଳି ଆଦେଶ କେବେହେଲେ ଦେଇ ନ ଥାନ୍ତେ···

ମୁରା—ମୁଁ କିଛି ଶୁଣିବାକୁ ଚାହେଁନା···ଆଜିର ଏ ଉତ୍ସବ କେବେହେଲେ ବନ୍ଦ ହେବନି ଚନ୍ଦ୍ରକେତୁ । ଏଇ···ଏଇ ଶୁଣ ଚନ୍ଦ୍ରକେତୁ;

ଚାଲିଆସୁଛି ଅଦୂରରୁ ବାଦ୍ୟଧ୍ୱନି···ମୁଁ ଯାଏ-ଅନେକ ଦିନପରେ ପୁଅ ମୋର ଫେରି ଆସୁଛି ।

(ଅଦୂରରେ ବାଦ୍ୟଧ୍ୱନି—ଚନ୍ଦ୍ରକେତୁ ଚିନ୍ତାମଗ୍ନ ହୋଇପଡ଼ିଲେ କଣ କରିବେ ! ସ୍ଥିର କରିବା ପୂର୍ବରୁ ଆସିଛନ୍ତି ଚନ୍ଦ୍ରଗୁପ୍ତ, ତାଙ୍କୁ ଦେଖି···)

ଚନ୍ଦ୍ରକେତୁ—ଆସ ବନ୍ଧୁ ! ମୋର ଅଭିନନ୍ଦନ ଗ୍ରହଣ କର ।

ଚନ୍ଦ୍ରଗୁପ୍ତ—ଅଭିନନ୍ଦନ···ମୋର ଆଦେଶ ନିଶ୍ଚୟ ପାଇଥିବ ?

ଚନ୍ଦ୍ରକେତୁ—ପାଇଥିଲି···

ଚନ୍ଦ୍ରଗୁପ୍ତ—ତଥାପି ପାଟଳିପୁତ୍ର ଆଜି ଅନ୍ଧକାରାଚ୍ଛନ୍ନ···ମୋର ଆଦେଶ ପାଳିତ ହୋଇ ନାହିଁ କାହିଁକି ? ସମସ୍ତ ପାଟଳିପୁତ୍ର ଆଜି ଆଲୋକମାଳାର ବର୍ଣ୍ଣୋଜ୍ଜ୍ୱଳ ରୋଶଣୀରେ ଝଲକିତ ହେବାକୁ ମୁଁ ଆଦେଶ ଦେଇଥିଲିନା ?

ଚନ୍ଦ୍ରକେତୁ—ହଁ ବନ୍ଧୁ···

ଚନ୍ଦ୍ରଗୁପ୍ତ—ଉତ୍ସବର ଆୟୋଜନ କଲନି କାହିଁକି ? ମଗଧର ମହାରାଜା ଚନ୍ଦ୍ରଗୁପ୍ତଙ୍କୁ ଏଇ ସମ୍ବର୍ଦ୍ଧନା ଜଣାଇଲ ?

ଚନ୍ଦ୍ରକେତୁ—ମୁଁ ନିରୁପାୟ ବନ୍ଧୁ···ମହାମନ୍ତ୍ରୀ ଚାଣକ୍ୟଙ୍କ ନିର୍ଦ୍ଦେଶରେ···

ଚନ୍ଦ୍ରଗୁପ୍ତ – ଚନ୍ଦ୍ରକେତୁ ! ମଗଧର ମହାରାଜା ମୁଁ ନା ଚାଣକ୍ୟ ?

ଚନ୍ଦ୍ରକେତୁ—ତଥାପି···

ଚନ୍ଦ୍ରଗୁପ୍ତ—ମୁଁ ତୁମର ସଫେଇ ଚାହେଁନା ଚନ୍ଦ୍ରକେତୁ···ଗୋଟାଏ ସାମାନ୍ୟ ବ୍ରାହ୍ମଣର ନିର୍ଦ୍ଦେଶରେ ଏ ଦେଶର ଶାସନ ଚାଲିବ ?

ମୁଁ କଣ କେହି ନୁହେଁ ? ମୋର ଆଦେଶ କଣ ମୂଲ୍ୟହୀନ ?
ଯାଅ ଚନ୍ଦ୍ରକେତୁ, ଚାଣକ୍ୟଙ୍କୁ ସମ୍ବାଦ ଦିଅ···

ଚନ୍ଦ୍ରକେତୁ—ମହାମନ୍ତ୍ରୀ କହୁଥିଲେ···

ଚନ୍ଦ୍ରଗୁପ୍ତ—ମୁଁ ତାଙ୍କଠାରୁ ଶୁଣିବାକୁ ଚାହେଁ···ତୁମଠାରୁ ନୁହେଁ ।

ଚନ୍ଦ୍ରକେତୁ—କିନ୍ତୁ ବନ୍ଧୁ···

ଚନ୍ଦ୍ରଗୁପ୍ତ—ଚନ୍ଦ୍ରକେତୁ ! ଚନ୍ଦ୍ରଗୁପ୍ତ ତୁମର ବନ୍ଧୁ ସତ; କିନ୍ତୁ ମଗଧର ମହାରାଜା ଚନ୍ଦ୍ରଗୁପ୍ତଙ୍କର ଅବାଧ ହେବାର ଦୁଃସାହସ କଲେ···

(ଏହି ସମୟରେ ଆସିଛନ୍ତି ଚାଣକ୍ୟ)

ଚାଣକ୍ୟ—ମହାରାଜା ଚନ୍ଦ୍ରଗୁପ୍ତଙ୍କର ମୁଁ ମଙ୍ଗଳ କାମନା କରୁଛି···

ଚନ୍ଦ୍ରଗୁପ୍ତ—ମହାମନ୍ତ୍ରୀ···ମୋର ନଗର ପ୍ରବେଶ ଉପଲକ୍ଷେ ସମଗ୍ର ନଗରୀକୁ ଆଲୋକିତ କରିବାକୁ ମୁଁ ଆଦେଶ ଦେଇଥିଲି । ସେ ଆଦେଶ ପାଳିତ ହେଲାନି କାହିଁକି ?

ଚାଣକ୍ୟ—ମୁଁ ନିଷେଧ କରିଥିଲି । (ଶାନ୍ତ ସ୍ୱରରେ)

ଚନ୍ଦ୍ରଗୁପ୍ତ—କାହିଁକି ?

ଚାଣକ୍ୟ—ତୁମର ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ବାଧ୍ୟ ନୁହେଁ ।

ଚନ୍ଦ୍ରଗୁପ୍ତ—ମହାମନ୍ତ୍ରୀ ! ମୁଁ ଯେ ମଗଧର ମହାରାଜା ଏକଥା ଯେପରି ଆପଣଙ୍କର ମନେ ରହେ···

(ଚାଣକ୍ୟ କେବଳ ହସିଲେ—ସ୍ମିତହାସ୍ୟ)

ଏତେଦୂର ସ୍ପର୍ଦ୍ଧା—ମୋର ଆଦେଶକୁ ଅବମାନନା କରି ଆପଣ ଯେଉଁ ଗୁରୁତର ଅପରାଧ କରିଛନ୍ତି ମୁଁ ତାର ବିଚାର କରିବି···

ଚାଣକ୍ୟ—(ହସି) ଚନ୍ଦ୍ରଗୁପ୍ତ, ତୁମେ ଉତ୍ତେଜିତ, ଯାଅ ବିଶ୍ରାମ ନିଅ ସମୟ ଆସିଲେ ସବୁକଥା ଆପେ ଆପେ ଜାଣି ପାରିବ ।

(କିଛି ଗୁଳାପିବାକୁ ବସିଥିଲେ)

ଚନ୍ଦ୍ରଗୁପ୍ତ—ଅପେକ୍ଷା କରନ୍ତୁ ମହାମନ୍ତ୍ରୀ···ଏ ରାଜ୍ୟର ରାଜା ମୁଁ ନା ଆପଣ ?

ଚାଣକ୍ୟ – ତମେ ! ମହାରାଜା ଚନ୍ଦ୍ରଗୁପ୍ତ ।

ଚନ୍ଦ୍ରଗୁପ୍ତ—କାହିଁ ତା'ତ ଦେଖୁନି···ମୋର ଯେମିତି ମନେ ହେଉଛି ମୋ ରାଜ୍ୟରେ ମୁଁ ଜଣେ ସାମାନ୍ୟ ବନ୍ଦୀ···

ଚାଣକ୍ୟ – ଚନ୍ଦ୍ରଗୁପ୍ତ·····

ଚନ୍ଦ୍ରଗୁପ୍ତ—ହଁ ମହାମନ୍ତ୍ରୀ ଆପଣ ପାଟଳିପୁତ୍ରର ଆରାମରେ ରହି ରାଜସୁଖ ଉପଭୋଗ କରିବେ ଆଉ ମୁଁ ଦେଶଦେଶାନ୍ତରରୁ ତା ଆହରଣ କରି ଆପଣଙ୍କୁ ଯୋଗାଇଦେବି··· ମହାରାଜା-ଚନ୍ଦ୍ରଗୁପ୍ତ ମହାମନ୍ତ୍ରୀ ଚାଣକ୍ୟଙ୍କ ଆଦେଶକୁ ନତଶିରରେ ଗ୍ରହଣ କରିବ ଆଉ ଚନ୍ଦ୍ରଗୁପ୍ତର ଆଜ୍ଞାକୁ ଆପଣ ପଦାଘାତ କରିବେ···? ଏହାହିଁ ଯଦି ଆମର ସମ୍ପର୍କ ହୁଏ ତେବେ ମନେରଖ ମହାମନ୍ତ୍ରୀ—ମହାରାଜ ଚନ୍ଦ୍ରଗୁପ୍ତ ତୁମର ନିର୍ଦ୍ଦେଶରେ ଏ ଦେଶକୁ ଶାସନ କରି-ପାରେନା···ମହାମନ୍ତ୍ରୀ ହୋଇ ମହାରାଜା ହେବାର ଦୁଃସ୍ୱପ୍ନ କେବେହେଲେ ଦେଖିବନି ମହାମନ୍ତ୍ରୀ···

ଚାଣକ୍ୟ – (ଗମ୍ଭୀର କଣ୍ଠରେ) ଚାଣକ୍ୟ କେବେ ସ୍ୱପ୍ନ ଦେଖେନି ଚନ୍ଦ୍ରଗୁପ୍ତ·· ଜୀବନର ଚଲାପଥରେ ଅଭିଜ୍ଞତାର ଚାବୁକ୍ ଖାଇ ଖାଇ ଚାଣକ୍ୟର କଳାବାଳ ସବୁ ଧଳା ପଡ଼ିଯାଇଛି । ଚାଣକ୍ୟ କେବେ ଯାଚିହୋଇ

ଏ ତୁଚ୍ଛ ମନ୍ତ୍ରୀତ୍ୱ ଗ୍ରହଣ କରି ନଥିଲି···ଚନ୍ଦ୍ରଗୁପ୍ତ···ମୁଁ ଏଇ ମୁହୂର୍ତ୍ତରେ ମନ୍ତ୍ରୀପଦ ତ୍ୟାଗ କରିବାକୁ ପ୍ରସ୍ତୁତ ।

ଚନ୍ଦ୍ରଗୁପ୍ତ—ମୁଁ କିନ୍ତୁ ତା ପୂର୍ବରୁ କୈଫିୟତ୍ ଚାହେଁ···

ଚାଣକ୍ୟ—କୈଫିୟତ୍ ମୁଁ ଦେବିନି ଚନ୍ଦ୍ରଗୁପ୍ତ···

ଚନ୍ଦ୍ରଗୁପ୍ତ—ମହାମନ୍ତ୍ରୀ ! ସୈନ୍ୟଗଣ···ବନ୍ଦୀ କର···

(ସୈନ୍ୟଗଣ ବନ୍ଦୀ କରିବାକୁ ଅଗ୍ରସର ହେଲେ । ହସ୍ତ ସଙ୍କେତରେ ଚାଣକ୍ୟ ବାରଣ କଲେ···ସୈନ୍ୟମାନେ ଅଟକି ଗଲେ···)

ଚାଣକ୍ୟ—ଶୂଦ୍ରର ଏତେଦୂର ସ୍ପର୍ଦ୍ଧା···! ଏପର୍ଯ୍ୟନ୍ତ ହୋଇନି ମହାରାଜ ଚନ୍ଦ୍ରଗୁପ୍ତ···ମୁଁ ମନ୍ତ୍ରୀତ୍ୱ ତ୍ୟାଗ କଲି·····

(କହି ମନ୍ତ୍ରୀତ୍ୱର ପୋଷାକ ଖୋଲିଦେଲେ···)

ଚନ୍ଦ୍ରଗୁପ୍ତ—ମହାମନ୍ତ୍ରୀ···

ଚାଣକ୍ୟ—ତୁମେ ମୋଠାରୁ କୈଫିୟତ୍ ଚାହଁନା ଚନ୍ଦ୍ରଗୁପ୍ତ ? ତେବେ ଶୁଣ···ଚାଣକ୍ୟ ନିଶ୍ଚିତ ବିଳାସରେ ରାଜଧାନୀରେ ବସି ସ୍ୱପ୍ନ-ବିଭୋର ହୁଏନା ଚନ୍ଦ୍ରଗୁପ୍ତ···ସେ ଏଇଠି ବସି ଏକ ପ୍ରକାଣ୍ଡ ସାମ୍ରାଜ୍ୟର ଶାସନ କରେ—ଆଉ ଚାଣକ୍ୟର ରାଜଭୋଗ ! ଜାଣ ଚନ୍ଦ୍ରଗୁପ୍ତ, ଚାଣକ୍ୟ ଆହରଣ କରେ କେବଳ ଦୁଇମୁଷ୍ଟି ତଣ୍ଡୁଳ କଣିକା—ଶୟନ କରେ ଅଜିନ ଶଯ୍ୟାରେ । ରାଜ୍ୟ ଚିନ୍ତାରେ ନିସ୍ତବ୍ଧ ରଜନିର ତୃତୀୟ ପ୍ରହରରେ ଭାରାକ୍ରାନ୍ତ ମସ୍ତିଷ୍କ ନେଇ କୁଟୀର ପ୍ରାଙ୍ଗଣରେ ପଦଚାରଣ କରେ···ମୁଁ ଚାଲିଲି ଚନ୍ଦ୍ରଗୁପ୍ତ···କିନ୍ତୁ ଯିବା ପୂର୍ବରୁ କହିଯାଏଁ କାହିଁକି ଆଜିର ଅଭିନନ୍ଦନ ଉତ୍ସବ ନିଷେଧ କରିଥିଲି···ଭୂତପୂର୍ବ ମହାରାଜା

ନନ୍ଦଙ୍କର ମନ୍ତ୍ରୀ ବିଦ୍ରୋହର ଅଗ୍ନି ଜାଳି ଦେଇଛନ୍ତି···ଆଜ ବିଦ୍ରୋହୀମାନେ ଅଦ୍ୟବସନ୍ତରେ ଉତ୍ସବ ପାଳନ ସମୟରେ ନଗରୀ ଆକ୍ରମଣ କରିବେ ବୋଲି ସ୍ଥିର କରିଛନ୍ତି···

ଚନ୍ଦ୍ରଗୁପ୍ତ – ମହାମନ୍ତ୍ରୀ ।

ଚାଣକ୍ୟ—ହଁ ଚନ୍ଦ୍ରଗୁପ୍ତ···ତୁମର ଶୟନକକ୍ଷରେ ସୁଡ଼ଙ୍ଗ କାଟି ତୁମକୁ ହତ୍ୟା କରିବାକୁ କେତେକ ବିଶ୍ୱାସଘାତକ ବିଦ୍ରୋହୀ ଗୋପନରେ ଆତ୍ମଗୋପନ କରିଛନ୍ତି···ଆଜ ବିଜୟୀ ସେଲ୍ୟୁକସ୍ ସିନ୍ଧୁ ନଦୀ ପାର ହୋଇଛନ୍ତି···ଗୃହଅନ୍ତେ ପ୍ରବଳ ଶତ୍ରୁ···ବର୍ତ୍ତମାନ ଉତ୍ସବର ସମୟ ନୁହେଁ ଚନ୍ଦ୍ରଗୁପ୍ତ···ଆଉ ସେଇଥି ପାଇଁ ଏ ଉତ୍ସବ ବନ୍ଦ କରିବାକୁ ମୁଁ ନିର୍ଦ୍ଦେଶ ଦେଇଥିଲି—

ଚନ୍ଦ୍ରକେତୁ—(ପାଦତଳେ ପଡ଼ି) ମାର୍ଜ୍ଜନା କରନ୍ତୁ ଗୁରୁଦେବ···ଦୋଷ କ୍ଷମା କରନ୍ତୁ···

ଚାଣକ୍ୟ—କୈଫିୟତ ଦେଲା ପରେ ଚାଣକ୍ୟ ଆଉ ମନ୍ତ୍ରୀତ୍ୱ କରେନା ଚନ୍ଦ୍ରକେତୁ···(କହି ପ୍ରସ୍ଥାନ···)

ଚନ୍ଦ୍ରକେତୁ—ମହାମନ୍ତ୍ରୀଙ୍କୁ ଅନୁନୟ କରି ଫେରାଇଆଣ ବନ୍ଧୁ···

ଚନ୍ଦ୍ରଗୁପ୍ତ – କାହିଁକି ? ଯେଉଁଠି ଚାଣକ୍ୟ ନାହାଁନ୍ତି ସେଠି କଣ ରାଜ୍ୟଶାସନ ହୋଇପାରେନା··· ? ଏତେ ଅହଙ୍କାର—ଏତେ ଗର୍ବ···

ଚନ୍ଦ୍ରକେତୁ—ଗୁରୁଦେବ ଯାହା କରିଛନ୍ତି ତାହା ତୁମର ମଙ୍ଗଳ ପାଇଁ । ମଗଧର ଏଇ ରାଜସିଂହାସନ ପାଇଁ ତୁମେ କଣ ତାଙ୍କ ନିକଟରେ ଋଣୀ ନୁହଁ ?

ଚନ୍ଦ୍ରଗୁପ୍ତ—ଚନ୍ଦ୍ରକେତୁ ।

ଚନ୍ଦ୍ରକେତୁ – ମତେ କ୍ଷମା କରିବ ବନ୍ଧୁ—ଅପ୍ରିୟ ସତକଥା କହିବାର ଅଧିକାର କେବଳ ବନ୍ଧୁର ହିଁ ଥାଏ···

ଚନ୍ଦ୍ରଗୁପ୍ତ—ବନ୍ଧୁ । ସମାନ ସ୍ତରରେ ବନ୍ଧୁତ୍ୱ କରାଯାଏ ଚନ୍ଦ୍ରକେତୁ···

ଚନ୍ଦ୍ରକେତୁ—(ଅପମାନିତ ହୋଇ) ମୋର ଔଦ୍ଧତ୍ୟ ମାର୍ଜ୍ଜନା କରିବେ ମହାରାଜ···ମୁଁ ଆଉ କେବେ ମହାରାଜାଙ୍କ ସହିତ ବନ୍ଧୁତ୍ୱର ସ୍ପର୍ଦ୍ଧା କରିବିନି···ମୁଁ ଆସୁଛି ମହାରାଜ···କିନ୍ତୁ ଯିବା ପୂର୍ବରୁ ଗୋଟିଏ କଥା କହିଯାଉଛି···ଆଜି ସଂପଦର ପ୍ରାଚୁର୍ଯ୍ୟରେ ମହାରାଜ ମୋର ବନ୍ଧୁତ୍ୱକୁ ଉପେକ୍ଷା କରିଛନ୍ତି—କିନ୍ତୁ ବିପଦରେ ମୁଁ ଯେପରି ସେ ଅଧିକାରରୁ ବଞ୍ଚିତ ନହୁଏ—ଯଦି କେତେବେଳେ ମୋର ସାହାଯ୍ୟ ପ୍ରୟୋଜନ ମନେ କରନ୍ତି ତେବେ ରାଜଭକ୍ତ ବିଶ୍ୱସ୍ତ ବନ୍ଧୁ ଚନ୍ଦ୍ରକେତୁକୁ ସମ୍ବାଦ ପ୍ରେରଣ କରିବାରେ ଲଜ୍ଜାବୋଧ କରିବେନି···ଏହାହିଁ ମୋର ଅନୁରୋଧ···

(ଏହି ସମୟରେ ବାଗୁଳର କଟାମୁଣ୍ଡ ଧରି ସୈନିକର ପ୍ରବେଶ)

ସୈନିକ—ମହାରାଜ···ବିଦ୍ରୋହିମାନଙ୍କର ଦଳପତିର କଟାମୁଣ୍ଡ ନେଇ ଆସିଛି···

ଚନ୍ଦ୍ରଗୁପ୍ତ—ଦଳପତି ?

ସୈନିକ – ହଁ ମହାରାଜ···ଆପଣଙ୍କୁ ହତ୍ୟା କରିବା ନିମନ୍ତେ ଆପଣଙ୍କର ଶୟନ-କକ୍ଷରେ ସୁଡ଼ଙ୍ଗ କାଟି ପଚିଶ ଜଣ ଘାତକ ଅପେକ୍ଷା

କରିଥିଲେ; କିନ୍ତୁ ମହାମନ୍ତ୍ରୀ ଚାଣକ୍ୟଙ୍କ ନିର୍ଦ୍ଦେଶରେ ଆମେ ସେମାନଙ୍କୁ ହତ୍ୟା କରିଛୁ···

ଚନ୍ଦ୍ରଗୁପ୍ତ—(କଟାମୁଣ୍ଡକୁ ଦେଖି···) ଏଁ···ଏ ଯେ ବାଚ୍ଛଳ··· ଆଚ୍ଛା ତୁମେ ଯାଅ··(ସୈନିକର ପ୍ରସ୍ଥାନ···) ଆଶ୍ଚର୍ଯ୍ୟ···ବିଦ୍ରୋହିମାନଙ୍କର ନେତୃତ୍ୱ ନେଇଥିଲା ବାଚ୍ଛଳ···। (ଏହି ସମୟରେ ଅନ୍ୟ ଏକ ସୈନିକର ପ୍ରବେଶ··)

ସୈନିକ—ମହାରାଜାଙ୍କର ଜୟ ହେଉ···

ଚନ୍ଦ୍ରଗୁପ୍ତ—କି ସମ୍ବାଦ ସୈନିକ··· ?

ସୈନିକ—ବିଦ୍ରୋହିମାନେ ନଗର ଆକ୍ରମଣ କରିବାକୁ ଆସିଥିଲେ—କିନ୍ତୁ ସେମାନେ ଆମର ସୈନ୍ୟବାହିନୀ ନିକଟରେ ଆତ୍ମ ସମର୍ପଣ କରିଛନ୍ତି···

ଚନ୍ଦ୍ରଗୁପ୍ତ—କିନ୍ତୁ ସେମାନେ ଯେ ଆଜି ଆକ୍ରମଣ କରିବେ ଏକଥା ତୁମେମାନେ ଜାଣିଲ କିପରି ?

ସୈନିକ—ମହାମନ୍ତ୍ରୀ ଚାଣକ୍ୟଙ୍କ ନିର୍ଦ୍ଦେଶରେ ସମଗ୍ର ପାଟଳିପୁତ୍ରକୁ ସୈନ୍ୟବାହିନୀ ଗୋପନରେ ଜଗି ରହିଥିଲେ···

ଚନ୍ଦ୍ରଗୁପ୍ତ—ମହାମନ୍ତ୍ରୀ ଚାଣକ୍ୟ···ଗୁରୁଦେବ··ମୋର ଅପରାଧ ମାର୍ଜନା କରନ୍ତୁ ଗୁରୁଦେବ···ମତେ କ୍ଷମା କରନ୍ତୁ···(ମହାମନ୍ତ୍ରୀ ଚାଣକ୍ୟଙ୍କ ଉଦ୍ଦେଶ୍ୟରେ ନତଶିର ହୋଇ ପ୍ରଣାମ କଲେ···)

(ମଞ୍ଚର ଆଲୋକ ଲିଭିଗଲା)

———

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ସେଲ୍ୟୁକସଙ୍କ ଶିବିର—ସମୟ ରାତ୍ରି—ସେଲ୍ୟୁକସ ଓ କାତ୍ୟାୟନ ମନ୍ତ୍ରଣାରତ ଥିଲେ···]

ସେଲ୍ୟୁକସ—କିଛି ସମ୍ବାଦ ସଂଗ୍ରହ କରିଛ କାତ୍ୟାୟନ ?

କାତ୍ୟାୟନ—ହଁ ସମ୍ରାଟ—ଭାରତ ଆକ୍ରମଣ କରିବାର ଏଇ ହେଉଛି ସୁବର୍ଣ୍ଣ ସୁଯୋଗ···ସୁଯୋଗ ଜୀବନରେ ଦୁଇଥର ଆସେନା ସମ୍ରାଟ···

ସେଲ୍ୟୁକସ୍—ଚନ୍ଦ୍ରଗୁପ୍ତର ସୈନ୍ୟସଂଖ୍ୟା କେତେ ?

କାତ୍ୟାୟନ—ମାତ୍ର ଛଅ ଲକ୍ଷ···

ସେଲ୍ୟୁକସ—ଛଅ ଲକ୍ଷ···!

କାତ୍ୟାୟନ—ହଁ ସମ୍ରାଟ···ସେମାନେ ବର୍ତ୍ତମାନ ଚରମ ବିଶୃଙ୍ଖଳାର ସମ୍ମୁଖୀନ । ଚାଣକ୍ୟ ମନ୍ତ୍ରୀତ୍ୱ ପରିତ୍ୟାଗ କଲାପରେ ଚନ୍ଦ୍ରଗୁପ୍ତର ସୈନ୍ୟଶ୍ରେଣୀରେ ହତାଶର ପଦଧ୍ୱନି···ସୈନ୍ୟବାହିନୀର ମନବଳ ଭାଙ୍ଗିଯାଇଛି । ସେମାନେ ଶକ୍ତିହୀନ···ମତେ ବିଶ୍ୱାସ କରନ୍ତୁ ସମ୍ରାଟ—ଆକ୍ରମଣ କରିବାର ଅମୃତ ଲଗ୍ନରେ ଦ୍ୱିଧାବୋଧ କରନ୍ତୁନା ।

ସେଲ୍ୟୁକସ—କିନ୍ତୁ ମୋର ସୈନ୍ୟବଳ ଯେ ଚନ୍ଦ୍ରଗୁପ୍ତ ତୁଳନାରେ ଯଥେଷ୍ଟ କମ୍...ତାଛଡ଼ା ଯୁଦ୍ଧ କରି କରି ସେମାନେ କ୍ଳାନ୍ତ-ଶ୍ରାନ୍ତ...

କାତ୍ୟାୟନ—ଭୟ ନାହିଁ ସମ୍ରାଟ...ଭୂତପୂର୍ବ ମହାରାଜା ନନ୍ଦଙ୍କର ସମର୍ଥକମାନେ ଆପଣଙ୍କୁ ପ୍ରକାଶ୍ୟରେ ନହେଲେ ମଧ୍ୟ ଗୋପନରେ ସାହାଯ୍ୟ କରିବେ...ତାଛଡ଼ା ମଳୟରାଜ ଚନ୍ଦ୍ରକେତୁ ଅପମାନିତ ହୋଇ ନିଜ ରାଜ୍ୟକୁ ଫେରି ଯାଇଛି ଆଉ ମୋର ଯାହା ମନେହୁଏ ସେ ହୁଏତ ଆପଣଙ୍କୁ ତାର ପାର୍ବତ୍ୟ ବାହିନୀ ସହ ସାହାଯ୍ୟ କରିବ ।

ସେଲ୍ୟୁକସ୍—ଆଉ ଯଦି ସାହାଯ୍ୟ ନ କରେ ?

କାତ୍ୟାୟନ—ମଳୟରାଜ ଚନ୍ଦ୍ରକେତୁ ତା ଅପମାନର ପ୍ରତିଶୋଧ ନ ନେଇ ନିଶ୍ଚିନ୍ତ ମନରେ ରହି ପାରିବନି ସମ୍ରାଟ...ସେ ନିଶ୍ଚୟ ଆପଣଙ୍କୁ ସାହାଯ୍ୟ କରିବ ।

(ଏହି ସମୟରେ ଆସିଛନ୍ତି ହେଲେନ୍...)

ହେଲେନ—ଏ ଦୁନିଆରେ ସମସ୍ତେ ତୁମଭଳି ବିଶ୍ୱାସଘାତକ ନୁହନ୍ତି ବ୍ରାହ୍ମଣ ।

ସେଲ୍ୟୁକସ—ତୁ ଏଠାରେ ଏ ଅସମୟରେ କାହିଁକି ମା ?

ହେଲେନ— ଏଇ ବିଶ୍ୱାସଘାତକ ଦେଶଦ୍ରୋହୀ ବ୍ରାହ୍ମଣର କଣ୍ଠସ୍ୱର ଶୁଣି ଚାଲି ଆସିଲି ବାବା...ମୋର ମନେହୁଏ ଏଇ ବ୍ରାହ୍ମଣ ଆପଣଙ୍କୁ କୁପରାମର୍ଶ ଦେଇ ଚାଲିଛି...ଗ୍ରୀକ୍ ବାହିନୀର ଧ୍ୱଂସ ସାଧନ ହୁଏତ ତାର ଲକ୍ଷ୍ୟ ।

ସେଲ୍ୟୁକସ—ନା, ମା – ସେ ଆମର ପରମ ହିତୈଷୀ···

ହେଲେନ—ହିତୈଷୀ ! ଯେ ନିଜ ଅନ୍ନଦାତା ରାଜାର ବିରୁଦ୍ଧରେ ଷଡ଼ଯନ୍ତ୍ର କରି ଗୋଟିଏ ଜାତିକୁ ଧ୍ୱଂସ ମୁଖକୁ ଠେଲି ଦେଇ-ପାରେ, ଯେ ନିଜର ଜନ୍ମଭୂମିକୁ ପରିତ୍ୟାଗ କରି ଜଣେ ଅପରିଚିତ ବିଦେଶୀ ଶାସକର ବାହୁଛତ୍ରଛାୟାତଳେ ଆଶ୍ରୟ ଭିକ୍ଷା କରେ, ଯେ ଶାନ୍ତିର କପୋତକୁ ତିଳତିଳ କରି ହତ୍ୟା କରି ରକ୍ତ ତାଣ୍ଡବର ବିଭିଷିକା ସୃଷ୍ଟି କରେ ସେ ଆପଣଙ୍କର ହିତୈଷୀ ?

କାତ୍ୟାୟନ – ରାଜକନ୍ୟା – ତୁମେ ଏବେ ମଧ୍ୟ ଶିଶୁ—ଯାଅ, ବିଦ୍ୟାଭ୍ୟାସରେ ମନ ନିବେଶ କର···

ହେଲେନ – ମୁଁ ଶିଶୁ ହୋଇପାରେ – ନାରୀ ହୋଇପାରେ···କିନ୍ତୁ ତୁମଭଳି ରକ୍ତପିପାସୁ ନୁହେଁ··· ଯାଅ ବ୍ରାହ୍ମଣ···ମୋ ସମ୍ମୁଖରୁ ଦୂର ହୋଇଯାଅ ··· ତୁମ ନିକଟରେ ସଂସ୍କୃତ ଶିକ୍ଷା କରି ତୁମକୁ ଗୁରୁର ସମ୍ମାନ ଦେଇ ମୁଁ ଯେଉଁ ଭୁଲ କରିଛି ସେଥିପାଇଁ ମତେ ଦିନେ ନା ଦିନେ ପ୍ରାୟଶ୍ଚିତ କରିବାକୁ ପଡ଼ିବ ।
(କାତ୍ୟାୟନ ଅପମାନିତ ତଥା ଲଜ୍ଜିତ ହୋଇ ଚାଲିଗଲେ । ଚିନ୍ତିତ ହୋଇ ପଡ଼ିଲେ ସେଲ୍ୟୁକସ···)

କାତ୍ୟାୟନ – (ଯିବାପୂର୍ବରୁ) ମୁଁ ଆସୁଛି ସମ୍ରାଟ···ବ୍ରାହ୍ମଣକୁ ଅପମାନ ଦେବାର ପ୍ରତିଫଳ ଆପଣ ନିଶ୍ଚୟ ଭୋଗ କରିବେ ସମ୍ରାଟ ।

(କହି ଚାଲିଗଲେ)

ସେଲ୍ୟୁକସ—ହେଲେନ୍...କାତ୍ୟାୟନ ବୃଦ୍ଧ ବ୍ରାହ୍ମଣ । ସେ ତେଜସ୍ୱୀ ଆଉ କୂଟନୀତି ବିଶାରଦ । ତାଙ୍କୁ ଏଭଳି ଭାବେ ଅପମାନିତ କରିବା ତୋ ପକ୍ଷରେ ଉଚିତ ହୋଇନି ମା...

ହେଲେନ—ଅପମାନକୁ ଯେ ଆପେ ଆପେ ବରଣ କରିନିଏ ତାକୁ ଅପମାନିତ କରିବାର କିଛି ମାନେ ହୁଏନା ବାବା...

ସେଲ୍ୟୁ—ତଥାପି ତୁ ଅନ୍ୟାୟ କରିଛୁ । ଯା—କାତ୍ୟାୟନଙ୍କ ନିକଟରେ କ୍ଷମା ମାଗିନେ...ଯେତେହେଲେ ସେ ତୋଠାରୁ ବୟସରେ ବଡ଼—ପିତୃପ୍ରତିମ...

ହେଲେନ—(ରାଗିଯାଇଛି) ଗ୍ରୀକ୍ ରମଣୀ ଅନ୍ୟାୟ ଭାବେ କେବେ କାହା ନିକଟରେ କ୍ଷମା ଭିକ୍ଷା କରେନି ବାବା...

ସେଲ୍ୟୁ—(ସେ ମଧ୍ୟ ରାଗିଉଠିଲେ) ହେଲେନ୍—ଗ୍ରୀକ୍ କନ୍ୟା କେବେହେଲେ ଗ୍ରୀସ୍‌ର ଗୌରବ ନଷ୍ଟ କରିବାକୁ ଦିଏନା... ଜାତିର ମହାନ୍ ପରମ୍ପରାକୁ କଳଙ୍କିତ କରିବାକୁ ଚାହେଁନା...

ହେଲେନ—ଗୌରବର ଅର୍ଥ ବିଶୃଙ୍ଖଳା ନୁହେଁ...ଅତ୍ୟାଚାର ନୁହେଁ... ଗ୍ରୀସ୍‌ର ଗୌରବ, ସମଗ୍ର ଇଉରୋପରେ ସଭ୍ୟତାର ଆଲୋକ ବିକିରଣ କରିବାରେ...ଗ୍ରୀସ୍ ଆଉ ଭାରତର ବନ୍ଧୁତା ବିଶ୍ୱରେ ଆଣିଦେବ ଚିରନ୍ତନ ଶାନ୍ତି...କିନ୍ତୁ ସେମାନଙ୍କର ସଂଘାତରେ ସୃଷ୍ଟି ହେବ ମହାପ୍ରଳୟର ତାଣ୍ଡବଲୀଳା...

ସେଲ୍ୟୁକସ୍—ହେଲେନ୍ !

ହେଲେନ—ମୁଁ ଜାଣେ ବାବା, ଆପଣ ମୋ ଉପରେ ଭୀଷଣ ଭାବରେ ଅସନ୍ତୁଷ୍ଟ...ଆପଣଙ୍କର ଯୁଦ୍ଧଯାତ୍ରା ପଥରେ ମୁଁ ବାରମ୍ବାର

ବାଧା ସୃଷ୍ଟି କରୁଛି···ତଥାପି ସେଇ ବିଶ୍ୱାସଘାତକ ବ୍ରାହ୍ମଣ ବିଶ୍ୱାସ କରି ଆପଣ ଯେଉଁ ଭୁଲ କରିଛନ୍ତି, ସେଥିପାଇଁ ଆପଣଙ୍କୁ ଦିନେ ନା ଦିନେ ଅନୁତାପ କରିବାକୁ ପଡ଼ିବ !

ସେଲ୍ୟୁକସ୍—(ଅତ୍ୟନ୍ତ ରାଗାନ୍ୱିତ ହୋଇ) ସେ ଦୁର୍ଦ୍ଦିନକୁ ମୁଁ ଅପେକ୍ଷା କରିବି ଆଉ ଦେଖିବି ସେ ଦୁର୍ଦ୍ଦିନ ମୋ ଜୀବନରେ ଆସୁଚି କି ନା ।

ହେଲେନ—ମୋର ଶ୍ରେଷ୍ଠ କଥା ମାନନ୍ତୁ ବାବା ।

ସେଲ୍ୟୁ—ହେଲେନ···ତୋ ନିର୍ଦ୍ଦେଶ ମାନି ସମ୍ରାଟ ସେଲ୍ୟୁକସ ତା ଯୁଦ୍ଧ ଯାତ୍ରାର ଗତିପଥ ନିର୍ଦ୍ଧାରଣ କରିପାରେନା···ଏ ଯୁଦ୍ଧ ଅନିବାର୍ଯ୍ୟ···ସମ୍ରାଟ ସେଲ୍ୟୁକସର ନିଷ୍ଠୁର ତାର ପ୍ରତିଜ୍ଞା ପୂରଣ କରିବ···ଯା···ଭିତରକୁ ଯା ।

(ହେଲେନ୍ ବାଧ୍ୟଶିଶୁଭଳି ଭିତରକୁ ଚାଲିଗଲେ···ତାଙ୍କ ଯିବା ପଥକୁ ଚାହିଁ ରହିଥିଲେ ସେଲ୍ୟୁକସର ।)

(ମଞ୍ଚର ଆଲୋକ ନିର୍ବାପିତ ହେଲା ।)

ଦ୍ୱିତୀୟ ଦୃଶ୍ୟ

[ଚନ୍ଦ୍ରଗୁପ୍ତଙ୍କର ପ୍ରାସାଦ—ସମୟ ରାତ୍ରି—ଚନ୍ଦ୍ରଗୁପ୍ତ ଏକାକୀ ।]

ଚନ୍ଦ୍ରଗୁପ୍ତ—ଶେଷରେ ମୋର ପ୍ରଜା—ମୋର ସୈନ୍ୟ ମୋ ବିରୁଦ୍ଧରେ ଅସି ଉତ୍ତୋଳନ କଲେ···ଘରେ, ବାହାରେ, ଚତୁର୍ଦ୍ଦିଗରେ ଆଜି ମୁଁ ଶତ୍ରୁ ପରିବେଷ୍ଟିତ···ମୁଁ ଆଜି ଅସହାୟ—ଏକାକୀ ···ମୋ ଗୌରବର ଶେଷ ସୂର୍ଯ୍ୟରଶ୍ମୀ ଆଉ ଟିକିଏ ପରେ ହୁଏତ ଲିଭିଯିବ···ତାପରେ···ନା, ନା ସେଥିପାଇଁ ମୁଁ ଦାୟୀ ···ମୋର ପ୍ରାଣର ବନ୍ଧୁ ଚନ୍ଦ୍ରକେତୁକୁ ଅନେକ ଆଘାତ ଦେଇ ମୁଁ ନିର୍ବାସିତ କରିଛି—ବଡ଼ ଅଭିମାନରେ ସେ ମତେ ଛାଡ଼ି ଚାଲିଗଲା···ବିଦାୟ ଲଗ୍ନରେ ତାର ସେ ଲୁହ ଛଳ ଛଳ ଆଖି ଆଜି କ ମୋର ମନେପଡୁଛି···ସେ ମତେ ଯେମିତି କହିଗଲା—"ବନ୍ଧୁ ତୁମେ ଏତେ ଅକୃତଜ୍ଞ···ତୁମକୁ ଆଶ୍ରୟ ଦେଇଥିଲି—ସମ୍ମାନ ଦେଇଥିଲି—ଆଉ ତୁମ ପାଇଁ ନିଜ ଜୀବନକୁ ବାଜି ଲଗାଇ ଯୁଦ୍ଧ ଭୂମିରେ ରକ୍ତାକ୍ତ ହୋଇଥିଲି—ଏଇ କଣ ତାର ପୁରସ୍କାର"···(ଦୀର୍ଘ ନିଃଶ୍ୱାସ ବାହାରି ଆସିଲା)

ଚନ୍ଦ୍ରକେତୁ—ମତେ କ୍ଷମା କରିବ ବନ୍ଧୁ···ତୁମ ଦାନର, ତୁମ ସ୍ନେହର ପ୍ରତିଦାନ ମୁଁ ଦେଇ ପାରିଲିନି···ମୁଁ ଆଜି ଲଜ୍ଜିତ —ଅନୁତପ୍ତ···ଯାଉ···ଏ ସାମ୍ରାଜ୍ୟ ଧ୍ୱଂସ ହୋଇଯାଉ···ମୁଁ

ଆଜ ଯୁଦ୍ଧ କର ପାରବନ···ମୋ ନଜର କୃତକର୍ମ ପାଇଁ ମୁଁ ମୋ ନଜ ଉପରେ ପ୍ରତିଶୋଧ ନେବ ।

(ଏହ ସମୟରେ ଜଣେ ସୈନିକର ପ୍ରବେଶ—ଅଭିବାଦନ କର)

ଚନ୍ଦ୍ରଗୁପ୍ତ—କ ସମ୍ବାଦ ସୈନିକ ?

ସୈନିକ—ମହାରାଜ—ଦୁର୍ଗର ଦକ୍ଷିଣ ପ୍ରାଚୀର ଭାଙ୍ଗି ଶତ୍ରୁ ସୈନ୍ୟ ଦୁର୍ଗ ମଧ୍ୟରେ ପ୍ରବେଶ କରିଛନ୍ତି ।

ଚନ୍ଦ୍ରଗୁପ୍ତ—ଯାଉ···ସବୁ ଧ୍ୱଂସ ହୋଇଯାଉ···ଧ୍ୱଂସର ସେ ନର୍ଗମ ପଦଧ୍ୱନି ମୁଁ ଅନେକ ଆଗରୁ ଶୁଣିସାରିଛି ।

ସୈନିକ—ମହାରାଜ !

ଚନ୍ଦ୍ରଗୁପ୍ତ—ଯାଅ—ମୋ ସମ୍ମୁଖରୁ ଚାଲିଯାଅ ।

(ସୈନିକ ନରବରେ ଚାଲିଗଲେ ।)

ଆଜ ମନ୍ତ୍ରଣା ଦେବାକୁ ମହାମନ୍ତ୍ରୀ ଚାଣକ୍ୟ ନାହାନ୍ତି—ଶକ୍ତି ଦେବାକୁ ପ୍ରାଣର ବନ୍ଧୁ ଚନ୍ଦ୍ରକେତୁ ନାହିଁ—ଆଉ ଏଇ ଏକଲା ଜୀବନର ଅନ୍ତର୍ଦାହ ନେଇ ଏକ ପ୍ରକାଣ୍ଡ ଝଡ଼କୁ ମୁକାବଲା କରବାର ସମସ୍ତ ସାହାସ ମୁଁ ଆଜ ହରାଇ ବସିଛି···ଯାଉ···ସବୁ ଶେଷ ପାଇ ଯାଉ···ଜଳିପୋଡ଼ି ଛାରଖାର ହୋଇଯାଉ ।

(ଏହ ସମୟରେ ତୂର୍ଯ୍ୟନାଦ ହେଉଛି—ବାଜଉଠିଛି ରଣଦୁନ୍ଦୁଭି ···ଭୀଷଣ କୋଳାହଳ ।)

ଚନ୍ଦ୍ରଗୁପ୍ତ—ଏ କଣ ? ଏପେ ତୂର୍ଯ୍ୟନାଦ···ରଣ ଦୁନ୍ଦୁଭିର ଆହ୍ୱାନ··· ନା,ନା ମୁଁ ଯୁଦ୍ଧ କରବ···ମଗଧର ମହାରାଜା ଚନ୍ଦ୍ରଗୁପ୍ତ ଏବେ

ମଧ୍ୟ ଜୀବନ···ତାର କୋଷବନ୍ଧ ତରବାରୀ ଏବେ ମଧ୍ୟ ତୃଷାର୍ତ୍ତ ···ମୋ ଦେହରେ ବିନ୍ଦୁଏ ରକ୍ତ ଥିବାଯାଏ···

(ଆସିଛନ୍ତି ମୁରା···)

ମୁରା—କଣ ହେଲା ଚନ୍ଦ୍ରଗୁପ୍ତ ।

ଚନ୍ଦ୍ରଗୁପ୍ତ—ମା···ମତେ ଆଶୀର୍ବାଦ ଦିଅ· ମା···ମତେ ହସି ହସି ବିଦାୟ ଦିଅ ।

ମୁରା—(କିଛି ବୁଝି ନପାରେ) କଣ ହୋଇଛି ବତ୍ସ ।

ଚନ୍ଦ୍ରଗୁପ୍ତ—ଶୁଣି ପାରୁନ ମା···ଅଦୂରରେ ଶତ୍ରୁ କଣ୍ଠରେ ରଣ ହୁଙ୍କାର ···ଶତ୍ରୁ ସେନାମାନେ ଦୁର୍ଗର ଦକ୍ଷିଣ ଦ୍ୱାର ଭାଙ୍ଗି ନଗର ମଧ୍ୟରେ ପ୍ରବେଶ କରିଛନ୍ତି···କିନ୍ତୁ ମା ତୁମର ପୁଅ ବଞ୍ଚି ଥାଉ ଥାଉ ମଗଧର ପତନ ଅସମ୍ଭବ···ମୁଁ ଗୋଟାଏ କାପୁରୁଷ ପରି ବଞ୍ଚିବାକୁ ଚାହେଁନା···ଯଦି ମରିବି ତେବେ ସେଇ ରଣାଙ୍ଗନରେ···ସେଇ କ୍ଷେତ୍ରଖଣ୍ଡିତ ମୁକ୍ତ ଆକାଶ ତଳେ ଜନନୀ ଜନ୍ମଭୂମି ପାଇଁ ହସି ହସି ପ୍ରାଣବଳି ଦେବି···ମତେ ବିଦାୟ ଦିଅ ମା ।

ମୁରା— ଯାଅ ବତ୍ସ···ଜନନୀ ଜନ୍ମଭୂମିର ରକ୍ଷା ପାଇଁ ତୁ ଯଦି ଯୁଦ୍ଧ ଭୂମିରେ ଆତ୍ମବଳି ଦେଉ, ତାହାହେଲେ ସେଇ ହେବ ମୋର ଚରମ ଗୌରବ···ମୋର ମାତୃ ଜୀବନର ସର୍ବଶ୍ରେଷ୍ଠ ସାର୍ଥକତା···ମୁଁ ଆଶୀର୍ବାଦ କରୁଛି ବତ୍ସ ! ତୁ ବିଜୟୀ ହୁଅ ।

(ଏହି ସମୟରେ ଅନ୍ତରାଳରୁ ଶୁଭିଲା—"ଜୟ ମହାରାଜା ଚନ୍ଦ୍ରଗୁପ୍ତଙ୍କର ଜୟ···)

ଚନ୍ଦ୍ରଗୁପ୍ତ—ଏ କଣ ? କାହାର ଏ କଣ୍ଠସ୍ୱର···ଏ ଯେ ମୋର ଅତି ପରିଚିତ ···ତେବେ କଣ···

(ଆସିଛନ୍ତି ଚନ୍ଦ୍ରକେତୁ—ଦେହସାରା ରକ୍ତାକ୍ତ···ପଛେ ପଛେ ଚାଣକ୍ୟ ।)

ଚନ୍ଦ୍ରଗୁପ୍ତ—ଚନ୍ଦ୍ରକେତୁ···ଗୁରୁଦେବ···ଆପଣ ଆସିଛନ୍ତି ଗୁରୁଦେବ—ମତେ କ୍ଷମା କରନ୍ତୁ ଗୁରୁଦେବ—ମତେ କ୍ଷମା କରନ୍ତୁ···

ଚନ୍ଦ୍ରକେତୁ···ବନ୍ଧୁ ମୋର···ମତେ କଣ ତୁମେ କ୍ଷମା କରିବନି ।

ଚନ୍ଦ୍ରକେତୁ—ଆଉ ଭୟ ନାହିଁ ବନ୍ଧୁ···ଗୁରୁଦେବଙ୍କର ପାଦ ଧରି ମିନତି କରି ମୁଁ ତାଙ୍କୁ ନେଇ ଆସିଛି ।

ଚନ୍ଦ୍ରକେତୁ—ଗୁରୁଦେବ···

(ଚାଣକ୍ୟଙ୍କର ପାଦ ସ୍ପର୍ଶ କଲେ···)

ଚାଣକ୍ୟ—ଉଠ ଚନ୍ଦ୍ରଗୁପ୍ତ—ଚାଣକ୍ୟ ସବୁ କରିପାରେ···ମୁଁ ପୁଣିଥରେ ତୁମର ମନ୍ତ୍ରୀତ୍ୱ ସ୍ୱୀକାର କଲି···ଉଠ···ଏଇ ମୂହୂର୍ତ୍ତରେ ଅଗ୍ରସର ହୁଅ···ଚାଣକ୍ୟର ବ୍ୟୁହ ଭେଦ କରିବାକୁ ବର୍ବର ଗ୍ରୀକ୍ ବାହିନୀକୁ ଗୋଟାଏ ଯୁଗ ଲାଗିଯିବ···ଶତ୍ରୁ ବାହିନୀକୁ ତିନିଦିଗରୁ ଆକ୍ରମଣ କରି ଧରାପୃଷ୍ଠରୁ ସେମାନଙ୍କର ଶେଷସତ୍ତା ନିଶ୍ଚିହ୍ନ କରିଦିଅ ।

ଚନ୍ଦ୍ରଗୁପ୍ତ—ଗୁରୁଦେବ ।

ଚାଣକ୍ୟ—ଯାଅ ଚନ୍ଦ୍ରଗୁପ୍ତ—

(ଭାସିଆସିଲା "ମହାରାଜା ଚନ୍ଦ୍ରଗୁପ୍ତଙ୍କର ଜୟ")

ଚନ୍ଦ୍ରକେତୁ—ଆସ ବନ୍ଧୁ···ଆଜିର ଏଇ ଚରମ ଦୁର୍ଦ୍ଦିନରେ ପୁଣି ଥରେ କାନ୍ଧରେ କାନ୍ଧମିଳାଇ ଦୃଢ଼ପଦରେ ଠିଆହେବା···ଏଇ ଯୁଗ୍ମ ବକ୍ଷଉପରେ ଯଦି ମେଘାସନ ବି ଭାଙ୍ଗି ପଡ଼େ ତେବେ ସେ ମଧ୍ୟ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବ ।

ଚନ୍ଦ୍ରଗୁପ୍ତ—ଭାଇ··(କହି ଚନ୍ଦ୍ରକେତୁଙ୍କୁ ଆଲିଙ୍ଗନ କଲେ—ହସୁଥିଲେ ଚାଣକ୍ୟ···ଭାସିଆସୁଥିଲା "ମହାରାଜ ଚନ୍ଦ୍ରଗୁପ୍ତଙ୍କର ଜୟକାର)

—ମଞ୍ଚ ଅନ୍ଧକାର—

ଉପସଂହାର

[ମଗଧର ରାଜପ୍ରାସାଦ···ମୁରା ଅସ୍ଥିର ଭାବରେ ପଦଚାରଣ କରୁଥିଲେ—ଦୂରରୁ ଭାସିଆସୁଥିଲା ମହାରାଜା ଚନ୍ଦ୍ରଗୁପ୍ତଙ୍କର ଜୟ ଜୟକାର । ଚନ୍ଦ୍ରଗୁପ୍ତଙ୍କର ପ୍ରତ୍ୟାବର୍ତ୍ତନକୁ ହୁଏତ ଅପେକ୍ଷା କରିଥିଲେ ମୁରା ।]

ମୁରା—ଦୁର୍ଦ୍ଧର୍ଷ ଗ୍ରୀକ୍‌ବାହିନୀକୁ ପରାଜିତ କରି ମୋର ପୁଅ ନିଶ୍ଚୟ ବିଜୟ ଉଲ୍ଲାସରେ ଫେରି ଆସୁଛି···ବିଶ୍ୱବିଜୟୀ ପୁଅମୋର ।

(ଆସିଲେ ଚନ୍ଦ୍ରଗୁପ୍ତ—କ୍ଳାନ୍ତ-ଅବଶ ଆଉ ବିବର୍ଣ୍ଣ ମୁଖମଣ୍ଡଳ···ତାଙ୍କୁ ସେଭଳି ଅବସ୍ଥାରେ ଦେଖି···) କଣହେଲା ଚନ୍ଦ୍ରଗୁପ୍ତ ? ଯୁଦ୍ଧରେ କଣ···?

ଚନ୍ଦ୍ରଗୁପ୍ତ—ନା, ମା, ତୁମର ଆଶୀର୍ବାଦରେ ମୁଁ ଗ୍ରୀକ୍‌ବାହିନୀକୁ ପରାଜିତ କରିଛି—ଗ୍ରୀକ୍‌ସମ୍ରାଟ ସେଲ୍ୟୁକସ୍ ଆଉ ତାଙ୍କର କନ୍ୟା ହେଲେନ୍‌ଙ୍କୁ ବନ୍ଦୀ କରିଛି···କିନ୍ତୁ···(କହିପାରିଲେନି ।)

ମୁରା—କଣ ହେଲା ବତ୍ସ ! ତୋ ମୁହମଣ୍ଡଳରେ ମୁଁ ଯେ ବେଦନାର ଏକ ସ୍ପଷ୍ଟ ପ୍ରତିଫଳନ ଦେଖିପାରୁଛି ।

ଚନ୍ଦ୍ରଗୁପ୍ତ—ଚନ୍ଦ୍ରକେତୁ ।

ମୁରା—ଚନ୍ଦ୍ରକେତୁ ?

ଚନ୍ଦ୍ରଗୁପ୍ତ—ହଁ ମା ମୋର ପ୍ରାଣ ପ୍ରିୟ ଭାଇ ଚନ୍ଦ୍ରକେତୁ ଆଉ ନାହିଁ ମା ।

ମୁରା—ଚନ୍ଦ୍ରଗୁପ୍ତ ।

ଚନ୍ଦ୍ରଗୁପ୍ତ—ଯୁଦ୍ଧଭୂମିରେ ମୋର ଜୀବନକୁ ବଞ୍ଚାଇବାକୁ ଯାଇ ସେ ହସି ହସି ଆତ୍ମୋତ୍ସର୍ଗ କରିଛି ।

ମୁରା—ହେ ଭଗବାନ···ତା ଆତ୍ମାର ସଦ୍‌ଗତି ହେଉ···

ଚନ୍ଦ୍ରଗୁପ୍ତ—ତାର ସେ କରୁଣ ମୃତ୍ୟୁ ପାଇଁ ମୁଁ ଦାୟୀ ମା···ତା ଭଳି ବନ୍ଧୁ ଆଉ ଏ ଜୀବନରେ ମିଳିବେନି···ତାର ଶେଷ କଥା କେଇପଦ ମୁଁ ଏବେ ବି ଭୁଲି ପାରୁନି ମା···ତାର ଶେଷ ଅନୁରୋଧ···

ମୁରା—କହ ବତ୍ସ···କଣ ଥିଲା ତାର ଶେଷ ଅନୁରୋଧ···

ଚନ୍ଦ୍ରଗୁପ୍ତ—ମଳୟ ରାଜକନ୍ୟା ଛାୟା ହେବ ତୁମର ପୁତ୍ରବଧୂ ।

ମୁରା—ଧନ୍ୟ ଚନ୍ଦ୍ରକେତୁ···ଧନ୍ୟ ତୋର ବନ୍ଧୁତା···ତାର ଶେଷ ଇଚ୍ଛା ନିଶ୍ଚୟ ପୂରଣ ହେବ ଚନ୍ଦ୍ରଗୁପ୍ତ···ଛାୟା ହେବ ମୋର ପୁତ୍ରବଧୂ··· ଭାରତର ସାମ୍ରାଜ୍ଞୀ । ଯାଅ ବତ୍ସ, ଆଜିର ବିଜୟପୁରେ ଉତ୍ସବ କର···ଆନନ୍ଦ କର···।

ଚନ୍ଦ୍ରଗୁପ୍ତ—କିନ୍ତୁ ମା, ଛାୟା ଯେତେବେଳେ ତା ଭାଇର ଏ କରୁଣ ମୃତ୍ୟୁ ସମ୍ବାଦ ଶୁଣିବ, ସେତେବେଳେ···

ମୁରା—ତୁ ଯା ଚନ୍ଦ୍ରଗୁପ୍ତ···ମହାମନ୍ତ୍ରୀ ଚାଣକ୍ୟ ବୋଧହୁଏ ତୋର ପ୍ରତୀକ୍ଷା କରୁଥିବେ···ଉତ୍ସବର ଅମୃତ ଲଗ୍ନରେ ଏ ଦାରୁଣ ଦୁଃସମ୍ବାଦ ଯେପରି ବାହାରେ ପ୍ରକାଶ ନ ପାଏ···

(ଚାଲିଗଲେ ଚନ୍ଦ୍ରଗୁପ୍ତ···ତାପରେ ଡାକିଲେ ମୁରା)

ମୁରା—ଗ୍ଲୁସ୍ନା···ଗ୍ଲୁସ୍ନା···

(ଅନ୍ତରାଳରୁ—ଯାଉଛି ମା···କିହ୍ନ ଆସିଲେ ଗ୍ଲୁସ୍ନା)

ଗ୍ଲୁସ୍ନା—ମତେ ଡାକଲେ ମା ?

ମୁରା—ଆ ମା···ମୋର ଗୋଟିଏ ଅନୁରୋଧ ରଖିବୁ ?

ଗ୍ଲୁସ୍ନା—କେବେ କଣ ତୁମର ଅବାଧ ହୋଇଛି ମା ? ତୁମକୁ କଣ ମା'ର ସମ୍ମାନ ଦେଇନି···? ପିଲାଦିନରୁ ମୁଁ ପିତୃମାତୃଶୂନ୍ୟା···କିନ୍ତୁ ତୁମ ପାଖରୁ ମୁଁ ପାଇଛି ମା'ର ମମତା—ଆଦେଶ କର ମା, ମୋର ଜୀବନ ବିନିମୟରେ ବି ମୁଁ ନିଶ୍ଚୟ ତୁମର ଇଚ୍ଛା ପୂରଣ କରିବି···

ମୁରା—ମୁଁ ଜାଣେ ମା···ତୁ ମୋର ଅବାଧ ହେବୁନି···ମୋର ଅନେକ ଦିନର ଆଶା ଥିଲା, ତୁ ହେବୁ ମୋର ପୁତ୍ରବଧୂ···ସାରା ଭାରତର ରାଜରାଜେଶ୍ୱରୀ । କହ ମା, ମୋର ଏଇ ଅନୁରୋଧ···

ଗ୍ଲୁସ୍ନା—ମା···ଏତେବଡ଼ ସୌଭାଗ୍ୟ କଣ ମୋର ହୋଇପାରିବ ?

ମୁରା—(ହସି) ମୁଁ କଲ୍ୟାଣ କରୁଛି ମା···ଚନ୍ଦ୍ରଗୁପ୍ତ ସହିତ ତୋର ଜୀବନ ମଧୁମୟ ହେଉ···(ଗ୍ଲୁସ୍ନା ଆନନ୍ଦାତିଶଯ୍ୟରେ ମୁରାଙ୍କର ପାଦ ସ୍ପର୍ଶ କଲେ) (ଏହି ସମୟରେ ଆସିଛନ୍ତି ଚାଣକ୍ୟ)

ଚାଣକ୍ୟ—(ମୁରାଙ୍କର ଉଦ୍ଦେଶ୍ୟ ଜାଣିପାରି) ମୁରା···

ମୁରା—ଗୁରୁଦେବ ଆପଣ । ବିଜୟ ଉତ୍ସବରେ ଯୋଗ ନ ଦେଇ···

ଚାଣକ୍ୟ—ଗ୍ରୀକ୍ ସମ୍ରାଟ ସେଲ୍ୟୁକସ୍ଙ୍କ ସହ ମୁଁ ସନ୍ଧି କରିଛି···କିନ୍ତୁ ଏ ପର୍ଯ୍ୟନ୍ତ ସନ୍ଧିପତ୍ର ସ୍ୱାକ୍ଷରିତ ହୋଇନି···

ମୁରା—କି ସନ୍ଧି ଗୁରୁଦେବ ?

ଚାଣକ୍ୟ— ମହାରାଜା ଚନ୍ଦ୍ରଗୁପ୍ତ ସେଲ୍ୟୁକସଙ୍କୁ ପାଞ୍ଚଶତ ହସ୍ତୀ ପ୍ରଦାନ କରିବେ—ଆଜ ବିନମଯ୍ୟରେ ସେଲ୍ୟୁକସ ହିନ୍ଦୁକୁଶର ଦକ୍ଷିଣ ଓ ପୂର୍ବରେ ଜୟ କରିଥିବା ସମସ୍ତ ରାଜ୍ୟ ଚନ୍ଦ୍ରଗୁପ୍ତଙ୍କୁ ଅର୍ପଣ କରିବେ—ଆଉ ସନ୍ଧି ସର୍ତ୍ତରେ ସନ୍ଧିକ ସ୍ୱରୂପ ଚନ୍ଦ୍ରଗୁପ୍ତଙ୍କ ସହିତ ସେଲ୍ୟୁକସଙ୍କ କନ୍ୟା ହେଲେନର ବିବାହ ଉତ୍ସବ ଅନୁଷ୍ଠିତ ହେବ···

ମୁରା—ଗୁରୁଦେବ···: ତା ହୋଇପାରେନା ଗୁରୁଦେବ···ମୁଁ ସମ୍ରାଟ କନ୍ୟା ଚାହେନା—ଏଇ ଛାୟା ହେଉଛି ମୋର ପୁତ୍ରବଧୂ···
(କହି ଛାୟାଙ୍କୁ କୋଳେଇ ନେଲେ)

ଚାଣକ୍ୟ--ଚିନ୍ତା ନ କର ଚାଣକ୍ୟ କେବେ କୌଣସି ନିଷ୍ପତ୍ତି ଗ୍ରହଣ କରେନା ମୁରା—ଆଉ ଯାହାକରେ ତା ତୁମ ପୁତ୍ରର ମଙ୍ଗଳ ପାଇଁ—ରାଜ୍ୟର କଲ୍ୟାଣ ପାଇଁ···ଅବଶ୍ୟ ସେଲ୍ୟୁକସ ଏଯାଏ ସନ୍ଧି ସର୍ତ୍ତରେ ସମ୍ମତି ପ୍ରଦାନ କରି ନାହାନ୍ତି···କିନ୍ତୁ ମୋର ବିଶ୍ୱାସ ସମ୍ମତି ପ୍ରଦାନ କରିବା ଛଡ଼ା ତାଙ୍କର ଅନ୍ୟ ଉପାୟ ନାହିଁ···

ମୁରା—କିନ୍ତୁ ଗୁରୁଦେବ···

ଚାଣକ୍ୟ—ବିଶାଳ ମଗଧ ସାମ୍ରାଜ୍ୟର ମଙ୍ଗଳ ପାଇଁ ଛାୟା ନିଶ୍ଚୟ ତାର ଏଇ ସାମାନ୍ୟ ସ୍ୱାର୍ଥକୁ ତ୍ୟାଗ କରି ପାରିବ··· (କଣ କହୁଛ ଛାୟା)

ମୁରା—ହଁ···ହଁ ଗୁରୁଦେବ···ଚନ୍ଦ୍ରଗୁପ୍ତଙ୍କର ମଙ୍ଗଳ ପାଇଁ ମୁଁ ସବୁ କିଛି ତ୍ୟାଗ କରି ପାରିବି···
(କହି କୋହଭରା କଣ୍ଠରେ ଭିତରକୁ ଦୌଡ଼ି ଚାଲିଗଲେ······)

ମୁରା—ଗୁରୁଦେବ···ଚନ୍ଦ୍ରକେତୁର ଶେଷ ଇଚ୍ଛା ଥିଲା···

ଚାଣକ୍ୟ—ମୁଁ ସବୁ ଜାଣେ ମୁରା···ଜଣକର ଇଚ୍ଛାକୁ ସମ୍ମାନ ଦେବାକୁ ଯାଇ ମୁଁ ଜଣଙ୍କର ଇଚ୍ଛାକୁ ହତ୍ୟା କରି ପାରେନା··· ମୁଁ ଚନ୍ଦ୍ରଗୁପ୍ତଙ୍କର ମନ୍ତ୍ରୀତ୍ୱ ସ୍ୱୀକାର କରିଛି···ଜଣେ ମନ୍ତ୍ରୀ କେବେ ତା ରାଜାର—ତା ରାଜ୍ୟର, ଅମଙ୍ଗଳ କାମନା କରି ପାରେନା··· ଯାଅ ମୁରା—ଗ୍ରୀକ୍ ରାଜନନ୍ଦିନୀ ହେଲେନ ଗ୍ରୁପ୍ଟାଠାରୁ ରୂପରେ ଗୁଣରେ, ବିଭବରେ, କୌଣସିଥିରେ ନ୍ୟୂନ ନୁହେଁ···ଆଜି ସେଇ ହେବ ଭାରତର ରାଜରାଜେଶ୍ୱରୀ···

(ମୁରା ନିର୍ବାକ-ସ୍ମିତ ହସ ହସୁଥିଲେ ଚାଣକ୍ୟ···)

(ମଞ୍ଚର ଆଲୋକ ନିର୍ବାପିତ ହୋଇଛି)

ଚତୁର୍ଥ ଦୃଶ୍ୟ

(ପାଟଳିପୁତ୍ର ରାଜପ୍ରାସାଦର ଅନ୍ୟ ଏକ କକ୍ଷ—ଯୁଦ୍ଧରେ ପରାଜିତ ହେଲାପରେ ସେଲ୍ୟୁକସ୍ ଓ ହେଲେନ୍ ଏଇ କକ୍ଷରେ ଅବସ୍ଥାନ କରୁଥିଲେ···)

ସେଲ୍ୟୁକସ—ଚାଣକ୍ୟର ସନ୍ଧିର ସର୍ତ୍ତ ସବୁ ଜାଣିଛୁ ମା ? ବର୍ବର ଚନ୍ଦ୍ରଗୁପ୍ତ ସହ ଗ୍ରୀକ୍‌ସମ୍ରାଟ ସେଲ୍ୟୁକସର କନ୍ୟାର ବିବାହ ! ନା, ନା ଏଇ ଘୃଣ୍ୟ ସର୍ତ୍ତକୁ ସ୍ୱୀକାର କରି ମୁଁ ସନ୍ଧିପତ୍ରରେ ସ୍ୱାକ୍ଷର କରି ପାରିବିନି ମା···ଗ୍ରୀକ୍‌ଜାତିର ଗୌରବୋଜ୍ଜ୍ୱଳ ଇତିହାସକୁ ମୁଁ କଳଙ୍କିତ ହେବାକୁ ଦେବିନି ···ନିଜର କନ୍ୟା ବିନିମୟରେ ମୁକ୍ତି···ଅସମ୍ଭବ···ଏହା ହୋଇପାରେନା ଚାଣକ୍ୟ···

ହେଲେନ—କାହିଁକି ବାବା ? ଏବେ ତ ଆଉ ଗର୍ବ କରିବାର କିଛି ନାହିଁ-ଆଜି ସେ ଗର୍ବୋନ୍ନତ ମଥା ନଇଁ ଯାଇଛି—ସେ ଦର୍ପିତ ଅହଙ୍କାର ଚୂରମାର ହୋଇଯାଇଛି···ଆମେ ଆଜି ସାମାନ୍ୟ ବନ୍ଦୀ···

ସେଲ୍ୟୁ—ହେଲେନ···ରାଜ୍ୟ ଜୟ କରିବାର ଅଦମ୍ୟ ପିପାସା ମତେ ଭାରତ ଆକ୍ରମଣ କରିବାକୁ ପ୍ରଲୋଭିତ କଲା···ଆକ୍ରମଣ କରିଥିଲି···କିନ୍ତୁ ହାରିଯାଇଛି···

ହେଲେନ — କିଏ ଆପଣଙ୍କୁ ଆକ୍ରମଣ କରିବାକୁ କହିଥିଲା ? କାହିଁକି ବୁହାଇ ଦେଲେ ରକ୍ତର ବନ୍ୟା ? କି ଅପରାଧ କରିଥିଲେ

ମହାରାଜା ଚନ୍ଦ୍ରଗୁପ୍ତ ? ସେ ତ ଆପଣଙ୍କ ସହିତ ଯୁଦ୍ଧ କରିବାକୁ ଚାହିଁ ନଥିଲେ···ଶତଦ୍ରୁ ନଦୀର ପରପାରରେ ସେ ନିଶ୍ଚିନ୍ତରେ ବସି ତାଙ୍କ ରାଜ୍ୟ ଶାସନ କରୁଥିଲେ–– କିନ୍ତୁ ଆପଣ ସହି ପାରିଲେନି···ମୋର ଶତ ଅନୁରୋଧକୁ ଉପେକ୍ଷା କରି ଧ୍ୱଂସର ରଣଭେରୀ ବାଜି ଉଠିଲା – ହେଲେ ପାଇଲେ କଣ ?

ସେଲ୍ୟୁ—ହେଲେନ ! ତୁ ଗୋଟାଏ ବିଜାତିର ବିଜୟରେ ଉଲ୍ଲସିତ ?

ହେଲେନ – ନା–ବାବା···କନ୍ୟା ହୋଇ ଆପଣଙ୍କର ଏ ପରାଜୟରେ ମୁଁ ଦୁଃଖିତା···କିନ୍ତୁ ଏ ତ ବିଜାତିର ଜୟ ନୁହେଁ ବାବା, ଧର୍ମର ହିଁ ଜୟ ହୋଇଛି···

ସେଲ୍ୟୁ – ହେଲେନ !

ହେଲେନ—ହଁ ବାବା, ଶତ ଶତ ଜନନୀଙ୍କୁ ପୁତ୍ରହରା କରି, ସଧବା ସୀମନ୍ତିନୀର ସୋହାଗର ସିନ୍ଦୁର ପୋଛି; ଗୋଟିଏ 'ଶାନ୍ତିକାମୀ ଦେଶରେ ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରିବା କଣ ଉଚିତ ବାବା ?

ସେଲ୍ୟୁ – ଯୁଦ୍ଧରେ ତ ଜୟ ପରାଜୟ ଲାଗି ରହିଛି ମା···କିନ୍ତୁ ଯୋଦ୍ଧା ଥରେ ମୁକ୍ତି ପାଏ···

ହେଲନ—ପୁଣି ଯୁଦ୍ଧ କରିବ ନା ?

ସେଲ୍ୟୁ—(ଦୁଃଖରେ ହସି) ହଁ ମା···ପ୍ରକୃତ ଯୋଦ୍ଧାର ଜୀବନରେ ଯୁଦ୍ଧର କେବେ ଅବସାନ ହୁଏନା ମା – ସେଇ ଯୁଦ୍ଧ କରିବାରେ

ହିଁ ତାର ଆନନ୍ଦ···ହାରଜିତର ଯେ ହିସାବ ରଖେ ସେ କଣ ପ୍ରକୃତ ଯୋଦ୍ଧା···ଆଜିର ପରାଜୟରେ ଭାଙ୍ଗି ପଡ଼ନା ମା···

ହେଲେନ—ବାବା···ଆପଣଙ୍କର ମୁକ୍ତି ପାଇଁ ଚାଣକ୍ୟ ଦେଇଥିବା ସନ୍ଧିର ସମସ୍ତ ସର୍ତ୍ତକୁ ମୁଁ ମାନିନେବି ବାବା···ମୁଁ ଚନ୍ଦ୍ରଗୁପ୍ତଙ୍କୁ ବିବାହ କରିବି···

ସେଲ୍ୟୁ—ନା, ନା, ମା ମୋର ମୁକ୍ତି ପାଇଁ ସେ ମୂଲ୍ୟ ମୁଁ ଦେଇପାରିବିନି-
(ଏହି ସମୟରେ ଆସିଛନ୍ତି ଚନ୍ଦ୍ରଗୁପ୍ତ)

ଚନ୍ଦ୍ର—ତାର ପ୍ରୟୋଜନ ନାହିଁ ସମ୍ରାଟ ଆପଣ ମୁକ୍ତ ବିନା ସର୍ତ୍ତରେ ମୁଁ ଆଜି ଆପଣଙ୍କୁ ମୁକ୍ତି ଦେଉଛି···ଯଦି କେବେ ଇଚ୍ଛାହୁଏ ପୁଣି ଥରେ ମଗଧ ଆକ୍ରମଣ କରିବେ···ଚନ୍ଦ୍ରଗୁପ୍ତ ସେଥିପାଇଁ ସର୍ବଦା ପ୍ରସ୍ତୁତ ସମ୍ରାଟ···ଯାଅ ରାଜକନ୍ୟା···ଯାଆନ୍ତୁ ସମ୍ରାଟ···
ସସମ୍ମାନେ ନିଜଦେଶକୁ ଫେରିଯାଆନ୍ତୁ—
ଆପଣମାନେ ଆଜି ମୁକ୍ତ ।

ସେଲ୍ୟୁ—ମହାରାଜ ଚନ୍ଦ୍ରଗୁପ୍ତ···ଏହା ଯେ ମୋର କଳ୍ପନାର ବାହାରେ-

ଚନ୍ଦ୍ର—(ହସି) ଯାଆନ୍ତୁ ସମ୍ରାଟ···ହିନ୍ଦୁଜାତି ବର୍ବର ନୁହେଁ···ଅସଭ୍ୟ ନୁହେଁ ।

ସେଲ୍ୟୁ—ଆପଣଙ୍କର ଏ ମହାନ ଉଦାରତା ମୁଁ ଜୀବନରେ ଭୁଲି-ପାରିବିନି ମହାରାଜ···ଆପଣ ଦିନେ ମୋର ଜୀବନ ରକ୍ଷା କରିଥିଲେ ଏକଥା ବି ମୁଁ ଭୁଲିଯାଇନି ଚନ୍ଦ୍ରଗୁପ୍ତ କିନ୍ତୁ ଆପଣଙ୍କୁ କନ୍ୟା ଦାନ କରି ପାରିବିନି, କାରଣ ଆପଣ ହିନ୍ଦୁ ।

ହେଲେନ—ହିନ୍ଦୁ ହେଲେ ବି ସେ ମଣିଷ ବାବା···ତାଙ୍କ ଦେହରେ ବି ସେଇ ଲାଲ ରକ୍ତର ଫଲ୍‌ଗୁ···କହି ପାରିବ ବାବା ଗ୍ରୀକ୍ ଆଉ ହିନ୍ଦୁ ଭିତରେ ପ୍ରଭେଦ କେଉଁଠି ?

ସେଲୁ୍ୟ—(ଆଶ୍ଚର୍ଯ୍ୟରେ) ହେଲେନ ।

ହେଲେନ—ହଁ ବାବା···ସେଦିନ· ସିନ୍ଧୁନଦୀର ତଟ ଦେଶରେ ପ୍ରଥମ ସାକ୍ଷାତରେ ହିଁ ମୁଁ ଚନ୍ଦ୍ରଗୁପ୍ତଙ୍କୁ ଭଲପାଇ ବସିଛି··· ଆଉ ଆଜି ସେ ନିଜେ ଯେତେବେଳେ ମତେ ବିବାହ କରିବାକୁ ଚାହୁଁଛନ୍ତି···

ସେଲୁ୍ୟ—ହେଲେନ୍ ।

ଚନ୍ଦ୍ର—ମତେ କ୍ଷମା କରିବ ରାଜନନ୍ଦିନୀ···ମୋର ଅଜ୍ଞାତରେ ମୁଁ ବି ତୁମକୁ ଭଲପାଇଥିଲି—ମୋର ସେ ଉଦ୍‌ବେଳିତ ଯୌବନର ବେଳାଭୂମିରେ ମୁଁ ତୁମକୁ ଅନେକବାର ସ୍ୱପ୍ନ ଦେଖିଛି···କିନ୍ତୁ ଆଜି ସବୁ ଓଲଟ ପାଲଟ ହୋଇଯାଇଛି ହେଲେନ୍···ମୁଁ ଆଜି ନିରୁପାୟ—ପ୍ରତିଜ୍ଞାବଦ୍ଧ ।

ହେଲେନ୍—ମହାରାଜ ।

ଚନ୍ଦ୍ର—ହଁ ରାଜକନ୍ୟା—ମୋର ପ୍ରାଣର ବନ୍ଧୁ ଚନ୍ଦ୍ରକେତୁ ତାର ମୃତ୍ୟୁ ସମୟରେ ତାର ଭଗ୍ନୀ ଛାୟାକୁ ମୋ ହାତରେ ସମର୍ପଣ କରି ଯାଇଛି—ଭାରତର ଭାବୀ-ସାମ୍ରାଜ୍ଞୀ ହେବେ ରାଜଦୁହିତା ଛାୟା ।

(ଏହିସମୟରେ ଆସିଛନ୍ତି ଛାୟା···ଚନ୍ଦ୍ରଗୁପ୍ତଙ୍କ ଶେଷ କଥା ଶୁଣିଛନ୍ତି)

ଗ୍ରୀସ୍ମା—ନା ମହାରାଜା···ଗ୍ରୀସ୍ମା ଏ ଅନୁଗ୍ରହଦତ୍ତ ସମ୍ମାନର ଭିକାରୁଣୀ ନୁହେଁ—ମହାରାଜାଙ୍କର ଏ ଅନୁକମ୍ପା ପାଇଁ ମୁଁ ମହାରାଜାଙ୍କ ନିକଟରେ କୃତଜ୍ଞ···କିନ୍ତୁ ଭାରତର "ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ"ର ଯୋଗ୍ୟା ମହର୍ଷୀ ମୁଁ ନୁହେଁ···ସମ୍ରାଟ ସେଲ୍ୟୁକସ୍ଙ୍କର କନ୍ୟା ହେଲେନ୍···ଆସ ଭଉଣୀ—ବଡ଼ ଭାଗ୍ୟବତୀ ତୁମେ···ମୁଁ ସ୍ୱଇଚ୍ଛାରେ ତୁମ ହାତରେ ମୋର ଜୀବନର ସର୍ବସ୍ୱ ଅର୍ପଣ କରୁଛି···ତୁମେ ସୁଖୀହୁଅ··(କହି ହେଲେନ୍ଙ୍କ ହାତ ଚନ୍ଦ୍ରଗୁପ୍ତଙ୍କ ହାତରେ ଧରାଇ ଦେଲେ ଏବଂ ଲୁହ ଛଳ ଛଳ ଆଖିରେ ଦ୍ରୁତପଦରେ ଚାଲିଗଲେ ।)

ଚନ୍ଦ୍ର—ଗ୍ରୀସ୍ମା···ଶୁଣିଯାଅ ଗ୍ରୀସ୍ମା···ଗ୍ରୀସ୍ମା···ଚନ୍ଦ୍ରକେତୁ···ନା,ନା ସମ୍ରାଟ ! ଆପଣ ମୁକ୍ତ··(କହି ଉତ୍କ୍ଷିପ୍ତ ଭାବେ ଦୌଡ଼ି ଚାଲିଗଲେ ।)

ସେଲ୍ୟୁ—ଏସବୁ କଣ ହୋଇଗଲା ମା ?

ହେଲେନ୍—କିଛି ବୁଝି ପାରିଲିନି ବାବା !

ସେଲ୍ୟୁ—ତୁ ଚନ୍ଦ୍ରଗୁପ୍ତଙ୍କୁ ବିବାହ କରିବୁ ।

ହେଲେନ୍—(ଲଜ୍ଜାରେ ମୁହଁ ଲାଲ ହୋଇଗଲା··ମୁହଁ ତଳକୁ କରି ନୀରବ ରହିଲେ)

ସେଲ୍ୟୁ—ହେଲେନ୍ ।

ହେଲେନ୍—ଆପଣ ଆଶୀର୍ବାଦ କରନ୍ତୁ ବାବା ।

ସେଲ୍ୟୁ—ମୁଁ ଆଶୀର୍ବାଦ କରିବି ? ···କିନ୍ତୁ ।
ଆଶୀର୍ବାଦ ନକରି ଚାଲିଗଲେ ସେଲ୍ୟୁକସ୍ ।)

ହେଲେନ୍—ବାବା । ମତେ ଆଶୀର୍ବାଦ ନ କରି ତୁମେ ଚାଲିଗଲ ? ତୁମେ କଣ ବୁଝିବ ମୋ ମନର ଅନ୍ତର୍ଦାହ··· ? ତୁମେ କଣ ବୁଝିବ, ଏ ବିବାହ ମୁଁ କାହିଁକି କରିବାକୁ ଚାହେଁ—ଏତେ ତର୍କ, କାକୁତିମିନତି, ରକ୍ତପାତ ଯାହା କରିପାରି ନଥିଲା, ଏଇ ବିବାହରେ ତାହା ସମାଧାନ ହୋଇଯିବ ବାବା—ଦୁଇ ଆର୍ଯ୍ୟ ଜାତିର ମହାମିଳନର ପବିତ୍ର ଲଗ୍ନରେ ତୁମେ ଆଶିର୍ବାଦ କର । ଏ ବନ୍ଧନ ଦୃଢ଼ ହେଉ···ହେ ପ୍ରଭୁ ମୋତେ ଶକ୍ତି ଦିଅ···ସାହସ ଦିଅ···ମୁଁ ଯେପରି ଶାନ୍ତିର ମୈତ୍ରୀବାଣୀ ବିଶ୍ୱରେ ପ୍ରଚାର କରିବାରେ ସଫଳ ହୁଏ··· ।

(ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲେ···)

—ଅନ୍ଧକାର—

ପଞ୍ଚମ ଦୃଶ୍ୟ

(ଚାଣକ୍ୟଙ୍କ କୁଟୀର—ଚାଣକ୍ୟ ଏକାକୀ ଚିନ୍ତାମଗ୍ନ—କୁଟୀର ପ୍ରାଙ୍ଗଣରେ ବସିଥିଲେ—ପ୍ରହରୀ ବେଷ୍ଟିତ ହୋଇ ଆସିଛନ୍ତି କାତ୍ୟାୟନ)

ଚାଣକ୍ୟ—(କାତ୍ୟାୟନଙ୍କୁ ଦେଖି) ଆସ ବନ୍ଧୁ କାତ୍ୟାୟନ···ମୁଁ ତୁମର ପ୍ରତୀକ୍ଷାରେ ।

କାତ୍ୟାୟନ—ପରିହାସର ପ୍ରୟୋଜନ ନାହିଁ ଚାଣକ୍ୟ···ମୁଁ ଆଜି ତୁମର ବନ୍ଦୀ । ସମସ୍ତ ଦଣ୍ଡକୁ ମୁଣ୍ଡପାତି ସହିନେବାକୁ ମୁଁ ଟିକେହେଲେ ଦ୍ୱିଧାବୋଧ କରିବିନି···ମୁଁ ଅନ୍ୟାୟ କରିଛି—ମୁଁ ରାଜଦ୍ରୋହୀ—ମୁଁ ବିଶ୍ୱାସଘାତକ ।

ଚାଣକ୍ୟ—(ସ୍ମିତହସି) ନା କାତ୍ୟାୟନ···ତୁମେ ଆଜିଠାରୁ ମୁକ୍ତ··· ତୁମେ ଆଜିଠାରୁ ହେବ ମୋର ପରମ ବନ୍ଧୁ ।

କାତ୍ୟା—ପରମ ବନ୍ଧୁ ? କିନ୍ତୁ ତୁମର ଏକ ସାମାନ୍ୟ ଇଙ୍ଗିତରେ ମୋର ଜୀବନର ଶେଷ ଯବନିକା ପଡ଼ିଯିବ···ମୁଁ ତୁମର ବନ୍ଦୀଶାଳାର ଜଣେ ସାମାନ୍ୟ ବନ୍ଦୀ । ତୁମ କୃପା ପ୍ରାର୍ଥୀ···ଆଉ ତୁମେ ଏକ ବିଶାଳ ସାମ୍ରାଜ୍ୟର ସର୍ବମୟ କର୍ତ୍ତା ।

ଚାଣକ୍ୟ—ସର୍ବମୟ କର୍ତ୍ତା । ନା କାତ୍ୟାୟନ···ସେ କ୍ଷମତା ଆଉ ମୋର ଦରକାର ନାହିଁ···ସେ ପ୍ରଭୁତ୍ୱର ଆଉ ଆବଶ୍ୟକ ନାହିଁ···

ମତେ ଆଜି ବିଶ୍ୱାସ କର କାତ୍ୟାୟନ···ନିଅ ଏଇ ଛୁରିକା···
ନିଅ । ମୋର ବକ୍ଷରେ ଆମୂଳ ବିଦ୍ଧ କର କାତ୍ୟାୟନ···ତୁମ
ମନ୍ତ୍ରୀତ୍ୱର ପଥ ପରିଷ୍କାର କର···(ଛୁରିକା ବଢ଼ାଇ ଦେଲେ)

କାତ୍ୟାୟନ—(ବିସ୍ମୟରେ) ତୁମେ କିଣ ଚାହଁ ଚାଣକ୍ୟ ?

ଚାଣକ୍ୟ—ମୁଁ କିଛି ଚାହେଁନା କାତ୍ୟାୟନ···ମୁଁ ଖାଲି ଚାହେଁ ତୁମର
ବନ୍ଧୁତା···ମୁଁ ଏଇ ବିଶାଳ ସାମ୍ରାଜ୍ୟର ସମସ୍ତ ଆବର୍ଜନା
ପରିଷ୍କାର କରି ଦେଇଚି···ଏକ ଉଦାସ ପ୍ରାନ୍ତରକୁ ଉର୍ବର
କ୍ଷେତ୍ରରେ ପରିଣତ କରିଛି—ତୁମେ ଏଥର ମନ୍ତ୍ରୀତ୍ୱ ଗ୍ରହଣ କର
କାତ୍ୟାୟନ—ମୁଁ ଯାହା କରିପାରିନି ତୁମେ ତା ନିଶ୍ଚୟ
ପାରିବ···ଏ ବିଶ୍ୱାସ ମୋର ଅଛି ।

କାତ୍ୟାୟନ—ଚାଣକ୍ୟ, ମୋର ଯେପରି ମନେହୁଏ ତୁମେ ମୋ ନିକଟରେ
ଅଭିନୟ କରୁଛ ତୁମେ କୁଟନୀତି ବିଶାରଦ, ତୁମେ ଧୂର୍ତ୍ତ···ତୁମର
ଅଭିସନ୍ଧି ବୁଝିବା ମୋ ପକ୍ଷରେ ସମ୍ଭବ ନୁହେଁ···

ଚାଣକ୍ୟ—ମୁଁ ମୋର ଏହି ପବିତ୍ର ଉପବୀତ ସ୍ପର୍ଶ କରି କହୁଛି କାତ୍ୟାୟନ,
ମୁଁ ଏଇ ମୁହୂର୍ତ୍ତରେ ମନ୍ତ୍ରୀତ୍ୱ ତ୍ୟାଗ କଲି—ସେ ଗୁରୁଦାୟିତ୍ୱ
ତୁମେ ବହନ କର ବନ୍ଧୁ···ମୁଁ ନିଶ୍ଚିନ୍ତ ହେବି ।

କାତ୍ୟା—ତୁମେ ଏକଣ କରୁଛ ଚାଣକ୍ୟ । ମୁଁ ତ ଆଉ ସ୍ୱପ୍ନ ଦେଖୁନି ।
ବ୍ରାହ୍ମଣର ପ୍ରଭୁତ୍ୱକୁ କ୍ଷମତାର ଶିଖରକୁ ଆଣି···

ଚାଣକ୍ୟ—ସବୁ ଭ୍ରମ··· ସବୁ ଅଳୀକ···ମୁଁ ବି ଦିନେ ସ୍ୱପ୍ନ ଦେଖିଥିଲି
କାତ୍ୟାୟନ, ମୋର ଘର ଥିଲା, ସ୍ତ୍ରୀ ଥିଲା, କନ୍ୟା ଥିଲା···ଆଉ
ଆଜି ମୁଁ ଏକା···ସେ ସ୍ୱପ୍ନ ମୋର ତୁଟି ଯାଇଛି···ହୃଦୟକୁ

ଉପବାସୀ ରଖି ଶାସନ କରି ହୁଏନା କାତ୍ୟାୟନ···ମୁଁ ହୁଏତ ବ୍ରାହ୍ମଣର ନିର୍ଜୀବ କ୍ଷମତାକୁ ପୁନର୍ବାର ବୁଦ୍ଧି ବଳରେ ସଞ୍ଜୀବିତ କରିଛି; କିନ୍ତୁ ତାର ବ୍ରହ୍ମତ୍ତ୍ୱ ଫେରାଇ ଆଣିପାରିନି···ଶୂଦ୍ରକୁ ରକ୍ତଚକ୍ଷୁ ଦେଖାଇ ଶାସନ କରିଛି···କିନ୍ତୁ ତା ହୃଦୟରେ ଭକ୍ତି ପ୍ରତିଷ୍ଠା କରି ପାରିନି···ମୁଁ ସବୁ କରିଛି କାତ୍ୟାୟନ, କିନ୍ତୁ ସେଥିରେ ପ୍ରାଣ ପ୍ରତିଷ୍ଠା କରିପାରିନି···ମୁଁ ଯାହା ପାରିନି ତୁମେ ତାହା ପାରିବ କାତ୍ୟାୟନ···ମୋର ହୃଦୟ ଏକ ଶୁଷ୍କ ମରୁଭୂମି, ସେଥିରେ କରୁଣାର ପ୍ରବାହ ନାହିଁ—ସ୍ନେହର ମନ୍ଦାକିନୀ ନାହିଁ ବିଶ୍ୱାସର ନିର୍ଝରଣୀ ନାହିଁ ।

କାତ୍ୟାୟନ—ଚାଣକ୍ୟ ! ତୁମେ ଆଜି ଅଧିର···ସେ ଦୁର୍ଦ୍ଧର୍ଷ ତେଜ, ସେ ଭିଷ୍ମ ପ୍ରତିଜ୍ଞା, ସେ ତୀକ୍ଷ୍ଣ ବୁଦ୍ଧି ।

ଚାଣକ୍ୟ—ବୁଦ୍ଧି ! ବୁଦ୍ଧି ! ବୁଦ୍ଧି । ଶୁଣି ଶୁଣି କାନ ଦୁଇଟା ମୋର ସ୍ତବ୍ଧ ହୋଇଗଲାଣି । ଚାଣକ୍ୟର କୂଟ ବୁଦ୍ଧି ଏକ ନିଶ୍ଚିନ୍ତ ଧ୍ୱଂସର ସନ୍ଦେଶ । ସମଗ୍ର ବିଶ୍ୱ ଆଜି ନିର୍ନିମେଷ ନୟନରେ ବିସ୍ମୟରେ ଚାହିଁ ରହେ ମୋର ଆଡ଼େ—ସତେ ମୁଁ ଏକ ଘୃଣ୍ୟ ବିଷଧରିକା—ଏକ ପ୍ରଳୟଙ୍କରୀ ଧୂମକେତୁ ।

କାତ୍ୟାୟନ—ତୁମେ ଆଜି ଉତ୍କ୍ଷିପ୍ତ ଚାଣକ୍ୟ···ତୁମର ବିଶ୍ରାମ ଦରକାର । ଚାଲ, କୁଟୀର ମଧ୍ୟରେ ବିଶ୍ରାମ ନେବ ।
(ଏହି ସମୟରେ ପୂର୍ବପରିଚିତ ସେଇ ଭିକାରୀ ଓ ବାଳକାର କଣ୍ଠରେ ଭାସି ଆସିଲା ସଙ୍ଗୀତର ମୂର୍ଚ୍ଛନା···)

ଚାଣକ୍ୟ—ସେଇ ସଙ୍ଗୀତର ମୂର୍ଚ୍ଛନା ! ହଁ···ହଁ···ଏ ଯେ ତାରି କଣ୍ଠ ସ୍ୱର କାତ୍ୟାୟନ···ତାକୁ ଡାକି ଆଣ ।

କାତ୍ୟାୟନ—କାହାକୁ ଡାକବ ଗୃଣକ୍ୟ ?

ଗୃଣକ୍ୟ – ସେଇ ଭିକ୍ଷୁକ ଆଉ ତାର କନ୍ୟାକୁ···ଯାଅ କାତ୍ୟାୟନ ଆଉ ବଳମ୍ବ କରନା···(କାତ୍ୟାୟନ ଚୁଲିଗଲେ) ତାର ସେ ସଙ୍ଗୀତର ମୂର୍ଚ୍ଛନା ମୋ ପ୍ରାଣରେ କମ୍ପନ ସୃଷ୍ଟି କରେ କାହିଁକ ? ମୋ ପ୍ରାଣ କାନ୍ଦ ଉଠେ କାହିଁକ ? ସେଇ କଣ୍ଠ···ସେଇ ସ୍ୱର···ସେଇ ସ୍ୱରରେ କ'ଣ ମୋର···

(ଭିକ୍ଷୁକ, ତାର କନ୍ୟା ଓ କାତ୍ୟାୟନଙ୍କର ପ୍ରବେଶ)

ଗୃଣକ୍ୟ—(ବାଳକାକୁ ଦେଖି) ଏ ଆଉେ ଆ ତ ମା···(ଝିଅଟି ପାଖକୁ ଆସିଛୁ) ସେଇ ମୁହଁ···ସେଇ ଆଖି···ସେଇ ଉନ୍ନତ ନାସିକା··· ଅଥଚ ଭିକ୍ଷୁକର କନ୍ୟା···। ସତ କୁହ ଭିକ୍ଷୁକ, ଏକଣ ତୁମର କନ୍ୟା ।

ଭିକ୍ଷୁକ—ହଁ ବାବା···

ଗୃଣକ୍ୟ—ଭିକ୍ଷୁକ—ମୁଁ ତୁମର ଅଞ୍ଜଳ ପୂର୍ଣ୍ଣ କର ଶତ ସହସ୍ର ସ୍ୱର୍ଣ୍ଣମୁଦ୍ରା ଦେବ କୁହ···ସତକୁହ ଭିକ୍ଷୁକ ଏ କଣ ତୁମର କନ୍ୟା···?

ଭିକ୍ଷୁକ—ନା ବାବା, ଏ ମୋର ଝିଅ ନୁହେଁ···ଏ ଝିଅଟିକୁ ମୁଁ ରାସ୍ତାରୁ ପାଇଥିଲି, କନ୍ତୁ ତାକୁ ମୋ ଝିଅଠାରୁ ବଳ ଭଲ ପାଇଛୁ କାଖେଇ କୋଳେଇ ମଣିଷ କରିଛୁ ।

ଗୃଣକ୍ୟ—ତୁମର ଝିଅ ନୁହେଁ ? କେଉଁଠୁ ପାଇଲ ଭିକ୍ଷୁକ ? ସତକୁହ··· ଭିକ୍ଷୁକ—ଭଗବାନଙ୍କର ଦାନ ବାବା···ତା ନହେଲେ ଏ ଅନ୍ଧ-ବୁଢ଼ାଟାକୁ ଆଉ କଏ ବାଟ ଦେଖାନ୍ତା···କ ପୂଣ୍ୟଫଳରୁ ମା'କୁ ମୋର ପାଇଛୁ ଜାଣେନା ।

ଚାଣକ୍ୟ—ତୁମେ କ'ଣ ଆଜନ୍ମ ଅନ୍ଧ ?

ଭିକ୍ଷୁକ—ନା ବାବା···ମୋର କୃତକର୍ମର ଫଳ ଭୋଗ କରୁଛି—ଦସ୍ୟୁବୃତ୍ତି କରି କେତେଯେ ପାପ ଅର୍ଜ୍ଜନ କରିଛି ତାର ତୁଳନା ନାହିଁ—ଆଜି ଏଇ ହେଉଛି ତାର ପ୍ରତିଫଳ···ସବୁଦିନ ପାଇଁ ଅନ୍ଧ ହୋଇଯାଇଛି ।

ଚାଣକ୍ୟ—କେଉଁଠୁ ପାଇଲ ଏ କନ୍ୟାରତ୍ନ ?

ଭିକ୍ଷୁକ—ଅବନ୍ତୀପୁରରୁ ।

ଚାଣକ୍ୟ—ଅବନ୍ତୀପୁର ! ସତ କୁହ ଭିକ୍ଷୁକ । ଏ କନ୍ୟାକୁ ତୁମେ କେଉଁଠୁ ପାଇଲ ?

ଭିକ୍ଷୁକ—(ଟିକିଏ ରହି) ରାସ୍ତାରେ ଏକୁଟିଆ ବୁଲୁଥିଲା ।

ଚାଣକ୍ୟ—ନା, ତୁମେ ନିଶ୍ଚୟ ଏ କନ୍ୟାକୁ ଅପହରଣ କରିଛ—ସତ କୁହ ଭିକ୍ଷୁକ, ନଚେତ୍ ମୁଁ ତୁମକୁ ମୃତ୍ୟୁଦଣ୍ଡ ଦେବି ।

ଭିକ୍ଷୁକ—ନା,ନା—ମତେ ମୃତ୍ୟୁଦଣ୍ଡ ଦିଅନ୍ତୁନି ବାବା···ମୁଁ ସବୁ କହିବି—ମୁଁ ସବୁ କହିବି । ମୁଁ···ମୁଁ ଏହାକୁ···ଚୋରିକରି ଆଣିଛି ।

ଚାଣକ୍ୟ—ଜଣେ ବ୍ରାହ୍ମଣ ଘରୁ ନା ?

ଭିକ୍ଷୁକ—ହଁ ବାବା ।

ଚାଣକ୍ୟ—ସେତେବେଳେ ତାର ବୟସ କେତେ ଥିଲା ?

ଭିକ୍ଷୁକ—ଚାରି ବର୍ଷ ।

ଚାଣକ୍ୟ—ତାର ନାମସେ କହିଥିଲା ?

ଭିକ୍ଷୁକ—ହଁ···ଆମ୍ରେୟୀ···।

ଗୃଣକ୍ୟ—ଆମ୍ରେୟୀ ! ଶୁଣୁଛ ଶୁଣୁଛ କାତ୍ୟାୟନ, ଆମ୍ରେୟୀ ମୋର ବଞ୍ଚିଛି···ମୋର ପ୍ରାଣର କନ୍ୟା ଆମ୍ରେୟୀ···ହଁ କଣ କହିଲ ଭିକ୍ଷୁକ···ତା ନା ଆମ୍ରେୟୀ ? ଆଉ ତାର ପିତା···

ଭିକ୍ଷୁକ—ଗୃଣକ୍ୟ ।

ଗୃଣକ୍ୟ—ଭିକ୍ଷୁକ···ମା' ମୋର···ଆ ମା, ମୁଁ ତୋର ସେଇ ହତଭାଗା ପିତା ଗୃଣକ୍ୟ···। ଭିକ୍ଷୁକ, ମୁଁ ହେଉଛି ସେଇ ଦରିଦ୍ର ବ୍ରାହ୍ମଣ ଗୃଣକ୍ୟ ଯାହାର ଆଦରର କନ୍ୟାକୁ ତୁମେ ଅପହରଣ କରିଥିଲ । ମୁଁ ତୁମକୁ ଶାସ୍ତି ଦେବ ଭିକ୍ଷୁକ···ମୁଁ ତୁମକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିବ···ନା, ନା ତୁମେ ମୁକ୍ତ···ତୁମେ ମୁକ୍ତ ଭିକ୍ଷୁକ—ତୁମେ ଆଜି ମୋର ଯେଉଁ ଉପକାର କରିଛ ସାରା ଜୀବନ ଧରି ମୁଁ ତାହା ସୁଝି ପାରିବିନି··· ଆସ ଭିକ୍ଷୁ···ମୁଁ ତୁମକୁ ପୁରସ୍କାର ଦେବ···ଅଞ୍ଜଳିବଦ୍ଧ ସ୍ୱର୍ଣ୍ଣମୁଦ୍ରା—ଯାଅ କାତ୍ୟାୟନ, ଭିକ୍ଷୁକର ଭିକ୍ଷାପାତ୍ର ସ୍ୱର୍ଣ୍ଣମୁଦ୍ରାରେ ଭରିଦିଅ··· (ଆନନ୍ଦରେ ଆମ୍ରେୟୀଙ୍କୁ କୋଳେଇ ନେଇ ହସିଉଠିଲେ)

—ମଞ୍ଚ ଅନ୍ଧାର—

ଷଷ୍ଠ ଦୃଶ୍ୟ

(ସେଲ୍ୟୁକସଙ୍କ ଶିବିର—ସେଲ୍ୟୁକସ ଏକାକୀ··· ସମସ୍ତ ପ୍ରସ୍ତୁତ – ଦୁଃଖିତ ସେଲ୍ୟୁକସ ଏକାକୀ ପଦଚାରଣ କରୁଥିଲେ—ଆଜି ହେଲେନର ଚନ୍ଦ୍ରଗୁପ୍ତଙ୍କ ସହ ବିବାହ ହେଉଛି – ସେଲ୍ୟୁକସ କିନ୍ତୁ ଦୁଃଖିତ··· କାରଣ ତାଙ୍କର ଇଚ୍ଛା ନଥିଲା ଏ ବିବାହରେ···)

ସେଲ୍ୟୁ—ମୁଁ ଯାହା ଚାହିଁ ନଥିଲି ଶେଷରେ ସେଇଆ ହେଲା··ଚନ୍ଦ୍ରଗୁପ୍ତ ସହିତ ହେଲେନ୍‌ର ବିବାହ । କିନ୍ତୁ ଗ୍ରୀକ୍‌ସମ୍ରାଟ ସେଲ୍ୟୁକସ ଜୀବନର ଏଇ କଳଙ୍କିତ କାହାଣୀ ଗ୍ରୀସ୍‌ର ବର୍ଣ୍ଣାଢ୍ୟ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଯିବ···ତଥାପି···ତଥାପି ଗୋଟାଏ ବାପର ମନ ନେଇ ମୁଁ ତାକୁ ଆଶିର୍ବାଦ କରୁଛି··· ତୋ ଜୀବନ ସୁଖମୟ ହେଉ···ତୋ ମିଳନର ଅମୃତଲଗ୍ନରେ ପାଟଳିପୁତ୍ର ଆଜି ଉତ୍ସବ ମୁଖରିତ ହେଉ···

(ଏହି ସମୟରେ ଆସିଛନ୍ତି ହେଲେନ୍···ଭାରତୀୟ ପୋଷାକରେ ସେ ଦିଶୁଥିଲେ ଅତି ସୁନ୍ଦର···କମନୀୟ···ତାଙ୍କୁ ଦେଖି···)

ହେଲେନ୍—ବାବା ।

ସେଲ୍ୟୁ—(ଆନନ୍ଦରେ) ତୁ ଆସିଛୁ ମା···ତୁ ଆସିଛୁ ?

(ହେଲେନ୍‌ଙ୍କୁ କୋଳେଇ ନେଲେ)

ହେଲେନ୍—ଚାଲ ବାବା, ମୁଁ ନିଜେ ଆପଣଙ୍କୁ ନେଇ ଯିବାକୁ ଆସିଛି—ଚନ୍ଦ୍ରଗୁପ୍ତଙ୍କର ଅନୁରୋଧ, ଆପଣ ଆମର ବିବାହ ଉତ୍ସବରେ ଉପସ୍ଥିତ ହୋଇ ଆମ୍ଭମାନଙ୍କୁ ଆଶିର୍ବାଦ ପ୍ରଦାନ କରିବେ···

ସେଲ୍ୟୁ—ନା' ମା···ମୁଁ ଏଇଠି ରହି ତତେ ଆଶିର୍ବାଦ କରୁଛି···ତୋର ଦାମ୍ପତ୍ୟ ଜୀବନ ମଧୁମୟ ହେଉ ।

ହେଲେନ୍—ତମେ ଯିବନି ବାବା···ମୋ ବିବାହ ଉତ୍ସବରେ ତୁମେ ଯୋଗ ଦେବନି ? ମୋ ଉପରେ ତୁମେ ଅଭିମାନ କରିଛ ?

ସେଲ୍ୟୁ—ଆରେ ନା ମା···ବାପ କଣ କେବେ ତାର ଝିଅ ଉପରେ ରାଗିପାରେ—ଅଭିମାନ କରିପାରେ···ମୁଁ ଖାଲି ତୋର ବାପ ନୁହେଁ ହେଲେନ୍···ତୋର ମା ମରିଗଲା ପରେ ତତେ କାଖେଇ କୋଳେଇ ମଣିଷ କରିଛି···ତୁ ଯା ମା···ଚନ୍ଦ୍ରଗୁପ୍ତ ହୁଏତ ତତେ ପ୍ରତୀକ୍ଷା କରୁଥିବେ ।

ହେଲେନ୍—ବାବା, ଜୀବନରେ କେବେ ଆପଣଙ୍କର ଅବାଧ୍ୟ ହୋଇ ନଥିଲି, ଆଜି ଏଇ ପ୍ରଥମଥର ପାଇଁ ମୁଁ ଆପଣଙ୍କର ଅବାଧ୍ୟ ହୋଇଛି—ମତେ କଣ ତୁମେ କ୍ଷମା କରିବନି ବାବା ?

ସେଲ୍ୟୁ—ହେଲେନ ।

ହେଲେନ—ଏତେ ବଡ଼ ବିଭବ ଜଗତରେ କେବେ ଦେଖିଛ ବାବା ? ଏ ବିବାହରେ ଗୋଟାଏ ଚିରନ୍ତନ ବାତ୍ୟା ଶାନ୍ତ ହୋଇଗଲା, ଏ ବିବାହରେ ଦୁଇ ସୁଦୂର ଆର୍ଯ୍ୟଜାତି ଆଜି ପରସ୍ପରକୁ ଆଲିଙ୍ଗନ କଲେ—ଏ ବିବାହ ହେଲେନ ଆଉ ଚନ୍ଦ୍ରଗୁପ୍ତଙ୍କର ନୁହେଁ ବାବା—ଏ ବିବାହ ଦୁଇଟି ମହାନ୍ ଜାତିର ଭାତୃ ପ୍ରେମର ବିରାଟ ସେତୁବନ୍ଧ ।

ସେଲ୍ୟୁ—ଯା, ମା—ଶାନ୍ତି ପାଇଁ ତୋର ଏଇ ମହାନ ପ୍ରଚେଷ୍ଟା ଯୁଗ ଯୁଗ ଧରି ବିଶ୍ୱଇତିହାସର ପୃଷ୍ଠା ମଣ୍ଡନ କରିବ···ଦୁଇଟି ସଂଗ୍ରାମଶୀଳ ଜାତିକୁ ଆଜିଠାରୁ ସମ୍ମାନ ଦେବ···ଈଶ୍ୱର ମୋର ଆଜି ଚନ୍ଦ୍ରଗୁପ୍ତଙ୍କର ମଙ୍ଗଳ କରନ୍ତୁ ।

(ହେଲେନ ସେଲ୍ୟୁକସଙ୍କର ପାଦଛୁଇଁ ପ୍ରଣାମ କଲେ ଏବଂ ଅଶ୍ରୁଳ ନୟନରେ ବିଦାୟ ନେଲେ···ସେଲ୍ୟୁକସଙ୍କ ଆଖିରେ ଲୁହ ଭରିଗଲା···ହେଲେନ ଚାଲିଯିବାର କିଛିସମୟ ପରେ ଆସିଛନ୍ତି ଆଣ୍ଟିଗୋନସ୍ ।)

ସେଲ୍ୟୁ—କିଏ ? ଓ···ତୁମେ ଆଣ୍ଟିଗୋନସ୍ ।

ଆଣ୍ଟି—ହଁ ସମ୍ରାଟ···ସୁଦୂର ଗ୍ରୀସ୍‌ରୁ ଧାଇଁ ଆସିଛି ।

ସେଲ୍ୟୁ—ମୋର ଦୁର୍ଦ୍ଦିନରେ ପରିହାସ କରିବା ପାଇଁ ନା ?

ଆଣ୍ଟି—ନା ସମ୍ରାଟ···ଏତେଦିନ ପରେ ମୁଁ ମୋର ପିତୃପରିଚୟ ପାଇଛି ।

ସେଲ୍ୟୁ—ଅନେକ ଡେରି ହୋଇଗଲା ଆଣ୍ଟିଗୋନସ୍···ତୁମର ସେ ପିତୃପରିଚୟ ପଦର ଆଉ କୌଣସି ପ୍ରୟୋଜନ ନାହିଁ ।

ଆଣ୍ଟି—ଅଛି ସମ୍ରାଟ···ତା ନହେଲେ ସେଇ ସମ୍ବାଦ ଧରି ସୁଦୂର ଗ୍ରୀସ୍‌ରୁ ଗୋଟାଏ ଉନ୍ମାଦ ଭଳି ମୁଁ ଏଠାକୁ ଛୁଟି ଆସି ନଥାନ୍ତି—ପିତୃପରିଚୟହୀନ ଆଣ୍ଟିଗୋନସ୍ ଜୀବନର ଗତିପଥ ଆଜି ବଦଳି ଯାଇଛି ।

ସେଲ୍ୟୁ—ଟିକିଏ ଆଗରୁ ଆସିପାରିଲନି ଆଣ୍ଟାଗୋନସ୍‌···ଆଉ ଟିକିଏ ପରେ ହେଲେନ ହେବ ମହାରାଜା ଚନ୍ଦ୍ରଗୁପ୍ତଙ୍କର ମହିଷୀ··· ସମଗ୍ର ଭାରତବର୍ଷର ରାଜରାଜେଶ୍ୱରୀ ।

ଆଣ୍ଟା—(ହସି) ମୁଁ ସବୁ ଜାଣେ ସମ୍ରାଟ···ସୌଭାଗ୍ୟବତୀ ହେଲେନ୍‌ର ପାଣିଗ୍ରହଣ କରିବା ପାଇଁ ଚନ୍ଦ୍ରଗୁପ୍ତ ହେଉଛନ୍ତି ଏକମାତ୍ର ଯୋଗ୍ୟତମ ବ୍ୟକ୍ତି ।

ସେଲ୍ୟୁ— ବିସ୍ମୟରେ) ଆଣ୍ଟାଗୋନସ୍ !

ଆଣ୍ଟା—ହଁ ସମ୍ରାଟ--ହେଲେନ ଜୀବନର ଏଇ ପବିତ୍ର ମିଳନ ଲଗ୍ନରେ ମୁଁ ତାଙ୍କୁ ଦେବି ମୋର ସସ୍ନେହ ଶୁଭେଚ୍ଛା···ମୋର ଅନ୍ତରର ଆଶୀର୍ବାଦ···ମୁଁ ଦରବାରକୁ ଯିବି ସମ୍ରାଟ ।

ସେଲ୍ୟୁ—ପରିହାସ କରୁନା ତ ଆଣ୍ଟାଗୋନସ୍ ।

ଆଣ୍ଟା—ନା ସମ୍ରାଟ--ଆଜି ବି ମୁଁ ହେଲେନ୍‌କୁ ଭଲପାଏ--ଭାଇ କଣ ତାର ସାନ ଭଉଣୀକୁ ଭଲପାଏନା···ହେଲେନ୍ କଣ ମୋର ଭଉଣୀ ନୁହେଁ ?

ସେଲ୍ୟୁ—ଆଣ୍ଟାଗୋନସ୍‌···ତୁମେ ଏତେ ମହାନ୍—ଏତେ ଉଦାର ।

ଆଣ୍ଟା—ମନେ ଅଛି ସମ୍ରାଟ--ପଚିଶ ବର୍ଷ ତଳର ସେ କାହାଣୀ··· ଯେଉଁଦିନ ଗୋଟିଏ ନିସ୍ସହାୟ ପଲ୍ଲୀବାଳାକୁ ନିଜର ପ୍ରେମରେ ମୁଗ୍ଧ କରି ଧର୍ମାନୁସାରେ ତାର ପାଣି ଗ୍ରହଣ କରିଥିଲେ ? ମନେ ଅଛି ସମ୍ରାଟ, ଯେଉଁଦିନ ସେହି ନିସ୍ସହାୟ ପଲ୍ଲୀବାଳାକୁ ତାର ନବଜାତ ସନ୍ତାନ ସହ ଅସହାୟ ଭାବରେ ପରିତ୍ୟାଗ କରି ଛାଡ଼ି ଚାଲି ଆସିଥିଲେ ?

ସେଲ୍ୟୁ—(ଆଶ୍ଚର୍ଯ୍ୟ ବିସ୍ମୟରେ) ଆଣ୍ଟିଗୋନସ୍ ! ତୁମେ···ତୁମେ ଏ ସବୁ କପରି ଜାଣିଲ ?

ଆଣ୍ଟି—ମୋର ତାଙ୍କ ସହିତ ଦେଖା ହୋଇଥିଲା ।

ସେଲ୍ୟୁ—(ଆବେଗରେ) ଦେଖା ହୋଇଥିଲା ? ତମେ ସତ କହୁଛ ଆଣ୍ଟିଗୋନସ୍···ସେ କେଉଁଠି ଅଛି··· ମତେ ଦୟାକରି ତା ପାଖକୁ ନେଇଚାଲ ଆଣ୍ଟିଗୋନସ୍—ମୋ ପାପର ପ୍ରାୟଶ୍ଚିତ୍ତ ପାଇଁ···ମତେ ନେଇଚାଲ···କୁହ ଆଣ୍ଟିଗୋନସ୍ ସେ ବର୍ତ୍ତମାନ କେଉଁଠି ?

ଆଣ୍ଟି—ଅନେକ ଦୂରରେ···ଗୋଟାଏ ପରିତ୍ୟକ୍ତ ଜୀବନର ମର୍ମଜ୍ୱାଳା ସହ୍ୟକରି ନ ପାରି ସେ ଚିରଦିନ ପାଇଁ ଶାନ୍ତିରେ ଶୋଇଯାଇଛି ···ଆଉ ଆପଣଙ୍କୁ ଝୁରି ଝୁରି ଆଖିରୁ ଝରିଛି ଶ୍ରାବଣର ବନ୍ୟା । ଏଜନ୍ମରେ ଆଉ ତା ସହିତ ଦେଖା ହେବନି ସମ୍ରାଟ ।

ସେଲ୍ୟୁ—ଆଣ୍ଟିଗୋନସ୍···ମୁଁ ଆଜି ଅନୁତପ୍ତ; ଲଜ୍ଜିତ, କିନ୍ତୁ ତୁମେ ···ତୁମେ କିଏ ?

ଆଣ୍ଟି—ମୁଁ ଜଣେ କ୍ରୀତଦାସ--ଭିକ୍ଷୁକ···କିନ୍ତୁ ଜାରଜ ନୁହେଁ ସମ୍ରାଟ —ମୋର ମାତା ମୋର ପିତାଙ୍କୁ ଗ୍ରୀକ୍‌ପ୍ରଥା ଅନୁସାରେ ବିବାହ କରିଥିଲେ ।

ସେଲ୍ୟୁ—କିଏ ? କିଏ ତୁମର ପିତା ?

ଆଣ୍ଟା — ମୋର ପିତା ? ପରିଚୟ ଦେବାକୁ ଲଜ୍ଜାରେ ମୋର ମଥା ନଇଁ ଯାଉଛି···ମୋର ପିତା···ପତ୍ନୀତ୍ୟାଗୀ ସମ୍ରାଟ ସେଲ୍ୟୁକସ୍ ।

ସେଲ୍ୟୁ—ଆଣ୍ଟିଗୋନସ୍···ପୁତ୍ର ମୋର ।

(ଆନନ୍ଦାତିଶଯ୍ୟରେ ଦୁଇ ହାତ ବଢ଼ାଇ ଦେଲେ ଏବଂ ଆଣ୍ଟିଗୋନସ୍ ମଧ୍ୟ ଏକ ଆକୁଳ ଆବେଗରେ ନିଜର ପିତାଙ୍କୁ 'ବାବା' ବୋଲି କହି କୁଣ୍ଢାଇ ପକାଇଲେ)

—ମଞ୍ଚ ଅନ୍ଧକାର—

ଶେଷଦୃଶ୍ୟ

(ମଗଧର ରାଜଦରବାର···ସିଂହାସନର ଚାରିପଟେ ଅମାତ୍ୟବର୍ଗ ଉପସ୍ଥିତ ଥିଲେ । କାତ୍ୟାୟନ, ଚାଣକ୍ୟ ଓ ଆତ୍ରେୟୀ··ଅନ୍ତରାଳରୁ ଶୁଭିଲା "ଜୟ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କର ଜୟ" ପ୍ରବେଶ କଲେ ଚନ୍ଦ୍ରଗୁପ୍ତ··· ପଛେ ପଛେ ହେଲେନ··· ପଛରେ ଦେହରକ୍ଷୀ···ବନ୍ଦୀ ଭୂଷାର ଢଙ୍ଗ···)

ଚାଣକ୍ୟ—(ଚନ୍ଦ୍ରଗୁପ୍ତଙ୍କୁ ପାଖକୁ ଟିକେ ନେଇ) ଆସ ବତ୍ସ···(କହି ଚନ୍ଦ୍ରଗୁପ୍ତଙ୍କୁ ନେଇ ସିଂହାସନରେ ବସାଇଲେ···) ଅନେକ ଦିନ ପରେ ସ୍ୱପ୍ନ ମୋର ଆଜି ସାର୍ଥକ ହୋଇଛି···ମୁଁ ମୋର ସେଦିନର ପ୍ରତିଜ୍ଞା ପୂରଣ କରିଛି ଚନ୍ଦ୍ରଗୁପ୍ତ···ତୁମେ ଆଜି ସମଗ୍ର ଭାରତବର୍ଷର ରାଜରାଜେଶ୍ୱର···ତୁମେ ଆଜି ନିଜ ବାହୁ ବଳରେ ବିଶାଳ ଗ୍ରୀକ୍ ବାହିନୀକୁ ପରାଜିତ କରିଛ, ଯାହା ଅତୀତରେ କୌଣସି ନରପତି କେବେ କଳ୍ପନା ସୁଦ୍ଧା କରିନଥିଲେ···ଭାରତ ଇତିହାସରେ ତୁମର ନାମ ଚିରକାଳ ଲାଗି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଚନ୍ଦ୍ର—ଗୁରୁଦେବ···ଏ ସମସ୍ତ କୀର୍ତ୍ତି ଯେ ଆପଣଙ୍କର···ଆପଣଙ୍କର ମନ୍ତ୍ରୀତ୍ୱ ବିନା ଏସବୁ କଣ ସମ୍ଭବ ? ଏ ଜାତିର ଗୌରବୋଜ୍ଜ୍ୱଳ ଇତିହାସରେ ମହାନ କୂଟନୀତିଜ୍ଞ ଚାଣକ୍ୟ ଯୁଗ ଯୁଗ ପାଇଁ ଅମର ହୋଇ ରହିବେ···ଆପଣଙ୍କର ଅପାର କରୁଣା ହେଉ ମୋ ଜୀବନର ଶ୍ରେଷ୍ଠତମ ପାଥେୟ ।

ଚାଣକ୍ୟ—ବତ୍ସ···ମୁଁ ଆଜି ତୁମକୁ କଲ୍ୟାଣ କରୁଛି ଚନ୍ଦ୍ରଗୁପ୍ତ···ତୁମେ ଦୀର୍ଘାୟୁ ହୁଅ—ଯଶସ୍ୱୀ ହୁଅ···ପ୍ରଜାବତ୍ସଳ ହୁଅ···ଏଇ ମହାନ୍ ଦେଶର ତୁମେ ହେବ ଦିଗ୍‌ଦର୍ଶକ—ପଥପ୍ରଦର୍ଶକ—ଆଜିଠାରୁ ମୋର କାର୍ଯ୍ୟ ଶେଷ ହୋଇ ଯାଇଛି···ମୁଁ ବର୍ତ୍ତମାନ ବିଦାୟ ନେବାକୁ ଚାହେଁ ।

ଚନ୍ଦ୍ର—କାହିଁକି ଗୁରୁଦେବ ? ମୋର ଯଦି କିଛି ଭୁଲ ହୋଇଥାଏ—ମୁଁ ଯଦି କିଛି ଅପରାଧ କରିଥାଏ, ତାହାହେଲେ କ୍ଷମାଗୁଣେ ମାର୍ଜ୍ଜନା କରନ୍ତୁ ଗୁରୁଦେବ···ଚାଣକ୍ୟ ବିନା ଚନ୍ଦ୍ରଗୁପ୍ତର ସ୍ଥିତି ଯେ ମୂଲ୍ୟହୀନ—ଅସମ୍ଭବ । ଏ ବିଶାଳ ସାମ୍ରାଜ୍ୟକୁ ଶ୍ରୀହୀନ କରି ଯାଆନ୍ତୁନି ଗୁରୁଦେବ··· ।

ଚାଣକ୍ୟ—(ସାମାନ୍ୟ ହସି) ଭାରତର ସମ୍ରାଟ ଚନ୍ଦ୍ରଗୁପ୍ତ ନିକଟରେ ଏ ଦୁର୍ବଳତା ଶୋଭା ପାଏନା ବତ୍ସ···ତୁମର କୌଣସି ଅପରାଧ ନାହିଁ ଚନ୍ଦ୍ରଗୁପ୍ତ—ମୁଁ କିନ୍ତୁ ଆଜି କ୍ଳାନ୍ତ, ଅବଶ । ଏତେ ଦିନ ଧରି ମୁଁ ଯାହା କରିଛି ତାହା ବ୍ରାହ୍ମଣର କାର୍ଯ୍ୟ ନୁହେଁ—ଦର୍ପ, ପ୍ରତିହିଂସା, ରକ୍ତପାତ, ନରହତ୍ୟା ଏସବୁ ବ୍ରାହ୍ମଣର ପ୍ରବୃତ୍ତି ନୁହେଁ···ବ୍ରାହ୍ମଣର ଧର୍ମ, କ୍ଷମା, ତିତିକ୍ଷା, ଆତ୍ମବଳୀ ଦାନ ଯେଉଁ ମହାନ ସାମ୍ରାଜ୍ୟ ତୁମେ ତୁମ ବାହୁବଳରେ ଆଜି ସ୍ଥାପନ କରିଛ ତାକୁ ତୁମର ଏଇ ଯୋଗ୍ୟ ମନ୍ତ୍ରୀ କାତ୍ୟାୟନଙ୍କ ସାହାଯ୍ୟରେ ଶାସନ କର···(ମନ୍ତ୍ରୀତ୍ୱ ଅର୍ପଣ କଲେ)

କାତ୍ୟାୟନ—ନା ଚାଣକ୍ୟ—ମୁଁ ପାରିବିନି··ଏ ଗୁରୁଦାୟିତ୍ୱ ବହନ କରିବାର ସାମର୍ଥ୍ୟ ମୋର ନାହିଁ ।

ଚାଣକ୍ୟ—(ହସି) ତୁମେ ପାରିବ କାତ୍ୟାୟନ···ତୁମେ ନିଶ୍ଚୟ ପାରିବ···
ତୁମେ ହିଁ ହେଉଛ ଚାଣକ୍ୟର ସୁଯୋଗ୍ୟ ଉତ୍ତରାଧିକାରୀ···ଆଜି ତୁମର ଶାସନରେ ବିଦଗ୍ଧ ପାଟଳୀପୁତ୍ର ବର୍ଣ୍ଣୋଜ୍ଜ୍ୱଳ ହୋଇ ଉଠିବ ।

କାତ୍ୟାୟନ—ଆଉ ତୁମେ···?

ଚାଣକ୍ୟ—ମୁଁ ଆଉ ଶାସନ କରିବାକୁ ଚାହେଁନା କାତ୍ୟାୟନ···ମୋର ଶାସନ ଦରକାର (ଆତ୍ରେୟୀ ଆଡ଼କୁ ଚାହିଁ ସ୍ମିତ ହସିଲେ) ଆ, ମା, ଏଥର ତୁ ମତେ ଶାସନ କର···ଆଜି ପିତୃତ୍ୱ ମୋର ହାହାକାର କରି ଉଠିଛି···ସ୍ନେହ କାଙ୍ଗାଳ ବାପର ମନ ଆଜି ଟିକିଏ ସ୍ନେହ ପାଇଁ ବ୍ୟାକୁଳ···ଆ, ମା—ତୋର ସ୍ନେହ ବନ୍ଧନରେ ଏ ବୁଢ଼ା ବାପଟାକୁ ବାନ୍ଧିଦେ ମା···

(କହି ଆତ୍ରେୟୀଙ୍କୁ କୋଳରେ ଚାପି ଧରିଲେ)

କାତ୍ୟାୟନ—ଚାଣକ୍ୟ···ଏ ଯେ ଅପୂର୍ବ···ଏ ଯେ ଅନିର୍ବଚନୀୟ···
ସ୍ରଷ୍ଟା ମନରେ ଆଜି ତାର ସୃଷ୍ଟି ପାଇଁ କି ବ୍ୟାକୁଳତା···

ଚାଣକ୍ୟ—ହଁ କାତ୍ୟାୟନ···ମୋ ମା'କୁ ଛାଡ଼ି ମୁଁ ଗୋଟାଏ ମୁହୂର୍ତ୍ତ ବି ରହି ପାରିବିନି···ତାର ସ୍ନେହର କାଙ୍ଗାଳ କାଟି ଲାଗି ଆଜି ମୋର ପାଷାଣ ହୃଦୟ ବି ତରଳି ଯାଉଛି । ମୋ ଜୀବନର ଶୁଷ୍କ ତରୁରେ ମୁଁ ପୁଣି ଥରେ ଅନୁଭବ କରୁଛି ଆଦ୍ୟ ମଳୟର ସ୍ପର୍ଶ···ଚାଲ୍ ମା···ଜୀବନର ଏ ଗୋଧୂଳି ଲଗ୍ନରେ ପୂର୍ଣ୍ଣ ଜ୍ୟୋତ୍ସ୍ନାଲୋକ ଭରି ମୋର ହୃଦୟ ଆକାଶକୁ ଆଲୋକିତ କରିଦେ···ମା, ଜଗଦ୍ଧାତ୍ରୀ ପରି ମୋର ଏଇ ଜୀର୍ଣ୍ଣ ମନ୍ଦିରକୁ ଅଳଂକୃତ ମୋର ହାତଧରି ନେଇ ଚାଲ ମା···ଚାଲ···

(କହି ଆତ୍ରେୟୀର ହାତ ଧରି ଧୀରେ ଧୀରେ ବାହାରି ଗଲେ···)

ଚନ୍ଦ୍ରଗୁପ୍ତ—ଗୁରୁଦେବ···ଗୁରୁଦେବ···

କାତ୍ୟାୟନ – ସେ ଆଉ ଫେରିବେନି ମହାରାଜ···ଦୁନିଆର ସମସ୍ତ କ୍ଷମତା ମୋହକୁ ତୁଚ୍ଛ କରି ସେ ଆଜି ଏକ ଭିନ୍ନ ପଥର ଯାତ୍ରୀ···

ଚନ୍ଦ୍ର—ଆଶ୍ଚର୍ଯ୍ୟ ! ଏତେ ଶୁଷ୍କ ଆବରଣ ଭିତରେ ଅନ୍ତଃସଳିଳା ଫଲଗୁ ଭଳି, ଏତେ ବଡ଼ ହୃଦୟ ଯେ ଲୁଚି ରହିଥିଲା, ତା ମୋର କଳ୍ପନାର ବାହାରେ ଥିଲା କାତ୍ୟାୟନ ।

କାତ୍ୟା—ହଁ ମହାରାଜ—ପ୍ରକୃତି ଆଜି ପ୍ରକୃତିସ୍ଥ, ଚାଣକ୍ୟ ସିନା ଆପଣଙ୍କୁ ଛାଡ଼ି ଚାଲିଗଲେ; କିନ୍ତୁ ଆପଣଙ୍କର ଚଳପଥରେ ଚିରଦିନ ପାଇଁ ଝରୁଥିବ ତାଙ୍କର ସସ୍ନେହ ଆଶିର୍ବାଦ···ହେ ମହାନ୍ କୂଟମନ୍ତ୍ରୀ ଚାଣକ୍ୟ···ତୁମେ ଏକା ମୋର ନୁହଁ—ଏ ଦେଶର—ଏ ଜାତିର ଚିର ନମସ୍ୟ ହୋଇ ରହିବ···(ଚାଣକ୍ୟଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲେ)

ଚନ୍ଦ୍ର—ମହାମନ୍ତ୍ରୀ କାତ୍ୟାୟନ···ଆଜି ଏତେ ବଡ଼ ଆନନ୍ଦରେ ମୁଁ କିନ୍ତୁ ଛାତି ତଳେ ଅନୁଭବ କରୁଛି ଏକ ଅବ୍ୟକ୍ତ ଯନ୍ତ୍ରଣା···ମହାମନ୍ତ୍ରୀ ଚାଣକ୍ୟ ଛାଡ଼ି ଚାଲିଗଲେ···ତାଙ୍କର ଅଭାବ ତୁମେ ପୂର୍ଣ୍ଣ କରିଛ···କିନ୍ତୁ ଯାହାର ଅଭାବରେ ଆଜିର ଜୟଧ୍ୱନି ଏକ ମର୍ମନ୍ତୁଦ ଆର୍ତ୍ତକ୍ରନ୍ଦନ ଧ୍ୱନି ପରି ବୋଧହେଉଛି ତାର ଅଭାବ କେହି ପୂରଣ କରି ପାରିବେନି ମହାମନ୍ତ୍ରୀ ।

କାତ୍ୟା – କିନ୍ତୁ କାହାଲାଗି ଏ ବ୍ୟାକୁଳତା ମହାରାଜ ।

ଚନ୍ଦ୍ର—ଚନ୍ଦ୍ରକେତୁ । ମୋର ପ୍ରାଣର ବନ୍ଧୁ ଚନ୍ଦ୍ରକେତୁ···ଏଇ ବିଜୟ ଉତ୍ସବରେ ସବୁଠାରୁ ବେଶୀ ଆନନ୍ଦିତ ହୋଇଥାନ୍ତା ସେ—ସବୁଠାରୁ ଉଜ୍ଜଳ ହୋଇଥାନ୍ତା ତାର ମୁଖମଣ୍ଡଳ ।

କାତ୍ୟା—ସେଭଳି ବନ୍ଧୁ ଏ ଜଗତରେ ବିରଳ ।

ଚନ୍ଦ୍ର—ତମେ ଠିକ୍ କହୁଛ ମହାମନ୍ତ୍ରୀ···ଯେଉଁ ସଂସାରରେ ଉପକାରର ପ୍ରତ୍ୟୁପକାର ମିଳେନା, ସେଇ ସଂକୀର୍ଣ୍ଣମନା ଦୁନିଆରେ ସେ ନିଜର ସର୍ବସ୍ୱକୁ ତାର ବନ୍ଧୁର ପାଦତଳେ ଅକୁଣ୍ଠିତ ଚିତ୍ତରେ ଅଜାଡ଼ି ଦେଇଥିଲା···ସେ ବନ୍ଧୁତାର ମୂଲ୍ୟ କେହି ହୁଏତ କଳ୍ପନା କରି ପାରିବେନି···ମୁଁ କିନ୍ତୁ ପ୍ରତିଦାନରେ କିଛି ଦେଇପାରିଲିନି କାତ୍ୟାୟନ···ସବୁଦିନ ପାଇଁ ତା ନିକଟରେ ଋଣୀ ରହିଗଲି ।
(ଏହି ସମୟରେ ଆସିଛନ୍ତି ଆଣ୍ଟିଗୋନସ୍···)

ଆଣ୍ଟି—ସମ୍ରାଟଙ୍କର ଜୟ ହେଉ ।

ହେଲେନ୍—ତୁମେ ! ତୁମେ ଏଠି କାହିଁକି ?

ଚନ୍ଦ୍ର— କିଏ ତୁମେ ?

ଆଣ୍ଟି—ଚିହ୍ନି ପାରୁନାହଁ ଚନ୍ଦ୍ରଗୁପ୍ତ ? ମୁଁ କିନ୍ତୁ ତୁମକୁ ଭୁଲିପାରିନି··· ଯାହାର ଖଡ୍ଗ ଆଘାତରେ ଆଣ୍ଟିଗୋନସ୍‌ର ତରବାରି କକ୍ଷଚ୍ୟୁତ ହୁଏ ତାକୁ ଆଣ୍ଟିଗୋନସ୍ କେବେହେଲେ ଭୁଲି-ପାରେନା···ମନେ ଅଛି ଚନ୍ଦ୍ରଗୁପ୍ତ, ସେଦିନ ସିନ୍ଧୁନଦୀ ତଟରେ ତୁମର ତରବାରି ଆଘାତରେ ମୋର ମୁଷ୍ଟିବଦ୍ଧ ତରବାରି ଭୂଲୁଣ୍ଠିତ ହୋଇଥିଲା ?

ହେଲେନ୍—(ରାଗ ଓ ବିରକ୍ତିରେ) କିନ୍ତୁ ତୁମେ ଏଠି କାହିଁକି ?

ଆଣ୍ଟି—(ହସି) ତୁ ରାଗୁଛୁ ଭଉଣୀ ? ଅତୀତର ସବୁ ମାନ, ଅଭିମାନକୁ ଭୁଲି ମୁଁ ଯେ ସୁଦୂର ଗ୍ରୀସରୁ ଧାଇଁ ଆସିଛି ତୋରି ପାଖକୁ— ଆଣିଛି ଗୋଟିଏ ଦରିଦ୍ର ଭାଇର ସ୍ନେହସିକ୍ତ ଉପହାର···

ହେଲେନ୍ — ଭାଇ !

ଆଣ୍ଟି — ହଁ ଭଉଣୀ···ତୋ ପାଇଁ ଆଣିଛି ଏକ ମହାର୍ଘ ଉପହାର—ଆଉ ଆଣିଛି ଭାରତର ମହାମହିମ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ପାଇଁ ଏଇ ସ୍ୱର୍ଣ୍ଣ ମୁଷ୍ଟି ବଦ୍ଧ ଶାଣିତ ତରବାରି···ଗୋଟାଏ ଅକଞ୍ଚନ ଭାଇର ଅଶ୍ରୁସିକ୍ତ ଉପହାର—ନିଅ ଚନ୍ଦ୍ରଗୁପ୍ତ—ଗ୍ରହଣ କର—(ଚନ୍ଦ୍ରଗୁପ୍ତ ତରବାରି ଗ୍ରହଣ କଲେ) ତୁମ ସାମ୍ରାଜ୍ୟର କଲ୍ୟାଣ ପାଇଁ ଆଜିର ବିଜୟ ଉତ୍ସବରେ ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି, ତୁମେ ଯଶସ୍ୱୀ ହୁଅ ।

ଚନ୍ଦ୍ରଗୁପ୍ତ—ଆଣ୍ଟିଗୋନସ୍

ଆଣ୍ଟି—ହଁ ଚନ୍ଦ୍ରଗୁପ୍ତ—ଚିରଦିନ ପାଇଁ ମୁଁ ତୁମ ନିକଟରେ ଋଣୀ ରହିଗଲି—ତୁମେ ମୋର ଯେଉଁ ଉପକାର କରିଛ ତା ମୁଁ ଏ ଜନ୍ମରେ ଭୁଲି ପାରିବିନି···

ଚନ୍ଦ୍ରଗୁପ୍ତ—ଉପକାର···? ମୁଁ ତୁମର ଉପକାର କରିଛି ।

ଆଣ୍ଟି—ହଁ ଚନ୍ଦ୍ରଗୁପ୍ତ ତୁମେ—ତୁମେ ମତେ ସେଦିନ ପିତୃହତ୍ୟା ମହାପାତକରୁ ରକ୍ଷା କରିଛ···

ଚନ୍ଦ୍ରଗୁପ୍ତ—ପିତୃହତ୍ୟା ! କିଏ ତୁମର ପିତା ?

ଆଣ୍ଟି—ଗ୍ରୀକ୍ ସମ୍ରାଟ ସେଲ୍ୟୁକସ···

ହେଲେନ୍—କଣ କହିଲ ଆଣ୍ଟିଗୋନସ୍···ଗ୍ରୀକ ସମ୍ରାଟ ସେଲ୍ୟୁକସ ତୁମର ପିତା···?

ଆଣ୍ଟି—ହଁ ହେଲେନ୍—ମୁଁ ତୋର ଗୋଟାଏ ହତଭାଗା ଭାଇ—

ହେଲେନ୍—ତୁମେ···ତୁମେ ମୋର ଭାଇ !

ଆଣ୍ଟା --ହଁ ଭଉଣୀ···ମୁଁ ତୋର ଭାଇ···ମତେ ଥରେ ଭାଇ ବୋଲି ଡାକ୍ ହେଲେନ୍···ଥରେ ଭାଇ ବୋଲି ଡାକ୍···

ହେଲେନ୍—ଭାଇ—ଭାଇ (କହି ଆଣ୍ଟୋଗୋନସଙ୍କୁ ଛାତିରେ ଚାପି ଧରନ୍ତି ଆନନ୍ଦରେ)

ଆଣ୍ଟା—ଆଜି ମୋର ଜୀବନ ଧନ୍ୟ ହେଇଛି ସମ୍ରାଟ—ମୋ ଜୀବନରେ ଏମିତି ଗୋଟାଏ ମୁହୂର୍ତ୍ତ ଆଉ କେବେ ଆସି ନଥିଲା···

ଚନ୍ଦ୍ରଗୁପ୍ତ—ଆଣ୍ଟୋଗୋନସ୍···

ଆଣ୍ଟା—(ହସି) ହଁ ସମ୍ରାଟ—ତୁମେ ଆଜି ଯେଉଁ ଅମୂଲ୍ୟ ରତ୍ନ ପାଇଛ ତାହା ସଯତ୍ନରେ ବକ୍ଷରେ ଧାରଣ କରିବ ଭାଇ—ତାପରି ରତ୍ନ ଏ ଜଗତରେ ବିରଳ···

ହେଲେନ୍—ଆଜି ମୋର ଏତେ ବଡ଼ ଆନନ୍ଦ ଉତ୍ସବରେ ବାପା; କିନ୍ତୁ ଅଭିମାନ କରି ଆସିଲେନି···ଭାଇ ।

ଆଣ୍ଟା—ସେ ନିଶ୍ଚୟ ଆସିବେ ହେଲେନ୍—ସେ ନିଶ୍ଚୟ ଆସିବେ···ଆଜି ତୋର ମିଳନର ଏଇ ଅମୃତ ଲଗ୍ନରେ ସେ ନିଶ୍ଚୟ ଆସି ତତ୍କ୍ଷଣ ଆଶୀର୍ବାଦ କରିବେ···ତୁ ସୁଖୀ ହୁଅ ଭଉଣୀ—ଦରିଦ୍ର ଭାଇର ଏଇ ହେଉଛି ଆଶୀର୍ବାଦ···

ହେଲେନ୍—ଭାଇ···

ଆଣ୍ଟା—ମୁଁ ଆସୁଛି ଭଉଣୀ···ଆସୁଛି ସମ୍ରାଟ···

(ଚାଲିଗଲେ···ପରେ ପରେ ଆସିଛନ୍ତି ଛାୟା—ହାତରେ ତାଙ୍କର ଏକ ରତ୍ନହାର···)

ଗୁପ୍ତା—ସମ୍ରାଟଙ୍କର ଜୟ ହେଉ…

ଚନ୍ଦ୍ରଗୁପ୍ତ—ତୁମେ…ତୁମେ ଆସିଛ ଗୁପ୍ତା…ଆଜର ଏ ଉତ୍ସବ ମୁଖରିତ ମନୋରମ ସନ୍ଧ୍ୟା ତୁମର ସାନିଧ ଲାଭ କରି ମଧୁମୟ ହୋଇଉଠୁ…

ଗୁପ୍ତା—ନା ସମ୍ରାଟ—ମୁଁ ଭାରତର ରାଜରାଜେଶ୍ୱରୀଙ୍କୁ ମୋର ସାମାନ୍ୟ ଉପହାର ଦେବାକୁ ଆସିଛି…ଅନୁମତି ଦେଲେ ସ୍ୱହସ୍ତରେ ଏ ରତ୍ନହାର ତାଙ୍କ ଗଳାରେ ପିନ୍ଧାଇ ଦେଇ ଚାଲିଯିବି…

ହେଲେନ୍—ଚାଲିଯିବ ? କୁଆଡ଼େ ଯିବ ଗୁପ୍ତା ?

ଗୁପ୍ତା—ଏତେବଡ଼ ସଂସାରରେ କଣ ସନ୍ୟାସିନୀ ଗୁପ୍ତା ପାଇଁ ସାମାନ୍ୟ ସ୍ଥାନ ନାହିଁ…ଭଉଣୀ ?

ହେଲେନ୍—(ହସି) ଆଉ ସେ ସ୍ଥାନ ମୁଁ ତୁମକୁ ଦେଖାଇ ଦେବି—(ଗୁପ୍ତାର ହାତ ଧରି) ଆସ ଭଉଣୀ ଆମେ ଦୁଇଟି ନଦୀ—ଗୋଟିଏ ସାଗରରେ ଲୀନ ହୋଇଯିବା…

ଗୁପ୍ତା—ନା…ନା ଭଉଣୀ ତା ହୋଇପାରେନା…ତୁମେ…ତୁମେ ସୁଖୀ ହୁଅ—ଚନ୍ଦ୍ରଗୁପ୍ତଙ୍କ ସହିତ ତୁମ ଜୀବନ ମଧୁମୟ ହେଉ—(କହି ହାର ପିନ୍ଧାଇବାକୁ ଯାଉଥିଲେ…ହେଲେନ୍ ଧରିନେଲେ)

ହେଲେନ୍—ତୁମେ ଭୁଲ କରୁଛ ଭଉଣୀ—ଏ ହାର କାହାକୁ ପିନ୍ଧାଇବାକୁ ହୁଏ ମୁଁ ତା ତୁମକୁ ଦେଖାଇ ଦେବି…(କହି ଗୁପ୍ତାର ଦୁଇ ହାତଧରି ରତ୍ନହାରକୁ ଚନ୍ଦ୍ରଗୁପ୍ତଙ୍କ ଗଳାରେ ଲମ୍ବାଇ ଦେଲେ) ତୁମେ ଆଜଠାରୁ ମୋର ଭଉଣୀ ଗୁପ୍ତା—ଆମେ ଦୁଇଟି ନଦୀ, ସେ ଗୋଟିଏ ସାଗର—ଗୋଟିଏ ବୃନ୍ତରେ ଆମେ ଦୁଇଟି କଳିକା—

ଚନ୍ଦ୍ରଗୁପ୍ତ—ହେଲେନ୍...ସ୍ଥୁପ୍ସା...

କାତ୍ୟାୟନ—ଧନ୍ୟ ହେଲେନ୍—ତୁମର ଏ ମହାନ ଉଦାରତା ପାଇଁ ନାରୀ ଜାତିର ଅମ୍ଳାନ ଇତିହାସରେ ତୁମେ ଚିରଦିନ ପାଇଁ ନମସ୍ୟା ହୋଇ ରହିଯିବ । (ଆସିଛନ୍ତି ମୁରା)

ମୁରା—ସମ୍ରାଟ ଚନ୍ଦ୍ରଗୁପ୍ତଙ୍କର ମଙ୍ଗଳ ହେଉ...

ଚନ୍ଦ୍ରଗୁପ୍ତ—ମା...

(ଚନ୍ଦ୍ରଗୁପ୍ତ—ସ୍ଥୁପ୍ସା ଓ ହେଲେନ୍ ମୁରାଙ୍କୁ ପ୍ରଣାମ କରୁଛନ୍ତି...)
ଯଶସ୍ୱୀ ହୁଅ ବତ୍ସ...ସୌଭାଗ୍ୟବତୀ ହୁଅ (ସ୍ଥୁପ୍ସା ଓ ହେଲେନ୍‌ଙ୍କୁ) ଆଜି ଅନେକ ଦିନ ପରେ ସ୍ୱପ୍ନ ମୋର ସାର୍ଥକ ହୋଇଛି—ଶୁଦ୍ରାଣୀ ମୁରାର ପୁଅ ଆଜି ଭୁବନବିଜୟୀ ସମ୍ରାଟ ଚନ୍ଦ୍ରଗୁପ୍ତ—ଏହାଠାରୁ ବଳି ଗୌରବ ମୋ ଜୀବନରେ ଆଉ କେବେ ଆସିବନି—ଆ ମା ହେଲେନ୍...ଆ ମା ସ୍ଥୁପ୍ସା, ଲକ୍ଷ୍ମୀ ମା ମୋର—ତୁମ ଗୁଣର ସୌରଭରେ, ମହିମାମୟତାର ମହତ୍ତ୍ୱରେ, ଏଇ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷକୁ ଆଲୋକିତ କର...ଗୌରବାନ୍ୱିତ କର । ଚନ୍ଦ୍ରଗୁପ୍ତ ସହିତ ତୁମର ଜୀବନ ମଧୁମୟ ହେଉ—ସୁରଭିତ ହେଉ । ଦୁଃଖିନୀ ମା'ର ଏଇ ହେଉଛି ସସ୍ନେହ ଆଶୀର୍ବାଦ...

ଚନ୍ଦ୍ରଗୁପ୍ତ—ମା' ତୁମର ଏଇ ସସ୍ନେହ ଆଶୀର୍ବାଦ ହେଉ ଆମ ଜୀବନର ରକ୍ଷା କବଚ—ଆଉ ତୁମର ନାମର ମଧୁର ସ୍ମୃତିକୁ ସଞ୍ଜୀବିତ କରିବାକୁ ଯାଇ ଆଜିଠାରୁ ଏଇ ରାଜବଂଶର ନାମ ହେବ 'ମୌର୍ଯ୍ୟ ବଂଶ'—ଯୁଗ ଯୁଗ ଧରି ଆଗାମୀ ଯୁଗର ଲକ୍ଷ କୋଟି ମାନବ ମୌର୍ଯ୍ୟ ବଂଶରେ ଯଶଗାନ କରିବ—ଶୁଦ୍ରାଣୀ ମୁରାର ଜୟଗାନ କରିବ ।

କାତ୍ୟାୟନ—ଧନ୍ୟ ଧନ୍ୟ ତୁମେ ଚନ୍ଦ୍ରଗୁପ୍ତ—ଧନ୍ୟ ତୁମର ମାତୃଭକ୍ତି—

ମୁରା—(ଗୁଣକ୍ୟଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ପ୍ରଣାମ କରି) ଧନ୍ୟ ଗୁରୁଦେବ···ଆଜି ଆପଣଙ୍କର ଭୀଷ୍ମ ପ୍ରତିଜ୍ଞା ପୂରଣ ହୋଇଛି—ଶୁଦ୍ରାଣୀ ମୁରାର ପ୍ରଣାମ ଗ୍ରହଣ କରନ୍ତୁ ଗୁରୁଦେବ···

ସମସ୍ତେ—ମୌର୍ଯ୍ୟ ରବି ସମ୍ରାଟ ଚନ୍ଦ୍ରଗୁପ୍ତଙ୍କର ଜୟ (୩ ଥର—ବାଦ୍ୟ ବାଜି ଉଠିଛି—ଏହି ସମୟରେ ଆସିଛନ୍ତି ସେଲ୍ୟୁକସ—ଦୂରରେ ରହି ଗ୍ରୀକ୍ ପ୍ରଥାରେ ଆଶୀର୍ବାଦ କରିଛନ୍ତି—ଭାସି ଆସୁଥାଏ ବାଦ୍ୟଧ୍ୱନିର ତାଳେ ତାଳେ "ମୌର୍ଯ୍ୟରବି ସମ୍ରାଟ ଚନ୍ଦ୍ରଗୁପ୍ତଙ୍କର ଜୟ"।

— ଯବନିକା —

❋ ସମାପ୍ତ ❋

—ପ୍ରକାଶ ଅପେକ୍ଷାରେ—

ଓଡ଼ିଆ ଭାଷାରେ ସର୍ବ ପ୍ରଥମ ଥର ପାଇଁ ରଚିତ ଓଡ଼ିଶାର ରଙ୍ଗମଞ୍ଚରେ

ସର୍ବ ପ୍ରଥମ ଥର ପାଇଁ ସୁପର ଫାଷ୍ଟ ଟେକ୍‌ନିକରେ ଅଭିନୀତ

ଯୁଗାନ୍ତକାରୀ ସାମାଜିକ ନାଟକ

"ମହାକାଳର ତୂର୍ଯ୍ୟନାଦ"